R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ

ସଂଖ୍ୟା : ୩୨୦

ତିଥି : ପଞ୍ଚମୀ

୨୮ ଅଗଷ୍ଟ ୨୦୨୫, ଗୁରୁବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur



ନୂଆଁଖାଇ ଜୁହାର

## ଚାଷୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନୂଆଖାଇ ଭେଟି

# ଅନ୍ନଦାତାଙ୍କ ଉନ୍ନତି ବିନା ରାଜ୍ୟ ପ୍ରଗତି ଅସମ୍ଭବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭ ।୮ (ସବ୍ୟୁ) : ନୂଆଁଖାଇ ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ରବି ୨୦୨୫-୨୬ ପାଇଁ ସି ଏମ୍ କିଷାନ ସହାୟତା ରାଶି ପ୍ରଦାନର ରାଜ୍ୟସ୍ତରୀୟ ଉତ୍ସବ ଓ୍ୟୁଏଟି ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସି ଏମ୍ କିଷାନ ସହାୟତାର ତୃତୀୟ କିସ୍ତି ରେ ୫୧ ଲକ୍ଷ ୫୪ ହଜାର ୧୧୫ ଜଣ କ୍ଷୁଦ୍ର, ନାମମାତ୍ର ଚାଷୀ, ଭୂମିହୀନ କୃଷକ ପରିବାର, ଅନୁକୂତ ଜନଜାତି ସମୂହ ଓ ସହରାଞ୍ଚଳର କୃଷକଙ୍କୁ ଡି. ବି.ଟି ମାଧ୍ୟମରେ ମୋଟ ୧୦୪୧ କୋଟି ଟଙ୍କା ପ୍ରଦାନ କରିଛନ୍ତି ।



ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ରେ ପ୍ରାୟ ୫୯ କୋଟି ଟଙ୍କା ବ୍ୟୟରେ ଏକ 'କୃଷକ ଭବନ' ଏବଂ କୃଷି ଶିକ୍ଷା ସଦନର ଏକ 'ଅଭ୍ୟର୍ଥନା ଗୃହ' ଉଦଘାଟନ ମଧ କରିଛନ୍ତି ଏବଂ କୃଷକ ପଞ୍ଜିକରଣ ଅବଧି ବୃଦ୍ଧି କରିବା ପାଇଁ ଖୁବ ଶୀଘ୍ର ଘୋଷଣା ହେବ ବୋଲି କହିଛନ୍ତି ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି

### ୫୧ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ଗଲା ୧୦୪୧.୨୯ କୋଟି

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଆସିବା ମାତ୍ରେ ଚାଷୀ ମାନଙ୍କ ପ୍ରସଙ୍ଗକୁ ଗୁରୁତ୍ୱର ସହିତ ବିଚାରକୁ ନେଇଥିଲେ। ତେଣୁ, ତୁରନ୍ତ ପ୍ରଥମ କ୍ୟାବିନେଟରେ ନିର୍ବାଚନ ପ୍ରତିଶ୍ରୁତି ମୁତବକ ସମୃଦ୍ଧ କୃଷକ (୯ ପୃଷ୍ଠାରେ)

## ଟ୍ରମ୍ପ ପ୍ରଶାସନ ପକ୍ଷରୁ ଭାରତରୁ ଆମେରିକା ରପ୍ତାନୀ ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗୁ

# କ୍ଷତି ହେବ ୬୦.୨ ବିଲିୟନ ଡଲାର

ନୂଆଦିଲ୍ଲୀ, ୨୭ ।୮ : ଭାରତରୁ ଆମେରିକାକୁ ରପ୍ତାନୀ ସାମଗ୍ରୀ ଉପରେ ୫୦% ଚଢ଼ା ଶୁଳ୍କ ଟ୍ରମ୍ପ ପ୍ରଶାସନ ଲଗାଇଛନ୍ତି । ଭାରତୀୟ ସମୟ ସକାଳ ୯.୩୧ରୁ ଏହା କାର୍ଯ୍ୟକାରୀ ହୋଇଛି । ଫଳରେ ଚିଙ୍ଗୁଡି, ମଣି ଏବଂ ଅଳଙ୍କାର, କପଡା-ପୋଷାକ, କାରପେଟ୍, ଚମଡା ଏବଂ ଯୋତା, କୃଷି ଏବଂ ପ୍ରକ୍ରିୟାକରଣ ଖାଦ୍ୟ ଉପରେ ଏହି ଶୁଳ୍କ ଲାଗିବ । ତେବେ ଇତି ମଧ୍ୟରେ ଆମେରିକାର ଟ୍ରେଜେରୀ ସଚିବ ସ୍କଟ୍ ବେସେଣ୍ଟ କହିଛନ୍ତି ଯେ ବର୍ତ୍ତମାନ ଉଭୟ ଦେଶ ମଧ୍ୟରେ ଅଡୁଆ ସ୍ଥିତି ରହିଛି । ତେବେ ମୋର ବିଶ୍ୱାସ ଯେ ଦୁଇ ଦେଶ ଶେଷ ବେଳକୁ ଏକାଠି ରହିବେ ।

ଅତିରିକ୍ତ ୨୫% ଶୁଳ୍କ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଭାରତ ଋଷରୁ ତେଲ କିଣୁଥିବାରୁ ଲାଗୁ କରାଯାଇଛି । ବର୍ତ୍ତମାନ ଶୁଳ୍କ ୫୦% ହୋଇଛି । ବେସେଣ୍ଟ କହିଛନ୍ତି ଯେ ନୂଆଦିଲ୍ଲୀ ପକ୍ଷରୁ ବୁଝାମଣା ପାଇଁ କୌଣସି ସକରାତ୍ମକ ପଦକ୍ଷେପ ନିଆଗଲା ନାହିଁ। ଦ୍ୱିପାକ୍ଷିକ କଥାବାର୍ତ୍ତାରେ ଅସହମତି ରହିଲା । ତେବେ ବୁଝାମଣା ଆରମ୍ଭ ହେବ ଏବଂ ଖୁବ୍‌ଶୀଘ୍ର କିଛି ନିଷ୍ପତ୍ତି ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଟ୍ରମ୍ପଙ୍କ ମଧ୍ୟରେ ଭଲ ସମ୍ପର୍କ (୯ ପୃଷ୍ଠାରେ)




## ସୁବର୍ଣ୍ଣରେଖା ବନ୍ୟା ନେଲା ୪ ଜୀବନ

ଭୋଗରାଇ, ୨୭ ।୮ (ସବ୍ୟୁ): ଚଳିତ ଋତୁରେ ସୁବର୍ଣ୍ଣରେଖା ୪ ଜଣଙ୍କର ଜୀବନ ନେଲାଣି । ଏହି ନଦୀର ପ୍ରଥମ ବନ୍ୟାରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ୧ ଜଣ ଯୁବକର ପ୍ରାଣ ଯାଇଥିବାବେଳେ ଭୋଗରାଇ ବ୍ଲକର ବୁଧବାର ସୁଦ୍ଧା ୩ ଜଣଙ୍କର ଜୀବନ ଗଲାଣି । ଏଥି ମଧ୍ୟରୁ ୩ ଜଣ ଯୁବକ ଥିବାବେଳେ ଅନ୍ୟଜଣେ ବୃଦ୍ଧ ଅଛନ୍ତି । ମଙ୍ଗଳବାର ସକାଳେ ଭୋଗରାଇ ବ୍ଲକ ନଦୀକୂଳିଆ ଗାଁ ଅଡଙ୍ଗପନ୍ତେଇ ଗ୍ରାମର ଜଣେ ଯୁବକଙ୍କୁ ମୃତାବସ୍ଥାରେ ଓଡ୍ରାଫ ଟିମ ଉଦ୍ଧାର କରିଥିବାବେଳେ ଉକ୍ତଗ୍ରାମର ବୈକୁଣ୍ଠ ମାଝୀ ନାମକ (୭୬) ବୃଦ୍ଧଙ୍କୁ ମଧ ରାତ୍ରିରେ ଘର ଲୋକେ ପାଣିରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଜଳେଶ୍ୱରପୁର ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା (୯ ପୃଷ୍ଠାରେ)

## କଟକ ରେଳଷ୍ଟେସନ ପ୍ଲାଟଫର୍ମ ସେଡ୍ ଭୁଶୁଡିଲା

କଟକ, ୨୭। ୮(ସବ୍ୟୁ) : କଟକ ରେଳଷ୍ଟେସନ ନବିକରଣ କାର୍ଯ୍ୟ ଚାଲିଥିବା ବେଳେ ଆଜି ଏକ ଅଘଟଣ ଘଟିଛି । ରେଳଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମ ଉପରକୁ ଭଙ୍ଗାଯାଉଥିବା ଏକ ପୁରୁଣା କୋଠାର ବୃହତ୍ତ କାନ୍ଥ ହଠାତ ଗଳିପଡିଥିଲା । ଫଳରେ ପ୍ଲାଟଫର୍ମ ସେଡ୍ ଭାଙ୍ଗିପଡି ୧ନମ୍ବର ରେଳଧାରଣା ଉପରକୁ ଖସିପଡିଥିଲା । ଏହି ଦୁର୍ଘଟଣାରେ କୌଣସି ଧନଜୀବନ ହାନି ହୋଇନଥିବା ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି । (୯ ପୃଷ୍ଠାରେ)



## ଆଜି ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ

ସମ୍ବଲପୁର, ୨୭ ।୮ (ସବ୍ୟୁ): ରାତି ପାହିଲେ ପଶ୍ଚିମ ଓଡିଶାର ମହାନ୍ କୃଷିଭିତ୍ତିକ ପର୍ବ ନୂଆଁଖାଇ ପାଳିତ ହେବ। ଏଥିପାଇଁ ସମୟ ନିର୍ଘଣ୍ଟ ଧାର୍ଯ୍ୟ ହୋଇଛି। ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ଠାରେ ପୂର୍ବାହ୍ନ ୧୦ଟା ୩୩ରୁ ୧୦ଟା ୫୫ ମିନିଟ୍ ମଧ୍ୟରେ ନୂଆଁ ଲାଗି ହେବ। ଏଥିପାଇଁ ବଲବସପୁରରୁ ନୂଆଁ ଧାନ ଆସିଥିବା ବେଳେ ବୁଧବାର ମାଁଙ୍କ ପାଇଁ ଭାର ଆସିଛି । ମାଁଙ୍କ ଠାରେ ନୂଆଁ ଲାଗି ପରେ ପ୍ରତି ପରିବାର ନୂଆଁ ଖାଇବେ। ଏହାପରେ ଜୁହାର ଭେଟ କାର୍ଯ୍ୟକ୍ରମ ରହିଛି । ସଂନ୍ଧ୍ୟାରେ ବିଭିନ୍ନ ପଡା ଓ ଅନୁଷ୍ଠାନ ପକ୍ଷରୁ ଭେଟଘାଟର କାର୍ଯ୍ୟକ୍ରମ ଆୟୋଜିତ ହେବ। ପଞ୍ଚବାଦ୍ୟରେ ଦୁଲୁକିବ ପଶ୍ଚିମଓଡିଶା । ସମ୍ବଲପୁରୀ ନାଚଗୀତ ଓ ବିବିଧ ପ୍ରତିଯୋଗିତାମାନ ରହିଛି। ଏହି ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଯାଇଛି ।

ପଶ୍ଚିମ ଓଡ଼ିଶାରେ ପ୍ରକୃତି ପୂଜାର ପରମ୍ପରା ମଧ୍ୟରେ ନୂଆଁଖାଇର ମହତ୍ୱ ଗୁରୁତ୍ୱ ବହନ କରି ଆସିଛି । ନୂଆଁ ଧାନର ଚାଉଳରୁ ପ୍ରସ୍ତୁତ ଅନ୍ନ ଓ ଅନ୍ୟାନ୍ୟ ଖାଦ୍ୟଦ୍ରବ୍ୟକୁ ସହର, ଗ୍ରାମ ଓ ଘର ଗୁଡିକରେ ଇଷ୍ଟ ଦେବାଦେବୀଙ୍କ ଠାରେ ଅର୍ପଣ କରାଯାଏ। ତାପରେ (୯ ପୃଷ୍ଠାରେ)

## ଆସନ୍ତା ୭ରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ

ଭୁବନେଶ୍ୱର, ୨୭ ।୮ (ସବ୍ୟୁ) : ରାଜ୍ୟସ୍ତରୀୟ କର୍ମବୀର ବସନ୍ତ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ସେପ୍ଟେମ୍ବର ୭ ତାରିଖ ସନ୍ଧ୍ୟା ୬ ଘଟିକାରେ ଜୟଦେବ ଭବନରେ

### ରାଜ୍ୟସ୍ତରୀୟ କର୍ମବୀର ବସନ୍ତ ବିଶ୍ୱାଳ ସ୍ମୃତି କମିଟି ପୁନର୍ଗଠିତ

ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ, ନବଓଡ଼ିଶା ନିର୍ମାଣର ଅନ୍ୟତମ ବିନ୍ଧାଣୀ ତଥା ସୁନାମଧନ୍ୟ (୯ ପୃଷ୍ଠାରେ)



## ବୈଷ୍ଣୋଦେବୀ ଯାତ୍ରା ମାର୍ଗରେ ଭୂସ୍ଖଳନ : ୩୬ ମୃତ

ନୂଆଦିଲ୍ଲୀ, ୨୭ ।୮ : ଜମ୍ମୁ-କାଶ୍ମୀରରେ ପ୍ରକୃତିର ତାଣ୍ଡବ ଦେଖିବାକୁ ମିଳିଛି । ବୈଷ୍ଣୋଦେବୀ ଯାତ୍ରା ମାର୍ଗରେ ଭୂସ୍ଖଳନ ହେବା ଯୋଗୁ ପ୍ରାୟ ୩୬ ଲୋକଙ୍କର ଜୀବନ ହାନି ଘଟିଛି । ବହୁ ଲୋକ ମଧ୍ୟ ଆହତ ହୋଇଛନ୍ତି । ବୁଧବାର ମଧ୍ୟ ଜମ୍ମୁ-କାଶ୍ମୀରର ଅର୍ଦ୍ଧକୁମାରୀ ନିକଟରେ ବ୍ୟାପକ ବର୍ଷା ହୋଇଛି । ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ତେବେ ଅଧିକାଂଶ ଲୋକ ଏବେ ଚାପିହୋଇ ରହିଥିବା ସନ୍ଦେହ କରାଯାଉଛି ।

ଜମ୍ମୁ-କାଶ୍ମୀରରେ ପ୍ରବଳ ବର୍ଷା ହୋଇଥିବାରୁ ଆକସ୍ମିକ ବନ୍ୟା ଓ ଭୂସ୍ଖଳନ ବିପଦ ବଢ଼ିଛି । ଜମ୍ମୁର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିଗୁଡ଼ିକର ବହୁ କ୍ଷତି ହୋଇଛି । ପୋଲ ଭାଙ୍ଗିଯିବା ସହ ବିଦ୍ୟୁତ୍ ସଂଯୋଗ ଓ ମୋବାଇଲ ଟାୱାରଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ପ୍ରାୟ ୩୫୦୦ ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଇଛି । ଜମ୍ମୁରେ ଗତ ୨୪ ଘଣ୍ଟାରେ ୨୯୬ ମିମି ବର୍ଷା ରେକର୍ଡ କରାଯାଇଛି । ୧୯୭୩ ଅଗଷ୍ଟ ୯ରେ ଏଠାରେ ସର୍ବାଧିକ ବର୍ଷା ପରିମାଣ ୨୭୨.୬% ଥିଲା । ଏହି ରେକର୍ଡ ଏବେ ଭାଙ୍ଗିଛି । ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ଜିଲ୍ଲା ପ୍ରଶାସନ, ଜମ୍ମୁ-କାଶ୍ମୀର ପୋଲିସ, ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆରଏଫ୍, ଭାରତୀୟ ସେନା ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି । ଦକ୍ଷିଣ କାଶ୍ମୀରର ଝେଲମ ନଦୀରେ ବନ୍ୟା ସତର୍କତା ଜାରି କରାଯାଇଛି । ଜମ୍ମୁ ଓ ସାମ୍ବାରେ ୨୦ ରୁ ୩୦ଟି ତଳିଆ ଅଞ୍ଚଳରେ (୯ ପୃଷ୍ଠାରେ)

## ଗଣେଶ ପୂଜାରେ ଶିକ୍ଷକ ଓ ଛାତ୍ରଙ୍କ ମୃତ୍ୟୁ

ଢ଼େଙ୍କୀକୋଟ/ନୀଳଗିରି, ୨୭ ।୮ (ସବ୍ୟୁ): ବୁଧବାର ପିବତ୍ର ଗଣେଶ ପୂଜା ଅବସରରେ ପୃଥକ ସ୍ଥାନରେ ଅଘଟଣ ଘଟି ଜଣେ ଶିକ୍ଷକ ଓ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି । କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ସଲେଇକେନା ସରକାରୀ ଉଚ୍ଚ ପ୍ରାଥମିକ (୯ ପୃଷ୍ଠାରେ)

DADLS- 47



|| ନୂଆଁଖାଇ-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ||

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍‌ପାଟି)



ନୂଆଁଖାଇ ଜୁହାର୍ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ତିହାର୍ ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍ ।

ନୂଆଁ ଧାନ୍ କେ ନିଜର୍ ଇଷ୍ଟ ଦେବାଦେବୀଙ୍କୁ ସମର୍ପିକରି ସଭେ ମିଶିକରି ନୂଆଁ ଖାଏବାର୍ ପରମ୍ପରା ''ନୂଆଁଖାଇ ତିହାର୍'' ହେଉଛେ ଆମର୍ ସଂସ୍କୃତି, ସମୃଦ୍ଧି ଆର୍ ଏକତାର୍ ପ୍ରତୀକ୍ ।

ନୂଆଁ ଆଶା ନେଇକରି ଆସିଥିବାର୍ ଇ ତିହାର୍ ସମକର୍ ଜୀବନଥି ସୁଖ, ଶାନ୍ତି ଆର୍ ସମୃଦ୍ଧି ଭରିଦେଉ, ଇଟା ହିଁ ମୁଇଁ ମାଁ ସମଲେଇଙ୍କର ପାହାତଳେ ଗୁହାରି କରୁଛେଁ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0977/2526



# ନବାନ୍ନ ଓ ନାରୀ ଚେତନା

ଅନ୍ନ ହେଉଛି ସ୍ୱୟଂ ବ୍ରହ୍ମ । ଶ୍ରୀମଦ୍ ଗୀତାରେ ଶ୍ରୀକୃଷ୍ଣ ମଧ୍ୟ ଅର୍ଜୁନଙ୍କୁ କର୍ମଯୋଗରେ ସବିଶେଷ ଭାବରେ ଅନ୍ନ ବିଷୟରେ ବ୍ୟାଖ୍ୟାନ କରିଛନ୍ତି । ଓଡ଼ିଶାପରି କୃଷିପ୍ରଧାନ ରାଜ୍ୟରେ ନୂଆଁଖାଇ ବା ନବାନ୍ନର ଯଥେଷ୍ଟ ଗୁରୁତ୍ୱ ରହିଛି । କେବଳ ପଶ୍ଚିମ ଓଡ଼ିଶାରେ ଏହା ବିଶେଷ ଭାବେ ପାଳିତ ହେଉଥିଲେ ମଧ୍ୟ ସଂପ୍ରତି ଏହା ରାଜ୍ୟର ବିଭିନ୍ନ ଜିଲ୍ଲାରେ ଭକ୍ତିପୂତ ପରିବେଶରେ ଅନୁଷ୍ଠିତ ହେଉଛି । କେବଳ ସେତିକି ନୁହଁ ରାଜ୍ୟ ବାହାରେ ମଧ୍ୟ ପ୍ରବାସୀ ଓଡ଼ିଆମାନେ ଏହାକୁ ଆନନ୍ଦର ସହ ପାଳନ କରୁଛନ୍ତି । ଶସ୍ୟପୂଜା ହେଉଛି ନବାନ୍ନର ମୂଳଭିତ୍ତି । ଅନ୍ନ ବା ଖାଦ୍ୟ ହେଉଛି ଈଶ୍ୱର । ଜୀବନର ପ୍ରତିଟି ପର୍ଯ୍ୟାୟରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡ଼ିଆର ଚିନ୍ତା ଓ ଚେତନାରେ ନବାନ୍ନ ବା ନୂଆଁଖାଇର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ତତୋଧିକ ଆଧ୍ୟାତ୍ମିକ ଭାବଧାରାରେ ପରିପୂର୍ଣ୍ଣ । ପଶ୍ଚିମ ଓଡ଼ିଶାରେ ସ୍ୱତନ୍ତ୍ର ରୀତିନୀତିରେ ପାଳିତ ହେଉଥିବା ନୂଆଁଖାଇରେ ସ୍ୱତନ୍ତ୍ରତା ରହିଛି । ନୂଆଁଖାଇ ସମଗ୍ର ପଶ୍ଚିମାଞ୍ଚଳ ପାଇଁ ମହାପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ । ନବାନ୍ନର ମୁହୂର୍ତ୍ତ ନିର୍ଣ୍ଣୟ







କରିବାର ପଦ୍ଧତି ମଧ୍ୟ ପ୍ରାଚୀନ ଓ ପରମ୍ପରାରେ ପରିପୂର୍ଣ୍ଣ । ନବାନ୍ନର ଯଥେଷ୍ଟ ପୂର୍ବରୁ ନୂତନ ଧାନ ସଂଗ୍ରହ କରାଯାଇ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ । ପରିବାରର ବୋହୂମାନେ ସ୍ନାନକର୍ମ ଶେଷକରି ପୂଜାସ୍ଥାନ ଓ ଘରର ପ୍ରତିଟି କ୍ଷେତ୍ରକୁ ପରିଷ୍କାର କରିଥାନ୍ତି । ପରିବାରର ଆର୍ଥିକ ସ୍ଥିତିକୁ ଦେଖି ମହିଳାମାନେ ପିଠାପଣା, କ୍ଷୀରି ଓ ଖେଚୁଡ଼ି ସହ ପୂଜା ସାମଗ୍ରୀ ତିଆରି କରିଥାନ୍ତି । ନବାନ୍ନ ପ୍ରସ୍ତୁତିରେ ମହିଳାଙ୍କ ଭୂମିକା

## ନୂଆଁଖାଇ ଜୁହାର

ଗୁରୁତ୍ୱପୂର୍ଣ୍ଣ । ନବାନ୍ନ ପୂଜା ସମୟରେ ସର୍ବପ୍ରଥମେ ଘରର ଇଷ୍ଟଦେବ ବା ଦେବୀଙ୍କ ସହ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ । ପୂଜାଘରେ ସମସ୍ତେ ପ୍ରସାଦ ସେବନ କରି ନିଜ ଭିତରେ ପ୍ରେମର ଫଲ୍‌ଗୁକୁ ସମସ୍ତଙ୍କ ପାଖରେ ବିତରଣ ପାଇଁ ସଂକଳ୍ପବଦ୍ଧ ହୁଅନ୍ତି । ପ୍ରସାଦ ସେବନ ପରେ ଘରେ ଇଷ୍ଟଦେବୀଙ୍କୁ ଦର୍ଶନ କରି କନିଷ୍ଠମାନେ ପରିବାରର ବରିଷ୍ଠ ଓ ବୟୋଜ୍ୟେଷ୍ଠମାନଙ୍କୁ ଭୂମିଷ୍ଠ ପ୍ରଣାମ କରିଥାନ୍ତି । ଅଥର୍ବ ବେଦର ତଥ୍ୟ ଅନୁଯାୟୀ ଭାଇ ଭାଇ ଭିତରେ ଦ୍ୱେଷ ନରହୁ, ଭଉଣୀ ଭଉଣୀକୁ ଘୃଣା ନକରି ସ୍ନେହ କରୁ । ସମସ୍ତଙ୍କ ଭିତରେ ସଦ୍ ଜ୍ଞାନ




ଜାତ ହେଉ, ସମସ୍ତେ ନିର୍ମଳ ଚିତ୍ତ ହୋଇ ଜଳ ଓ ଅନ୍ନର ସାମଗ୍ରୀ ସମାନ ହେଉ । ନବାନ୍ନର ଏହି ମହାନ୍ ସାଂସ୍କୃତିକ ବାଣୀ ଅଥର୍ବବେଦର ଭାଷାରେ 'ମା ଭ୍ରାତା ଭ୍ରାତରଂ ଦ୍ୱିଷନ୍, ମୋ ସ୍ୱସାରମୁତ ସ୍ୱସା ।' ପାରିବାରିକ କ୍ଷେତ୍ରରେ ସୌହାର୍ଦ୍ଦ୍ୟ ସଂହତି ସ୍ଥାପନ ଓ ସାମାଜିକ କ୍ଷେତ୍ରରେ ମାତୃସମାଜର ମହନୀୟତା ପରିସ୍ଫୁଟିତ ହୋଇଥାଏ । ନବାନ୍ନ ପ୍ରସ୍ତୁତି ଠାରୁ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସବୁଠି ମହିଳାଙ୍କ ଭୂମିକା ରହିଛି । ନବାନ୍ନ ପରମ୍ପରାରେ ନାରୀ ସମାଜର ସେବା, ଭଲ ପାଇବା ଓ ଆଦର୍ଶର ପରାକାଷ୍ଠା ସମସ୍ତଙ୍କ ପାଇଁ ଆଦର୍ଶଣୀୟ ହୋଇପାରିଥାଏ । ଅନ୍ନ ପ୍ରସ୍ତୁତି ଠାରୁ ସଂସାର ପରିଚାଳନାରେ ନାରୀର ଭୂମିକା ନିହିତ । ପରିବାରର ସମସ୍ତ ଦାୟିତ୍ୱ ନିର୍ବାହ କରୁଥିବା ମହିଳାମାନେ ନବାନ୍ନରେ ନିଜର ଦାୟିତ୍ୱବୋଧକୁ ସୁଚାରୁରୂପେ ସମ୍ପାଦିତ କରିଥାନ୍ତି । ଘରର ବୟୋଜ୍ୟେଷ୍ଠଙ୍କ ଠାରୁ କନିଷ୍ଠ ପିଲାଙ୍କ ପାଇଁ ଘରର ମହିଳା ମାନଙ୍କ ଭୂମିକା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ ।

ଡ଼ଃ. ଅରୁନ୍ଧତୀ ଦେବୀ
ମୋ : ୯୯୩୭୧୭୨୮୧୦

ଭାରତରେ ଗଣେଶ ଚତୁର୍ଥୀକୁ ଖୁବ ଧୁମଧାମରେ ପାଳନ କରାଯାଇଥାଏ । ପ୍ରତ୍ୟେକ ରାଜ୍ୟରେ ଏହି ପୂଜାକୁ ଶ୍ରଦ୍ଧାଳୁମାନେ ଖୁବ ଶ୍ରଦ୍ଧାର ସହିତ ପାଳନ କରନ୍ତି । ଭାରତର ଅନେକ ସ୍ଥାନରେ ଗଣେଶଙ୍କ ବଡବଡ ମୂର୍ତ୍ତି ମଧ୍ୟ ରହିଥିବାର ଦେଖିବାକୁ ମିଳିଥାଏ । ହେଲେ ସୂଚନାଅନୁସାରେ ବିଶ୍ୱର ସବୁଠାରୁ ବଡ ଗଣେଶ ଷ୍ଟାଚ୍ୟୁ କିନ୍ତୁ ଭାରତ ନୁହେଁ ବରଂ ବିଦେଶରେ ରହିଛି । ଥାଇଲାଣ୍ଡରେ ରହିଛି ସବୁଠାରୁ ବଡ ଗଣେଶଙ୍କ ଷ୍ଟାଚ୍ୟୁ ଯାହାର ଲମ୍ବ ରହିଛି ୩୯ ମିଟର ଲମ୍ବା ଏହି ମୂର୍ତ୍ତିଙ୍କୁ ବ୍ରୋଞ୍ଜରୁ ନିର୍ମାଣ କରାଯାଇଛି । ଏହା ସେଠିକାର ଏକ ପରିଚିତ ଦର୍ଶନୀୟସ୍ଥାନ, ପ୍ରତିଦିନ ଏଠାରେ ଅନେକ ଲୋକଙ୍କର ଭିଡ ଜମିଥାଏ । ଏହି ମୂର୍ତ୍ତିକୁ ଖୋଲୋଙ୍ଗ ଖୁଏନ୍ ଗଣେଶ ଇଣ୍ଟରନ୍ୟାସନାଲ ପାର୍କରେ ୨୦୧୨ରେ ପ୍ରତିଷ୍ଠା କରାଯାଇଥିଲା। ଏହାକୁ ପାଖାପାଖି ୮୫୪ଟି ବ୍ରୋଞ୍ଜ ଖଣ୍ଡରୁ ପ୍ରସ୍ତୁତ କରାଯାଇଛି ।



## ବିଶ୍ୱର ସବୁଠାରୁ ବଡ ଗଣେଶ ଷ୍ଟାଚ୍ୟୁ



## ଉପକାରୀ ଭିଟାମିନ୍ କେ

ଏକ ସୁସ୍ଥ ଜୀବନ ପାଇଁ ଖାଦ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଆମ ଖାଦ୍ୟରେ ଯେତେ ପରିମାଣରେ ପୋଷକ ତତ୍ତ୍ୱ ରହିବ ଆମେ ସେତେ ସୁସ୍ଥ ରହିବା । ତେବେ ଆମ ଖାଦ୍ୟରେ ଅନେକ ପ୍ରକାରର ତତ୍ତ୍ୱ ସହିତ ଭିଟାମିନ୍ କେ ରହିବା ନିହାତି ଆବଶ୍ୟକ । ଏହା ଆମକୁ ଅନେକ ରୋଗରୁ ଦୂରରେ ରଖିଥାଏ । ତେଣୁ ପ୍ରତିଦିନ ନିଜ ଖାଦ୍ୟରେ ଭିଟାମିନ କେ ସାମିଲ କରନ୍ତୁ । ଏହା ବିଭିନ୍ନ ପ୍ରକାର ଖାଦ୍ୟରେ ଅଧିକ ପରିମାଣରେ ରହିଥାଏ । ଯେପରି ଏହା ସବୁଠାରୁ ଅଧିକ ପାଳଙ୍ଗ ଶାଗରେ ଥାଏ । ପାଳଙ୍ଗ ଶାଗ ଖାଇବା ଦ୍ୱାରା ଆମକୁ ଭରପୂର ମାତ୍ରାରେ ଭିଟାମିନ କେ ପ୍ରାପ୍ତ ହୋଇପାରିବ । ସେହିଭଳି ବ୍ରୋକଲି, କିୱି, ଆଭାକାଡୋ, ଅଙ୍ଗୁର, ବ୍ଲୁ ବେରି, ଚିଜ୍, ସୋୟାବିନ୍, ଚିକେନ ବ୍ରେଷ୍ଟ ଆଦିରେ ଭିଟାମିନ୍ କେ ଭରପୂର ମାତ୍ରାରେ ରହିଥାଏ । ଯାହାକୁ ପ୍ରତିଦିନ ମିଲ୍‌ରେ ସାମିଲ କରିବା ଫଳରେ ଆମେ ଭିଟାମିନ କେ ଅଧିକ ପରିମାଣରେ ପାଇ ପାରିବା । ତେଣୁ ପ୍ରତିଦିନ ଖାଦ୍ୟରେ ସବୁ ପୋଷକ ତତ୍ତ୍ୱ ଭିତରେ ଭିଟାମିନ୍ କେକୁ ସାମିଲ କରି ବିଭିନ୍ନ ରୋଗରୁ ଦୂରେଇ ରୁହନ୍ତୁ ।



## ନୂଆ ଚଳଚ୍ଚିତ୍ର ପାଇଁ ଉତ୍ସାହିତ

ଅଭିନେତ୍ରୀ ଅନିତ ପଡ୍ଡା ବର୍ତ୍ତମାନ ନ୍ୟାସନାଲ କ୍ରସ ଭାବେ ନୂଆ ପରିଚୟ ପାଇଛନ୍ତି । ନିଜର ଡେବ୍ୟୁ ଫିଲ୍ମ ସୈୟାରାରେ ଖୁବ ନେମ୍ ଓ ଫେମ୍ କମାଇଛନ୍ତି ଅନିତ । ତେବେ ବର୍ତ୍ତମାନ ଅନିତଙ୍କ ପାଖରେ ପ୍ରୋଜେକ୍ଟର ଲମ୍ବା ଲାଇନ୍ ଲାଗିଛି । ଗୋଟିଏ ଫିଲ୍ମ ସରୁସରୁ ଆଉ ଏକ ଫିଲ୍ମ ସାଇନ କରିଛନ୍ତି ଅଭିନେତ୍ରୀ । ସୂଚନା ଅନୁସାରେ ଖୁବଶୀଘ୍ର ତାଙ୍କୁ ଆଉ ଏକ ଲଭଷ୍ଟୋରୀରେ ଦେଖିବାକୁ ମିଳିବ । ଏହି ଫିଲ୍ମକୁ ନିର୍ଦ୍ଦେଶନା ଦେବେ ମନୀଷ ଶର୍ମା । ସେହିଭଳି ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱ ଯଶରାଜ ଫିଲ୍ମ ନେବ ବୋଲି ଜଣା ପଡିଛି । ଚର୍ଚ୍ଚା ଅନୁସାରେ ଏହି ଫିଲ୍ମର ପ୍ରି ପ୍ରଡକସନ୍ କାମ ଆରମ୍ଭ ହୋଇସାରିଛି ଏବଂ ଫିଲ୍ମର ସୁଟିଂ ୨୦୨୬ର ପ୍ରଥମଭାଗରେ କରାଯିବାନେଇ ସୂଚନା ରହିଛି । ତେବେ ଫିଲ୍ମକୁ ନେଇ ଆଉ କୌଣସି ସୂଚନା ନାହିଁ । ଅନିତଙ୍କ ବିପକ୍ଷରେ ଦର୍ଶକ କାହାକୁ ଦେଖିବେ ଏହାକୁ ନେଇ ମଧ୍ୟ କିଛି ସୂଚନା ନାହିଁ ।

## ପ୍ରଦୂଷିତ ଅଞ୍ଚଳରେ ରୁହନ୍ତୁ ସତର୍କ

ବର୍ତ୍ତମାନ ବାୟୁ ପ୍ରଦୂଷଣ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । ଏହି କାରଣରୁ ବିଭିନ୍ନ ଗୁରୁତର ରୋଗ ଦେଖିବାକୁ ମିଳୁଛି । ତେବେ ପ୍ରଦୂଷିତ ଅଞ୍ଚଳରେ ବେଶି ରିସ୍କରେ ରହିଥାଆନ୍ତି ବୁଢା ଲୋକ ଏବଂ ଛୋଟ ପିଲା । ଏହି ସମୟରେ ସେମାନଙ୍କର ବିଶେଷ ଯତ୍ନ ନେବାକୁ ହୋଇଥାଏ । ସେମାନଙ୍କର ଖାଇବା ପିଇବା ଠାରୁ ଆରମ୍ଭ କରି ବାହାରକୁ ଯିବା ସମୟରେ ବିଭିନ୍ନ କଥାର ଧ୍ୟାନ ରଖିବାକୁ ହୋଇଥାଏ । ତେବେ ଏହି ସମୟରେ ନିର୍ଦ୍ଦିଷ୍ଟ କେତୋଟି କଥାର ଧ୍ୟାନ ରଖିବାକୁ ହୋଇଥାଏ, ଯେପରି..



**ବ୍ୟାୟାମ–** ପ୍ରତିଦିନ କିଛିକିଛି ବ୍ୟାୟାମ କରିବା ଦ୍ୱାରା ଆମର ହାର୍ଟ ଓ ଫୁସ୍‌ଫୁସ୍ ସୁସ୍ଥ ରହିଥାଏ । ପ୍ରଦୂଷଣର ପ୍ରଭାବକୁ ସହିବାକୁ ଆମ ଶରୀର ବ୍ୟାୟାମରୁ ଶକ୍ତି ପାଇଥାଏ । ତେବେ ବୟସ୍କମାନେ ଏହି ସମୟରେ ଘର ଭିତରେ ରହି ବ୍ୟାୟାମ କରିବାର ଆବଶ୍ୟକତା ରହିଛି ।

**ମାସ୍କ–** କେବଳ କରୋନା ସଂକ୍ରମଣ ନୁହେଁ ବାୟୁ ପ୍ରଦୂଷଣରୁ ବର୍ତ୍ତିବା ପାଇଁ ମଧ୍ୟ ମାସ୍କ ଜରୁରୀ । ବାହାରକୁ ଯିବା ସମୟରେ ମାସ୍କ ପିନ୍ଧିବାକୁ ଭୁଲନ୍ତୁ ନାହିଁ । ବିଶେଷଭାବେ ପ୍ରଦୂଷଣ ରୋକିପାରୁଥିବା ମାସ୍କକୁ ପିନ୍ଧନ୍ତୁ । ମାସ୍କ ପିନ୍ଧିଲେ କେତେକାଂଶରେ ପ୍ରଦୂଷଣରୁ ରକ୍ଷା ମିଳିଥାଏ ।

# ୨୯ରେ ଅନୁସୂଚିତ ଜାତି ଜନଜାତି କଲ୍ୟାଣ ସମିତି ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀ

## ଉଦ୍‌ଘାଟନ କରିବେ ଲୋକସଭା ବାଚସ୍ପତି

ଭୁବନେଶ୍ୱର,(ସବ୍ୟୁ): ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆସନ୍ତା ୨୯ରେ ଭୁବନେଶ୍ୱରଠାରେ ସଂସଦ ଏବଂ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଉପରେ ଗଠିତ ସମିତିର ଅଧ୍ୟକ୍ଷମାନଙ୍କ ଜାତୀୟ ସମ୍ମିଳନୀକୁ ଉଦଘାଟନ କରିବେ । ଶ୍ରୀ ବିର୍ଲା ଏହି ଅବସରରେ ଏକ ପ୍ରଦର୍ଶନୀକୁ ଉଦଘାଟନ କରିବେ ଏବଂ ଏକ ସ୍ମରଣୀକାକୁ ମଧ୍ୟ ଉନ୍ମୋଚନ କରିବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ଏବଂ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସଂସଦୀୟ ସମିତିର ଅଧ୍ୟକ୍ଷ ଡକ୍ଟର ଫଗନ ସିଂହ କୁଲସ୍ତେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବୋଧିତ କରିବେ । ସଂସଦ ଏବଂ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ବିଧାନସଭାରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମିତିର ଅଧ୍ୟକ୍ଷ ଓ ସଦସ୍ୟ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଏବଂ ଓଡ଼ିଶା ବିଧାନସଭାର ସଦସ୍ୟମାନେ ଉଦଘାଟନୀ ସମାରୋହରେ ଯୋଗଦେବେ । ଉଦଘାଟନୀ ଅଧିବେଶନରେ, ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ସ୍ୱାଗତ ଭାଷଣ ଦେବେ ଏବଂ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରିବେ ।ଏହି ଦୁଇ ଦିନିଆ ସମ୍ମିଳନୀରେ (୨୯-୩୦ ଅଗଷ୍ଟ ୨୦୨୫) ସଂସଦ ଏବଂ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମିତିର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ସମେତ ୧୨୦ ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିବେ । ସମ୍ମିଳନୀର ବିଷୟବସ୍ତୁ ରଖାଯାଇଛି – ''ଅନୁସୂଚିତ ଜାତି ଏବଂ ଜନଜାତିଙ୍କ କଲ୍ୟାଣ, ବିକାଶ ଏବଂ ସଶକ୍ତିକରଣରେ ସଂସଦୀୟ ଏବଂ ବିଧାନସଭା ସମିତିଗୁଡ଼ିକର ଭୂମିକା'' । ଆସନ୍ତା ୩୦ରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟିଙ୍କ ଉଦଯାପନୀ ଅଭିଭାଷଣ ସହିତ ଏହି ସମ୍ମିଳନୀ ଉଦଯାପିତ ହେବ । ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭା ଉପାଧ୍ୟକ୍ଷ ଶ୍ରୀ ହରିବଂଶ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ପାଇଁ ଗଠିତ ସଂସଦୀୟ ସମିତିର ଅଧ୍ୟକ୍ଷ ଡକ୍ଟର ଫଗନ ସିଂ କୁଲସ୍ତେ, ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ପ୍ରଭାତୀ ପରିଡ଼ା ମଧ୍ୟ ଉଦଯାପନୀ ଅଧିବେଶନରେ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଓଡ଼ିଶା ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ପାଇଁ ଗଠିତ ସମିତିର ଅଧ୍ୟକ୍ଷ ଭାସ୍କର ମଢେ଼ି ଧନ୍ୟବାଦ ଅର୍ପଣ କରିବେ । ଏହି ସମ୍ମିଳନୀରେ, ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ସଶକ୍ତିକରଣ ପାଇଁ ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ସାମାଜିକ-ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ବାଣ୍ଟିବା ଉପରେ ଆଲୋଚନା କରାଯିବ । ଏହା ସହିତ ୨୦୪୭ ମସିହା ସୁଦ୍ଧା ଏକ ସମାବେଶୀ ବିକଶିତ ଭାରତ ଗଠନ ଲକ୍ଷ୍ୟ ହାସଲ କରିବା ପାଇଁ କଲ୍ୟାଣକାରୀ ନୀତିଗୁଡ଼ିକର କାର୍ଯ୍ୟକାରିତାରେ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାରେ ସଂସଦୀୟ ଏବଂ ରାଜ୍ୟ ବିଧାନସଭା କମିଟିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରାଯିବ ।

ଏହି ସମ୍ମିଳନୀ ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ଅନୁଷ୍ଠିତ ହେଉଛି ।



ପବିତ୍ର ଗଣେଶ ପୂଜା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ 'କୃଷକ ଭବନ' ଏବଂ କୃଷି ଶିକ୍ଷା ସଦନର 'ଅଭ୍ୟର୍ଥନା ଗୃହ' ଉଦ୍‌ଘାଟନ କରୁଛନ୍ତି ।

## ସରସଦା ପାକ୍ସ ନିଲମ୍ବିତ ସମ୍ପାଦକଙ୍କ ବିରୋଧରେ ଅଭିଯୋଗ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ସରସଦା ସେବା ସମିତିର ନିଲମ୍ବିତ ସମ୍ପାଦକ ଅଜୟ କୁମାର ବେହେରା ଉଦ୍ଦେଶ୍ୟମୂଳକ ଭାବେ ଦାଇତ୍ୱ ହସ୍ତାନ୍ତର କରୁନାହାନ୍ତି। ସମିତିର ଗୁରୁତ୍ୱପୂର୍ଣ୍ଣ ନଥିପତ୍ର, ଲେଜର ଓ ଅନ୍ୟାନ୍ୟ କାଗଜାତ ନିଜ ହେପାଜତରେ ରଖି ଜାଣିଶୁଣି ସମିତିକୁ ଅଚଳ କରୁଥିବା ଅଭିଯୋଗ କରି ସମିତି ପରିଚାଳନା ପରିଷଦ ସଭାପତି ଅବିନାଶ ରାଉତ ଓ ସଦସ୍ୟମାନେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି ।

## ୨୫ ହଜାର ଲାଞ୍ଚ, ଜେଲ୍ ଗଲେ ଓଏଫ୍ଏସ୍ ଅଫିସର

ଭୁବନେଶ୍ୱର, (ସବ୍ୟୁ) : ଖାଦ୍ୟ ପ୍ରସ୍ତୁତକାରୀ ସଂସ୍ଥା ଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଓଏଫ୍ଏସ୍ ଅଫିସର ସରିତା ବାରିକଙ୍କୁ ଗିରଫ କରିଥିଲ ।। ବୁଧବାର ସରିତାଙ୍କୁ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ସେ ରାଜ୍ୟ ଟିକସ ବିଭାଗରେ ଆସିଷ୍ଟାଣ୍ଟ କମିଶନର ଭାବେ କାର୍ଯ୍ୟରତ ଥିଲେ ।

ଲାଞ୍ଚ ନେବା ବେଳେ ଧରାପଡ଼ିବା ପରେ ତାଙ୍କ ଅଫିସ୍, ମଧୁସୂଦନନଗର ସ୍ଥିତ ଭଡାଘରେ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଥିଲା । ନଗଦ ୧ଲକ୍ଷ ୪୫ ହଜାର ଟଙ୍କା, ୨୨୨ ଗ୍ରାମ୍ ସୁନା ଅଳଙ୍କାର, ୬୦ଲକ୍ଷ ଜମାରାଶି, ଭିଜିଲାନ୍ସ ଠାବ କରିଛି । ଖାଦ୍ୟ ପ୍ରସ୍ତୁତକାରୀ ସଂସ୍ଥାକୁ ଟିକସ କାରବାରକୁ ନେଇ ଲାଞ୍ଚ ମାଗିଥିଲେ । ସେ ତାଙ୍କୁ ଲାଞ୍ଚ ଦେବା ପରିବର୍ତ୍ତେ ଭିଜିଲାନ୍ସରେ ଅଭିଯୋଗ କରି ଅଫିସରଙ୍କୁ ସାଙ୍ଗରେ ନେଇ ଲାଞ୍ଚ ଦେବା ବେଳେ ତାଙ୍କୁ କାବୁ କରାଯାଇଥିଲା ।

## କୁରାଢମଲ୍ଲ କ୍ଲଷ୍ଟରରୁ ଅଧାରୁ ପାଠ ଛାଡ଼ିଥିବା ବଞ୍ଚିତ ୨୬ଜଣ ପିଲା ଚିହ୍ନଟ

ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ମିଳିତ ତତ୍ତ୍ୱାବଧାନରେ 'ଆସ ସ୍କୁଲ ଯିବା' ଅଭିଯାନ ଚାଲିଥିବା ବେଳେ ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ କୁରାଢମଲ୍ଲ କ୍ଲଷ୍ଟର ରେ ୬ରୁ ୧୪ବର୍ଷ ମଧ୍ୟରେ ଶିକ୍ଷାରୁ ବଂଚିତ ଥିବା ୨୬ଜଣ ପିଲାଙ୍କୁ ଚିହ୍ନଟ କରାଯାଇଥିଲା ।ତନ୍ମଧ୍ୟରୁ ୧୭ଜଣ ପିଲାଙ୍କୁ ବର୍ତ୍ତମାନ ସୁଦ୍ଧା ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିଛି ।

ଏଥିପାଇଁ କ୍ଲଷ୍ଟର ର ସି. ଆର. ସି.ସି. ମନୋଜ ଦାଶଙ୍କ ପ୍ରଚେଷ୍ଟାରେ ଅଧାରୁ ପାଠ ଛାଡ଼ିଥିବା ଏବଂ ଆଦୌ ନାମ ଲେଖାଇନଥିବା (୬-୧୪)ବର୍ଷ ବୟସର ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରାଇବା ନିମନ୍ତେ ଏକ ପଦଯାତ୍ରା କରାଯାଇଥିଲା ।

ଘରକୁ ଘର ବୁଲି ପିତାମାତା ତଥା ଅଭିଭାବକମାନଙ୍କୁ ସଚେତନ କରାଇ ଛାତ୍ରଛାତ୍ରୀମାନଙ୍କୁ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟମାନଙ୍କରେ ନାମ ଲେଖା ମାଧ୍ୟମରେ ମୁଖ୍ୟସ୍ରୋତରେ ସାମିଲ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଂଚ, ବୁଦ୍ଧିଜିବୀ ତଥା କ୍ଲଷ୍ଟରର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ମାନେ ସାମିଲ ହୋଇଥିଲେ । ନୂତନ ଭାବେ ଯୋଗଦାନ କରିଥିବା ସି. ଆର.ସି. ସି ଶ୍ରୀ ଦାଶଙ୍କ ଏହି ପ୍ରଚେଷ୍ଟାକୁ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରଶଂସା କରିଛନ୍ତି ।

### ଭାରତ ମସଲାର ୨୬ତମ ପ୍ରତିଷ୍ଠା ଉତ୍ସବ

# 'ଦାନ ଓ ଦାତାପଣିଆ ଭାରତ ମସଲାକୁ ବ୍ରାଣ୍ଡନେମ୍ ଦେଇଛି'

କଟକ,(ସବ୍ୟୁ): ଇଚ୍ଛା ଥିଲେ ଉପାୟ ଆପେଆପେ ଆସେ । କିଛି ନୂଆ କରିବାର ଇଚ୍ଛା ନୂତନ ରାସ୍ତା ଉନ୍ମୁକ୍ତ କରେ । ଓଡ଼ିଆମାନଙ୍କ ପାଇଁ ସମଗ୍ର ଭାରତରେ ଏକ ମସଲା କମ୍ପାନୀକୁ ପ୍ରତିଷ୍ଠିତ କରିବା ଦିଗରେ ସୁରେନ୍ଦ୍ରନାଥ ପଣ୍ଡା ଏବଂ ସୁଶାନ୍ତ କୁମାର ପଣ୍ଡାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । କିଛି କରିବା ଓ କିଛି ଗିବାର ବାର୍ତ୍ତା ଦେଇ ଏହି ଦୁଇ ଶିଳ୍ପୋଦ୍ୟୋଗୀ ଭାରତ ମସଲା କମ୍ପାନୀକୁ ଦେଶ ବିଦେଶରେ ପହଞ୍ଚାଇ ପାରିଛନ୍ତି । କଥାରେ ଅଛି, ଧନୀ ହେବାର ଲକ୍ଷ୍ୟ ରଖ କିନ୍ତୁ ଦୀନ ହୁଅ ଓ ଦାତା ହୁଅ । ଉଭୟଙ୍କ ଦୀନ ଓ ଦାତାପଣିଆ ଯୋଗୁଁ ଭାରତ ମସଲା ଆଜି ଏକ ବ୍ରାଣ୍ଡନେମରେ ପରିଣତ ହୋଇଛି ଛ ଯିଏ ସେବା କରେ ସେ ଆପେଆପେ ବାସେ । ଭାରତ ମସଲା କମ୍ପାନୀର ସେବା କାର୍ଯ୍ୟ ସଭିଏ ଜାଣନ୍ତି । କରୋନା ମହାମାରୀ ହେଉ କି ଯେ କୌଣସି ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟ, ସବୁବେଳେ ଓଡ଼ିଆ ଲୋକଙ୍କ ପାଖରେ ଭାରତ ମସଲା ଛିଡା ହୋଇ ରହିଛି । କେବଳ ବ୍ୟବସାୟିକ ଲକ୍ଷ୍ୟ ନରଖି ସେବାକୁ ମୂଳମନ୍ତ୍ର କରିଥିବା ଏହି କମ୍ପାନୀ ଓଡିଆ ଜାତି ପାଇଁ ଗର୍ବ ଓ ସ୍ୱାଭିମାନର ପ୍ରତୀକ ବୋଲି ଆଜି ବାରଙ୍ଗ ରାମଦାସପୁର ସ୍ଥିତ ଭାରତ ମସଲା କମ୍ପାନୀ ପରିସରରେ ଜୟ ଭାରତ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ୨୬ତମ ଭାରତ ପ୍ରତିଭା ସମ୍ମାନ ଓ ଭାରତ ମସଲାର ପ୍ରତିଷ୍ଠା ଦିବସ ଉତ୍ସବରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି । ଏହି ପରିପ୍ରେକ୍ଷୀରେ ବନ୍ଦର ଗୁଡିକରେ ଭିତ୍ତିଭୂମିର ଅଭାବ ଯୋଗୁଁ ଭାରତ ମସଲାର ଉତ୍ପାଦ ବିଦେଶକୁ ପହଞ୍ଚା ଯାଇ ପାରୁନଥିବା ପ୍ରସଙ୍ଗ ସେ ଉଠାଇଥିଲେ । ସଂସଦ




ଅଧିବେଶନରେ ଏ ବାବଦରେ ପ୍ରଶ୍ନ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ସାଂସଦ ଶ୍ରୀ ଖୁଣ୍ଟିଆ ଦୃ ପ୍ରତିଶ୍ରୁତି ଦେଇଥିଲେ ।

ଜୟ ଭାରତ ଫାଉଣ୍ଡେସନର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଉତ୍ସବରେ ଅଧ୍ୟକ୍ଷତା କରି କହିଲେ ଯେ, ଆମେ ସବୁବେଳେ ପୂଜ୍ୟପୂଜା ପରମ୍ପରାକୁ ସମ୍ମାନ ଦେଇ ଆସିଛୁ । ଇତି ମଧ୍ୟରେ ୧୩୦ଜଣ ପୂଜ୍ୟପୂଜାଙ୍କୁ ଯଥୋଚିତ ସମ୍ମାନ ଦିଆଯାଇଛି । ଆଗକୁ ମଧ୍ୟ ଏହି ଧାରା ବଳବତ୍ତର ରହିବ । ସମ୍ମାନ ଦେଲେ ସମ୍ମାନ ମିଳେ, ଭାରତ ମସଲା ପୂଜ୍ୟପୂଜା ପରମ୍ପରାକୁ ଅଟଳ ରଖିବ ବୋଲି ସେ କହିଥିଲେ । ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, କମ୍ପାନୀର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ଓ ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ଅନ୍ୟମାନଙ୍କ ପାଇଁ ଆଦର୍ଶ । ମାତ୍ର ୧ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ଏହି କମ୍ପାନୀ ଏବେ ବାର୍ଷିକ ୭୦୦କୋଟିର ବ୍ୟବସାୟ କରୁଛି । ଅନେକ ଯୁବପୀ ରୋଜଗାରକ୍ଷମ ହୋଇ ପାରିଛନ୍ତି । ବାଙ୍କୀ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ଓ ନବଉନ୍ମେଷ ଆରମ୍ଭ ଦିଗରେ ଭାରତ ମସଲାର ଅବଦାନ ରହିଛି ବୋଲି ସେ କହିଥିଲେ । ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ନିଜ ଅଭିଭାଷଣରେ କହିଥିଲେ ଯେ, ଉତ୍ପାଦିତ ଦ୍ରବ୍ୟକୁ ରପ୍ତାନୀ କରିବା ପାଇଁ ୨୦୦୯ ମସିହାରୁ ଉଦ୍ୟମ କରାଯାଉଥିଲା । ହେଲେ ଯୋଜନାର ସଫଳ ରୂପାୟନ ପାଇଁ ୧୫ବର୍ଷ ସମୟ ଲାଗିଗଲା । ଗତବର୍ଷ ପାରାଦୀପ ପୋର୍ଟ ଜରିଆରେ କମ୍ପାନୀର ସାମଗ୍ରୀ ବିଦେଶ ପଠାଯାଉଛି । କିନ୍ତୁ ଭିତ୍ତିଭୂମିର ଯଥେଷ୍ଟ ବିକାଶ ନହେବାରୁ କେତେକ କ୍ଷେତ୍ରରେ କମ୍ପାନୀ ଆର୍ଥିକ କ୍ଷତି ସହୁଛି । ଓଡ଼ିଶାର ସାମାଜିକ ଓ ଆର୍ଥିକ ବିକାଶ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଛି ଭାରତ ମସଲା । ଟମାଟୋର ଅଭାବୀ ବିକ୍ରି ଚାଲିଥିବା ସମୟରେ ଏହି କମ୍ପାନୀ କେଚ୍‌ଅପ ପ୍ରସ୍ତୁତ କରି ଚାଷୀଙ୍କ ସମସ୍ୟାରେ ପୂର୍ଣ୍ଣଚ୍ଛେଦ ପକାଇଥିଲା । ରାଜ୍ୟରେ ଏଭଳି କୌଣସି ଜିଲ୍ଲା ନାହିଁ, ଯେଉଁଠାରେ ଭାରତ ମସଲା ସାମାଜିକ ସେବା କାର୍ଯ୍ୟ କରୁନାହିଁ ବୋଲି ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପଣ୍ଡା ମତବ୍ୟକ୍ତ କରିଥିଲେ । ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କମ୍ପାନୀ ସହ ଯୋଡ଼ି ହୋଇ ରହିଥିବା ପ୍ରତ୍ୟେକ ଲୋକ ମିଶି ଏହାକୁ ବ୍ରାଣ୍ଡ କରିଛନ୍ତି ବୋଲି କହିଥିଲେ । ଏକ କମ୍ପାନୀ ୧୦ବର୍ଷ ଦୃଢ଼ତାର ସହ ଛିଡ଼ା ହୋଇ ରହିଲେ ବ୍ୟବସାୟିକ ସଫଳତା ପାଇପାରେ । ଏହା ଭିତରେ ଅନେକ ଉତଥାନ ଓ ପତନ ଆସେ । କିନ୍ତୁ ସ୍ଥିର ହୋଇ ବ୍ୟବସାୟରେ ତିଷ୍ଠି ରହିଲେ ସବୁ ପ୍ରତିବନ୍ଧକୁ ଏଡାଇବା ସମ୍ଭବପର ହେବ । ସର୍ବୋପରେ ଗୋଟିଏ କମ୍ପାନୀରେ କର୍ମଚାରୀଟିଏ ଦୀର୍ଘ ଦିନ ଜଡିତ ହୋଇ ରହିଲେ ଏହା ଉଭୟ କମ୍ପାନୀ ଓ କର୍ମଚାରୀପାଇଁ ଶୁଭଦାୟକ ବୋଲି ବିଧାୟିକା ଫିର୍ଦ୍ଦୋଶ ମତ ଦେଇଥିଲେ । ଏସସିବି ଭେଷଜ ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ଜୟନ୍ତ କୁମାର ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଜୀବନଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ । ଓଡ଼ିଆ ଅଭିନେତା ପୁପିନ୍ଦର ଓ ଅଭିନେତ୍ରୀ ସୁଲଗ୍ନା ମଞ୍ଚ ପରିଚାଳନା କରିଥିଲେ ।

ଏହି ଅବସରରେ ପୂର୍ବତନ ଭାରତୀୟ ସେନାଧିକାରୀ କ୍ୟାପ୍ଟେନ୍ ଦୁର୍ଯ୍ୟୋଧନ ମହାନ୍ତିଙ୍କୁ ଚଳିତବର୍ଷର ସମ୍ମାନଜନକ ଭାରତ ଗୌରବ, ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିଥିବା ଡିଏଭି ସ୍କୁଲର ନିର୍ଦ୍ଦେଶକ ଡଃ କେଶବ ଚନ୍ଦ୍ର ଶତପଥିଙ୍କୁ ସେବା ଭାରତ, ଅବସରପ୍ରାପ୍ତ ଆଇଏଏସ୍ ତଥା କଥାକାର ଡଃ ଅରବିନ୍ଦ ବେହେରାଙ୍କୁ କଥା ଭାରତ, ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଡଃ ଶ୍ୱେତକୁମାର ଦାଶଙ୍କୁ ସଂସ୍କୃତି ଭାରତ, ଏସିଆନ୍ କ୍ରୀଡାରେ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିବା କିଶୋର ଜେନାଙ୍କୁ କ୍ରୀଡା ଭାରତ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିପରି ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିବା ପାଇଁ ୨ କଳା, ବାଣିଜ୍ୟ ଓ ବିଜ୍ଞାନ କ୍ଷେତ୍ରରେ ଯଥାକ୍ରମେ ଶୀର୍ଷସ୍ଥାନ ଅଧିକାର କରିଥିବା ପ୍ରିୟଦର୍ଶିନୀ ଗଡନାୟକ, ଆର୍ଚ୍ଛି ଚିନ୍ମୟୀ ପ୍ରଧାନ ଓ ତପେଶ୍ୱର ବାଗଙ୍କୁ ବିଦ୍ୟା ଭାରତ ସମ୍ମାନ ମିଳିଥିଲା । ଉତ୍ସବ ଅବସରରେ ନନ୍ଦିତା ପଣ୍ଡାଙ୍କ ସମ୍ପାଦନା ଓ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ମହାନ୍ତିଙ୍କ ସହଯୋଗୀ ସମ୍ପାଦନାରେ ପ୍ରସ୍ତୁତ ଭାରତ ମସଲାର ପତ୍ରିକା 'ସମ୍ଭବାମୀ ଭାରତ'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ । ଭାରତ ମସଲାର ଜିଏମ୍ (ଅପରେସନ) ଅରୁଣ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଦେଇଥିଲେ । ହାସ୍ୟ ଅଭିନେତା ପପୁ ପମପମ୍‌ଙ୍କ ଦ୍ୱାରା ହାସ୍ୟ ରସାତ୍ମକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବିଭିନ୍ନ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ କମ୍ପାନୀ ସହ ଜଡିତ ଥିବା କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ, ଜିଏମ୍ ଅଶ୍ୱିନୀ କୁମାର ଦାସ, ଜିଏମ୍ (ପ୍ରଡକସନ୍) ନବକୃଷ୍ଣ ପ୍ରଧାନ, ପିଆର୍‌ଓ ଆଶିସ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।



## ମଉଗଜପୁର ଗଜାନନଙ୍କ ୨୫ କିଲୋଗ୍ରାମର ଚାନ୍ଦି ଆଭୂଷଣ

କଟକ,(ସବ୍ୟୁ): ସବୁବର୍ଷ ପରି ଚଳିତ ବର୍ଷ ମଧ୍ୟ ମଉଗଜପୁର ଗ୍ରାମ ପୂଜା କମିଟି ପକ୍ଷରୁ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ଧୂମଧାମରେ କରାଯାଇଛି । ପୂଜା କମିଟି କର୍ମକର୍ତ୍ତାଙ୍କ ଉଦ୍ୟମ କ୍ରମେ ଚଳିତ ବର୍ଷ ଗଜାନନଙ୍କ ପ୍ରତିମୂର୍ତ୍ତିରେ ନୂତନ ଭାବେ ୨୫ କିଲୋଗ୍ରାମର ଚାନ୍ଦି ଅଳଙ୍କାର ଲାଗି କରାଯାଇଛି । କମିଟିର ସମସ୍ତ ସଦସ୍ୟ ଓ ଯୁବଗୋଷ୍ଠୀଙ୍କ ସହଯୋଗରେ ଏହି ନୂତନ ଅଳଙ୍କାର ନିର୍ମାଣ କରାଯାଇଥିବା ବେଳେ ପୂଜା କାର୍ଯ୍ୟ ମଧ୍ୟ ସୁରୁଖୁରୁ ଚାଲିଛି ।

### ଆରମ୍ଭ ହେଲା ପାର୍ବଣ ଋତୁ

# ଧରାପୃଷ୍ଠକୁ ଆସିଲେ ଅଗ୍ରପୂଜ୍ୟ ଗଜାନନ



ଖୋର୍ଦ୍ଧା,(ସବ୍ୟୁ): ଗଣେଷ ଚତୁର୍ଥୀ ଠାରୁ ରାଜ୍ୟରେ ପାର୍ବଣଋତୁ ଆରମ୍ଭ ହୋଇଥିବା କୁହାଯାଏ। ଉକ୍ତ ଦିନ ଧରାପୃଷ୍ଠକୁ ପ୍ରଭୁ ଶ୍ରୀ ଗଣେଷ ତଥା ଗଜାନନ ଅବର୍ତୀର୍ଣ୍ଣ କରିଥିବା ବିଶ୍ୱାସ ରହିଛି । ବିଶ୍ୱାସ ଓ ଶ୍ରଦ୍ଧାର ପ୍ରତୀକ ଗଜାନନ ଦେବତାଙ୍କ ଆବାହନ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । ଜ୍ଞାନ ଅଧିଷ୍ଠାତା ତଥା ସିଦ୍ଧିଦାୟକ, ବିଘ୍ନ ବିନାଶକ ଗଣପତିଙ୍କ ପୂଜା ଆଜି ଧୂମଧାମରେ ବିଭିନ୍ନ ବିଦ୍ୟାଳୟ ଗୁଡିକ ରେ ପାଳିତ ହୋଇଯାଇଛି। ଓଁ ନମଃଗଣେୟାୟ ନମଃ ମନ୍ତ୍ରପାଠ, ଧୂପ, ଦୀପ ରେ ଦିନ ତମାମ ସମସ୍ତ ପୂଜାସ୍ଥାନ ଗୁଡ଼ିକରୁ ଶୁଭାଯାଉଛି । ସକାଳୁ ନୂତନ ପୋଷାକ ପରିଧାନ କରି ଛାତ୍ରଛାତ୍ରୀମାନେ ହାତରେ ଭୋଗଥାଳି ନେଇ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରଭୁ ଗଜାନନଙ୍କୁ ପୂଜା କରିବା ସମେତ ଶିକ୍ଷାନୁଷ୍ଠାନରେ ସାମାଜିକ ଦୂରତ୍ୱ ରକ୍ଷାକରି ପୁଷ୍ପାଞ୍ଜଳୀ ଦେଇଥିବା ଦେଖାଯାଇଛି । ଚଳିତବର୍ଷ ଖୋର୍ଦ୍ଧା ସହରର ବିଭିନ୍ନ ମଣ୍ଡପ ଓ କ୍ଲବରେ ଗଜାନନଙ୍କ ଏକ ଫୁଟ ଠାରୁ ଆରମ୍ଭ କରି ୧୮ ଫୁଟ ଯାଏଁ ଗଣପତିଙ୍କ ମୂର୍ତି ପୂଜାପାଇଥିବାବେଳେ ତୋରଣ ସାଙ୍ଗକୁ ଆକର୍ଷଣୀୟ ମେଢ, ଆଲୋକ ସଜ୍ଜାରେ ସହରରେ ପାଖାପାଖି ୧୦/୧୫ପୂଜମଣ୍ଡପ ଗୁଡିକର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଛି। ଖୋର୍ଦ୍ଧା ସହରର ସାମନ୍ତରାପୁର, ଠେଙ୍ଗାହାଟ, ମୁକୁନ୍ଦପ୍ରସାଦ, ଗୁରୁଜଙ୍ଗ, ମଙ୍ଗଳାନଗର, ଶ୍ରୀରାମନଗର, ଭାଲିଆବାଡି, ଜେମାଦେଇ ସମେତ ଖୋର୍ଦ୍ଧା ଉପକଣ୍ଠ ପଲ୍ଲୀ ତାରିଣୀକ୍ଲବ୍, ବରୁଣେଇ କ୍ଲବ, ଜରିପୁଟ ନୂଆସାହି, ପୁରୁଣାସାହି, ଜାମୁସାହି, ଦେଉଳଟାଙ୍ଗୀ, ପୁବୁସାହି, ମଲ୍ଲିପୁର, ବାଜପୁର, ନନ୍ଦପୁର ଯୁବକସଂଘ ପକ୍ଷରୁ ମଧ୍ୟ ଗଜାନନଙ୍କ ଛୋଟ ମୃଣ୍ମୟୀ ମୂର୍ତି ପୂଜା ପାଉଛନ୍ତି ।

ଅନୁରୂପଭାବେ ବି.ଜେ.ବି ହାଇସ୍କୁଲ, ମହିଳା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ସିଗ୍‌ମା ପବ୍ଲିକ ସ୍କୁଲ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବୀଣାପାଣି ଶିଶୁ ମନ୍ଦିର, ପ୍ରାଣନାଥ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ସମେତ ପୁବୁସାହି ବିଦ୍ୟାଳୟ ଆଦି ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀମାନେ ଗଣପତିଙ୍କ ପୂଜାର୍ଚ୍ଚନା କରିଛନ୍ତି । ଖୋର୍ଦ୍ଧା ସାମ୍ବାଦିକ ଭବନ ପରିସରରେ ଡିଷ୍ଟ୍ରିକ୍ଟ ପ୍ରେସ କ୍ଲବ ପକ୍ଷରୁ ଗଣନାଥଙ୍କ ଆରାଧନା କରାଯାଇଛି । ଏଥିସହିତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକରେ ମଧ୍ୟ ପ୍ରଭୁ ଗଜାନନଙ୍କ ପୂଜା ଅବସରରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିବା ଦେଖାଯାଇଛି।


# କଟକ ରେଲୱେ ଷ୍ଟେସନ ପ୍ଲାଟଫର୍ମ ଛାତ ଭୁଶୁଡିବା ଦୁର୍ଭାଗ୍ୟଜନକ: ବିଜେଡି



ଭୁବନେଶ୍ୱର,(ସବ୍ୟୁ): କଟକ ରେଲୱେ ଷ୍ଟେସନର ପ୍ଲାଟଫର୍ମ-୧ରେ ଥିବା ଛାତ ଭୁଶୁଡିପଡିବା ଦୁର୍ଭାଗ୍ୟଜନକ ବୋଲି ବିଜୁ ଜନତା ଦଳ କହିଛି । ରେଲୱେ ବିଭାଗ ଓ ଠିକା ସଂସ୍ଥାର ଦାୟିତ୍ୱହୀନତା ଓ ସୁରକ୍ଷା ପ୍ରତି ଧ୍ୟାନ ନଦେବା ଫଳରେ ଏଭଳି ଦୁର୍ଘଟଣା ଘଟିଛି । କଟକ ଭଳି ବ୍ୟସ୍ତବହୁଳ ରେଲୱେ ଷ୍ଟେସନର ମରାମତି ଓ ଆଧୁନିକୀକରଣ କାର୍ଯ୍ୟ ଦୀର୍ଘ ଦିନ ଚାଲିବା ଫଳରେ ସାଧାରଣ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଜିର ଦୁର୍ଘଟଣା ସ୍ପଷ୍ଟ ସୂଚାଉଛି ଯେ, ନିର୍ମାଣାଧୀନ କାର୍ଯ୍ୟର ତଦାରଖରେ ଗୁରୁତର ଅବହେଳା ହୋଇଛି । ଦୁର୍ଘଟଣା ଘଟିବା ପରେ କଟକ-ଚୌଦ୍ୱାରର ବିଜେଡି ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ମେୟର ସୁବାସ ସିଂ, କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତି ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ । ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ମନ୍ଥର ଗତିରେ ଚାଲୁଥିବା ଏହି ନିର୍ମାଣାଧୀନ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ରେଳ ବିଭାଗ ଧ୍ୟାନ ଦେବା ଆବଶ୍ୟକ । କଟକ ମେୟର ସୁବାସ ସିଂ କହିଛନ୍ତି ଯେ, ଠିକା ସଂସ୍ଥାର ବେପରୁଆ ମନୋଭାବ ଯୋଗୁ ଏଭଳି ଦୁର୍ଘଟଣା ଘଟିଛି । ଘଟଣାରେ ଜଣେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ।ଏହାର ପୁନରାବୃତ୍ତି ନହେବା ପାଇଁ ରେଳବାଇ ବିଭାଗ ସତର୍କ ହେବା ଆବଶ୍ୟକ । ସେହିପରି ପ୍ରଫୁଲ ସିଂ କହିଛନ୍ତି ଯେ, ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ କିଛି ମିନିଟ ପୂର୍ବରୁ ବନ୍ଦେ ଭାରତ ଟ୍ରେନ ଯାଇଥିଲେ ମଧ୍ୟ ବଡ ଅଘଟଣରୁ ରକ୍ଷା ମିଳିପାରିଛି । ଦୁର୍ଘଟଣାର ତଦନ୍ତ କରାଯାଇ ଏଥିପାଇଁ ଦାୟୀ ଥିବା ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।



ଭୁବନେଶ୍ୱରରେ ଗଣନାଥଙ୍କ ପୂଜା: ବଡଗଡ଼



ସହିଦ ନଗର ଗଣେଶ ପୂଜା କମିଟି



ସହିଦ ନଗର ୱିନର ଆସୋସିଏସନ୍

# ନରେନ୍ଦ୍ର ମୋଦୀ ବିକାଶ ମିଶନର ରାଜ୍ୟ ସ୍ତରୀୟ କର୍ମଶାଳା




ଭୁବନେଶ୍ୱର ,(ସବ୍ୟୁ): ନରେନ୍ଦ୍ର ମୋଦି ବିକାଶ ମିଶନର ରାଜ୍ୟ ସ୍ତରୀୟ କର୍ମଶାଳା ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଗୀତଗୋବିନ୍ଦ ସଦନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଗଠନର ରାଜ୍ୟ ପ୍ରଭାରୀ ବିକାଶ କୁମାର ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟର ସୁଫଳ କିପରି ଲୋକମାନଙ୍କ ପାଖରେ ପହଞ୍ଚି ପାରିବ ସେ ନେଇ ନିଷ୍ଠାପର ଭାବେ କାର୍ଯ୍ୟ କରିବା ପାଇଁ କର୍ମକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ସଭାପତି ସୁଜାଦ ହୁସେନ ଉକ୍ତ କାର୍ଯ୍ୟକ୍ରମରେ ପୌରହିତ୍ୟ କରି ଏହି ସଂଗଠନ ବିଜେପିର ଏକ ଅବିଚ୍ଛେଦ ଅଙ୍ଗ ବୋଲି କହିଥିଲେ । ପ୍ରାରମ୍ଭରେ ରାଜ୍ୟ ସାଧାରଣ ସମ୍ପାଦକ ଡ଼ଃ ସେକ ଅବଦୁଲ ଗନି ହୁସେନ ଏହି ସଂଗଠନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସଂଗଠନର ଉପସଭାପତି ଆଦର୍ଶ ମହାପାତ୍ର ଓ ବିଦ୍ୟାଧର ପଲାଇ ସମ୍ପାଦକ ମହମ୍ମଦ ନବାବ, ସଂଖ୍ୟା ଲଘୁ ସମ୍ପ୍ରଦାୟର ରାଜ୍ୟ ସଭାପତି ଅବଦୁଲ ହାକିମ, କିଷାନ ମୋର୍ଚ୍ଚାର ରାଜ୍ୟ ସଭାପତି ତୁଷାର କାନ୍ତ ଦାସ, ସମ୍ପାଦକ ପ୍ରବୋଧ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରୁଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶାର ବାରଟି ଜିଲ୍ଲାର ସଭାପତି, ବ୍ଲକ ସଭାପତି, ବୌରାଞ୍ଚ ସଭାପତିମାନେ ଯୋଗଦେଇ ନିଜର ପ୍ରସ୍ତାବ ପ୍ରଦାନ କରିଥିଲେ। ମୟୁରଭଞ୍ଜ ଜିଲ୍ଲା ସଭାପତି ସୁକୁମାର ରଣା ଓ କାର୍ତ୍ତିକ ଚନ୍ଦ୍ର ଦାସ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇ ନିଜର ଅଭିଜ୍ଞତା ବଖାଣି ଥିଲେ। ଶେଷରେ ବାଳକୃଷ୍ଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଖୁଚୁରା ଦୋକାନରେ ମଦ ଗଞ୍ଜେଇ ସହ ପେଟ୍ରୋଲ ବିକ୍ରି

ଭାପୁର,(ସବ୍ୟୁ): ରାଜ୍ୟରେ ପେଟ୍ରୋଲ ଜନିତ ଆତ୍ମହତ୍ୟା ଓ ହତ୍ୟା ବଢ଼ି ଚାଲିଥିବା ବେଳେ ସରକାର ପେଟ୍ରୋଲ ଖୁଚୁରା ବିକ୍ରି କୁ ବନ୍ଦ କରିଛନ୍ତି । ହେଲେ ନୟାଗଡ଼ ଜିଲ୍ଲା ଫତେଗଡ ଥାନା ଅଂଚଳରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ଯେଉଁପରି ଭାବରେ ପୂର୍ବରୁ ରାସ୍ତା ପାର୍ଶ୍ୱ ଖୁଚୁରା ଦୋକାନରେ ପେଟ୍ରୋଲ ବିକ୍ରି ହେଉଥିଲା ବର୍ତ୍ତମାନ ବି ସେହିପରି ପେଟ୍ରୋଲ ବିକ୍ରୟ ଚାଲିଛି । ଜାରକିନରେ ପେଟ୍ରୋଲ ଆଣିବା କଟକଣା ହୋଇଥିବାବେଳେ ଭାପୁର ବ୍ଲକ ର ଦୁଇ ଭାପୁର ଓ ଫତେଗଡ ପେଟ୍ରୋଲ ଟାଙ୍କି କର୍ତ୍ତୃପକ୍ଷ କେଉଁ ଆଧାର ରେ ପେଟ୍ରୋଲ ଦେଉଛନ୍ତି ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି । ତେଣୁ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାକୁ ଭାପୁର ବ୍ଲକ ପ୍ରଶାସନ ଫୁ କରି ଦେଇଥିବାରୁ ଭାପୁର ଅଞ୍ଚଳରେ କେତେବେଳେ ଅଘଟଣ ନ ଘଟିବ ତାହା କହିହେବ ନାହିଁ । ଯଦି,ଆରକ୍ଷୀ ବିଭାଗ ତରଫରୁ କଡାକଡି ଭାବରେ ଖୁଚୁରା ଦୋକାନ ଗୁଡ଼ିକ ଯାଞ୍ଚ କରାଯାଇ ପେଟ୍ରୋଲ ବିକ୍ରି କରୁଥିବା ଦୋକାନୀ ଙ୍କ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରନ୍ତା ତେବେ ପେଟ୍ରୋଲ ବିକ୍ରି ବନ୍ଦ ହୋଇପାରନ୍ତା ବୋଲି ଆଲୋଚନା ହେଉଛି । ।ସହିପରି ଖୁଚୁରା ଦୋକାନ ମାନଙ୍କରେ କେବଳ ପେଟ୍ରୋଲ ନୁହେଁ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ଯଥା ଗଞ୍ଜେଇ, ମଦ, ମୋଦକ ,ଅଫିମ ଆଦି ଖୁଲମଖୁଲା ବିକ୍ରି ହେଉଥିବା ମଧ ଅଭିଯୋଗ ହେଉଛି । ଯାହାଫଳରେ,ଯୁବ ସମାଜ ନିମ୍ନଗାମୀ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ଅବକାରୀ ବିଭାଗ ର ସ୍ଥାଣୁତା ଯୋଗୁଁ ଏହା ବଢ଼ିବଢ଼ି ଚାଲିଛି । ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାର ସୁଯୋଗ ଦେଖି ପ୍ରଶାସନିକ ଅଧିକାରୀମାନେ ନୀରବ ରହୁଥିବାରୁ ଭାପୁର ଅଞ୍ଚଳରେ ମାଦକ ଦ୍ରବ୍ୟ ସହିତ ଖୁଚୁରା ପେଟ୍ରୋଲ ବିକ୍ରୟ ବଢ଼ିଚାଲିଥିବା କୁହାଯାଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

### ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କଲେ ଏସ୍‌ପି

## ଲୋକଙ୍କୁ ଉତ୍ତମ ବ୍ୟବହାର ସହ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର

ପୁରୀ,(ସବ୍ୟୁ): ଥାନାକୁ ଅଭିଯୋଗ ନେଇ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କର । କେବଳ ଥାନାରେ ଆଠ ଘଣ୍ଟା କର୍ତ୍ତବ୍ୟ ସମ୍ପାଦନ କଲେ ହେବ ନାହିଁ ସାଧାରଣରେ ଭିଜିବୁଲ ପୋଲିସ ହୁଅ । କ୍ରାଇମ୍ କ୍ରିମିନାଲ ଉପରେ ଦୃଷ୍ଟି ଦିଅ । ସାଧାରଣ ଲୋକଙ୍କ ଅଭିଯୋଗକୁ ଧୈର୍ଯ୍ୟର ସହ ଶୁଣ । ଥାନାକୁ ଆସୁଥିବା ଅଭିଯୋଗ ଉପରେ ତୁରନ୍ତ ମାମଲା ରୁଜୁ କର । ତତକ୍ଷଣାତ୍ ତଦନ୍ତ କର । ଅଭିଯୋଗର ସତ୍ୟା ସତ୍ୟକୁ ଅନୁଧ୍ୟାନ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାର ସମସ୍ତ ପୋଲିସ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ନୂତନ ଜିଲ୍ଲା ଏସପି ପ୍ରତୀକ ସିଂ । ମଙ୍ଗଳବାର ଦିନ ନୂତନ ଏସପି ଭାବେ ପ୍ରତୀକ ସିଂ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ଅଧକ୍ଷତାରେ ଜିଲ୍ଲା ବରିଷ୍ଠ ପୋଲିସ ଅଧିକାରୀ ଓ ବିଭିନ୍ନ ଥାନା ଆଇ ଆଇଆଇସିମାନଙ୍କୁ ନେଇ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇ ଥିଲା । ବୈଠକରେ ଏସପି




ଶ୍ରୀ ସିଂ ପୋଲିସ ଅଧିକାରୀ ମାନଙ୍କୁ ଠାରୁ ଜିଲ୍ଲା ସମ୍ପର୍କରେ ପଚାରି ବୁଝି ଥିଲେ । ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଥିଲେ । ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଲେ ତୁରନ୍ତ ତାଙ୍କୁ ଜଣାଇବା ପାଇଁ ଶ୍ରୀ ସିଂ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଯେପରି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ ହେବ ସେଥିପାଇଁ ସଜାଗ ରହିବେ । ଜିଲ୍ଲାରେ କ୍ରାଇମ୍ କ୍ରିମିନାଲ ଉପରେ ଫୋକସ କରିବା ଏବଂ ଅପରାଧ ନିୟନ୍ତ୍ରଣ ଉପରେ ପୋଲିସ ଅଧିକାରୀ ମାନେ ଦୃଷ୍ଟି ଦେବା ସହ ଜିଲ୍ଲାରେ ଅବାଧ ନିଶା କାରବାର କରୁଥିବା ନିଶା ବେପାରୀଙ୍କୁ ଧରିବା ପାଇଁ ଏସପି ନିର୍ଦ୍ଦେଶ ଦେଇଛନ୍ତି । ସେପରି ଅପରାଧ ଘଟାଉ ଥିବା ପେଶାଦାର ଅପରାଧିମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ସହ ସେମାନଙ୍କ ବିରୋଧରେ କଡ଼ା କାର୍ଯାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସପି ଶ୍ରୀ ସିଂ ସମସ୍ତ ପୋଲିସ ଅଧିକାରୀ ଓ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଏସପି, ଏସଡିପିଓ ଓ ସମସ୍ତ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବାଗଦେବୀ ବିଦ୍ୟା ମନ୍ଦିରରେ ଗଜାନନଙ୍କ ପୂଜା

ବାଲିପାଟଣା ,(ସବ୍ୟୁ) : ବାଲିପାଟଣାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବାଗଦେବୀ ବିଦ୍ୟା ମନ୍ଦିରରେ ଗଜାନନଙ୍କ ପୂଜା ପାଳିତ ହୋଇଯାଇଛି । ପୂର୍ବାହ୍ନରେ ପୂଜକ ଗୋଲଖ ପଣ୍ଡା ଶ୍ରୀ ଗଣେଶ ପୂଜା ଅର୍ଚ୍ଚନା କରିବା ସହିତ ହୋମ କାର୍ଯ୍ୟ ସମାପନ କରିଥିଲେ । ପରିଚାଳନା କମିଟି ସ୍ଥାୟୀ ସଭାପତି ଦିଲୀପ କୁମାର ଓଝା କର୍ତ୍ତା ହୋଇ ଠାକୁରଙ୍କ ଆଶ୍ରୀବାଦ ଭିକ୍ଷା କରିଥିଲେ । ବିଦ୍ୟାଳୟ ସଂପାଦକ କବି ଅଭିମନ୍ୟୁ ନାୟକଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ସବିତା ଲେଙ୍କା ଓ ରଞ୍ଜୁଲତା ସାହୁ ପୂଜାର ସମସ୍ତ କାର୍ଯ୍ୟ ଠିକ ଭାବରେ ତୁଲାଇଥିଲେ ।ଏହି ଅବସରରେ ଛାତ୍ରଛାତ୍ରୀ ଶ୍ରୀ ଗଣେଶ ଙ୍କୁ ପୁଷ୍ପାଞ୍ଜଳୀ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଲିପିକା ପ୍ରଧାନ ,ବନଶ୍ରୀ ରାଉତ ,ପୁଷ୍ପାଞ୍ଜଳି ଜେନା , ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।ପ୍ରଧାନ ଶିକ୍ଷୟିତ୍ରୀ ପବିତ୍ରା ଦାସ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ୨୦ ବର୍ଷରେ ମା ଜାଗୁଲେଇ ଗଣେଶ ପୂଜା

ଫୁଲନଖରା,(ସବ୍ୟୁ): ପାହାଲ ଥାନା ଅନ୍ତର୍ଗତ ନଖରା ସ୍ଥିତ ମା ଜାଗୁଲେଇ ଗଣେଶ ପୂଜା କମିଟି ପକ୍ଷରୁ ବିଘ୍ନ ବିନାଶକ ପ୍ରଭୁ ଗଣେଶଙ୍କ ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି।ଚଳିତ ବର୍ଷ ଏହି ଅନୁଷ୍ଠାନର ଗଣେଶ ପୂଜା ୨୦ ବର୍ଷରେ ପଦାର୍ପଣ କରିଛି।ଏହି ପୂଜା କମିଟିର ସଭାପତି ବିଧାନ ଚନ୍ଦ୍ର ମିଶ୍ର,ସମ୍ପାଦକ ଆଲୋକ କୁମାର ଦାସଙ୍କ ସହିତ ରଞ୍ଜନ ମିଶ୍ର, ସିଦ୍ଧାନ୍ତ ଦାସ,ବିପିନ କୁମାର ଭୋଳ,ବିଶଜିତ ସ୍ୱାଇଁ,ବିବେକାନନ୍ଦ ସୱାଇଁ,ନିହାର ରଞ୍ଜନ ସୱାଇଁ, ବିନୋଦ ବିହାରୀ ଭୋଇ, ବାବାଜୀ ଚରଣ ସାହୁ,ଅଶୋକ କୁମାର ମହାନ୍ତି ଉପସ୍ଥିତ ଥିଲେ।ସେହିପରି ପଞ୍ଚବଟି ବଜାର ସ୍ଥିତ ଗଜାନନ ଯୁଥ କ୍ଲବ ତରଫରୁ ଗଣେଶ ପୂଜା ପାଳିତ ହୋଇଯାଇଛି ।

## ଲାୟନ୍ସ କ୍ଲବ୍ ଅଫ୍ ହୀରାକୁଦ ପରିବାର ଓ ଲାୟନ୍ସ କ୍ଲବ୍ ଅଫ୍ ମହାନଦୀ ଗ୍ରୀନ୍‌ର ମିଳିତ ଅଧିଷ୍ଠାନ ଉତ୍ସବ


ହୀରାକୁଦ,(ସବ୍ୟୁ): ଲାୟନ୍ସ କ୍ଲବ୍ ଅଫ୍ ମହାନଦୀ ଗ୍ରୀନ୍ ଓ ଲାୟନ୍ସ କ୍ଲବ୍ ଅଫ୍ ହିରାକୁଦ ପରିବାର ଙ୍କର ମିଳିତ ସହଯୋଗରେ ହୋଟେଲ ପରଲ ଅରଚାଡ, ରେମେଡ୍ ଠାରେ ମିଳିତ ଅଧିଷ୍ଠାନ ଉତ୍ସବ ପାଳିତ ହୋଇ ଯାଇଅଛି । ଏହି ଇନ୍‌ଷ୍ଟଲେସନ୍ ସେରିମୋନୀକୁ ମୁଖ୍ୟ ଅତିଥି ଭାବରେ, ପିଡିଜି ଲାୟନ୍ ଦେବେନ୍ଦ୍ର କୁମାର ଲାଠ , ଇନ୍‌ଷ୍ଟଲିଙ୍ଗ୍ ଅଫିସର୍, ପିଡିଜି ଲାୟନ୍ ବେଣୁମାଧବ ଡୋରା, ୨୦୨୫□୨୬ ର ନୂତନ କର୍ମକର୍ତ୍ତା ମାନଙ୍କୁ ଶପଥ ପାଠ କରାଇ ଥିଲେ । ଲାୟନାଷ୍ଟିକ୍ ୟିଅର ୨୦୨୫ □୨୬ ପାଇଁ, ଲାୟନ୍ସ କ୍ଲବ୍ ଅଫ୍ ମହାନଦୀ ଗ୍ରୀନ୍‌ରୁ ନୂତନ ଭାବେ ନିର୍ବାଚିତ ପ୍ରେସିଡେଣ୍ଟ ଲାୟନ୍ ସରୋଜ କୁମାର ନାୟକ, ସେକ୍ରେଟାରି ଲାୟନ୍ ନେହେରୁ ଦୀପ ଓ କୋଷାଧ୍ୟକ୍ଷ ଲାୟନ୍ ତପନ କୁମାର ନାୟକ ଶପଥଗ୍ରହଣ




କରିଥିଲେ । ସେହିପରି, ଲାୟନ୍ସ କ୍ଲବ୍ ଅଫ୍ ହିରାକୁଦ ପରିବାର ପକ୍ଷରରୁ ପ୍ରେସିଡେଣ୍ଟ ଲାୟନ୍ ରବୀନ୍ଦ୍ରନାଥ ସୁବୁଧି, ସେକ୍ରେଟାରି ଲାୟନ୍ ସେକ. ମନସୁର ଅଲି ଓ କୋଷାଧ୍ୟକ୍ଷ ଲାୟନ୍ ନିମାଇ ଚରଣ ପ୍ରଧାନ ତାଙ୍କ ଟିମ୍ ସହିତ ଶପଥଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଲାୟନ୍ ସରୋଜ କୁମାର ଆଚାର୍ଯ୍ୟ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଗେଷ୍ଟ ଅଫ୍ ଅନର୍ ଭାବରେ ହିନ୍ଦାଲକୋ ର କ୍ଲଷ୍ଟର୍ ହେଡ୍ (ଲ୍ୟାଣ୍ଡ ଆଣ୍ଡ କର୍ପୋରେଟସ୍ ଆଫେୟାର୍ସ) ବିଗ୍ନେଶ୍ୱର ପଣ୍ଡା , ଆଡଭାଇଜର୍ (ସିଏସ୍‌ଆର୍) ସୁକାନ୍ତ କୁମାର ମହାପାତ୍ର , ହେଡ୍ ସିଏସ୍‌ଆର୍ ଆନନ୍ଦ ଚକ୍ରବର୍ତ୍ତୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ଶେଷରେ ଲାୟନ ନେହେରୁ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡିଏଭି ୟୁନିଟ୍-୮ର ୫୪ତମ ବିଦ୍ୟାଳୟ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,(ସବ୍ୟୁ): □ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍□ର ୫୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରତିଷ୍ଠା ଦିବସର ମୂଳଭିତ୍ତିକ ଶିକ୍ଷା ସମ୍ବୋଧନ କାର୍ଯକ୍ରମରେ ମୁଖବକ୍ତା ରୂପେ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର ଯୋଗଦାନ କରି ଜୀବନକୁ ଆନନ୍ଦମୟ କରିବାକୁ ହେଲେ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଉନ୍ନତ କରିବାକୁ ହେବ ଏବଂ ସମୟ, ଆହାର, ବିହାର, ନିଦ୍ରା ଓ ଜାଗରଣରେ ସମକ ନିୟମ ପାଳନ କଲେ ନିଶ୍ଚିତ ସଫଳତା ହାସଲ କରିହେବ ବୋଲି ସେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ । ପ୍ରଭାତରେ ଆୟୋଜିତ ବୈଦିକ ଯଜ୍ଞରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସନ୍ତୋଷ ଉପାଧ୍ୟାୟ, ଅନୁପମା ଉପାଧ୍ୟାୟ, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନେ ବୈଦିକ ମନ୍ତ୍ରୋଚ୍ଚାରଣ କରିବା ସହିତ ସମଗ୍ର ବିଶ୍ୱର ମଙ୍ଗଳ କାମନା କରିଥିଲେ । ଅଧକ୍ଷା ଇପସିତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ବିଦାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହି ଉପଲକ୍ଷେ କାପିଟାଲ ହସ୍ପିଟାଲ ସହଯୋଗିତାରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୨୦୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କୃତୀ ଛାତ୍ରଛାତ୍ରୀ ତଥା ଡିଏଭି ଅନୁଷ୍ଠାନରେ ୨୫ବର୍ଷ ଧରି ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ ସମ୍ପନ୍ନ କରିଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ସଫଳତା ବହନ କରୁଥିବା ବାର୍ଷିକ ପତ୍ରିକା 'ଓନିକ୍ସ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ମଣିପାଲ ହସ୍ପିଟାଲ ତରଫରୁ ଶାରିରୀକ ଅନୁକୂଳନ (ଆର୍ଗୋନୋମିକ୍ସ) ବିଷୟରେ ସଚେତନତା ସଭାର ଆୟୋଜନ କରାଯାଇଥିଲା । ପରିବେଶକୁ ସବୁଜ ଓ ସୁନ୍ଦର ରଖିବା ନେଇ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ଛାତ୍ରଛାତ୍ରୀମାନେ ସମବେତ କଣ୍ଠସଙ୍ଗୀତ, ଯୋଗ ସଙ୍ଗମ, ନୃତକଳା ଆଦି ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରିଥିଲେ । ଅତିଥିମାନଙ୍କ ମଧ୍ୟରେ ଡିଏଭି କଳିଙ୍ଗନଗର ସଭାପତି ମଦନ ମୋହନ ପଣ୍ଡା, ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡଃ କେଶବ ଚନ୍ଦ୍ର ଶତପଥି, ବସନ୍ତ ମଞ୍ଜରୀ ଶତପଥୀ, ପୂର୍ବତନ ଅଧକ୍ଷା ଡ. ଭାଗବତୀ ନାୟକ, ଡିଏଭିର ଅଧକ୍ଷଅଧକ୍ଷା, ଶିକ୍ଷକଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକଗଣ ଉପସ୍ଥିତ ଥିଲେ ।




## ଝାରପଡାରେ 'ଜ୍ଞାନ ମନ୍ଦିର ' ପୁସ୍ତକ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ



ଭୁବନେଶ୍ୱର,(ସବ୍ୟୁ): ଝାରପଡା ଅନ୍ତର୍ଗତ ମହାଦେବନଗରଠାରେ ପବିତ୍ର ଗଣେଶ ପୂଜା ଦିନ 'ଜ୍ଞାନମନ୍ଦିର' ପୁସ୍ତକ ବିକ୍ରୟ କେନ୍ଦ୍ର ବିଶିଷ୍ଟ ଆଧ୍ୟାତ୍ମିକ ଲେଖକ ଓ ଜ୍ୟୋତିର୍ବିଦ ଡକ୍ଟର ପ୍ରଦୀପ କୁମାର ଚୌଧୁରୀ ଓ ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ରଙ୍କ ଦ୍ୱାରା ମିଳିତ ଭାବେ ଉଦଘାଟିତ ହୋଇଯାଇଛି । ପୁସ୍ତକ ଭଣ୍ଡାରର ମୁଖ୍ୟ ପରିଚାଳକ ଅଧୀର ନନ୍ଦ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଉଦଘାଟକଦ୍ୱୟ ଏହି ପୁସ୍ତକ ଭଣ୍ଡାରର ଉନ୍ନତି କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନଗେନ୍ଦ୍ର କୁମାର ଜେନା, ପ୍ରଦୀପ କୁମାର ପଣ୍ଡା, ବଲ୍ଲଭ ମହାରଣା, ରଜନୀକାନ୍ତ ସାମନ୍ତରାୟ, ପ୍ରଦ୍ୟୁମ୍ନ ସିଂ, କଳ୍ପନା ନନ୍ଦ, ଅର୍ପିତା ନନ୍ଦ, ଅବିନାଶ ନନ୍ଦ ଓ ସୁମନ ମହାପାତ୍ର ପ୍ରଭୃତି ଯୋଗ ଦେଇଥିଲେ ।

## ଦୁଇ ସ୍ତ୍ରୀଙ୍କ ମଧ୍ୟରେ ବିବାଦ : ରଙ୍ଗିଲା ସ୍ୱାମୀ ଗିରଫ

କୁଜଙ୍ଗ (ସବ୍ୟୁ) ନିଜ ସ୍ୱାମୀଙ୍କୁ ନେଇ ଦୁଇଜଣ ମହିଳାଙ୍କ ମଧ୍ୟରେ ବିବାଦ ହେବାରୁ ମହିଳାଙ୍କ ସ୍ୱାମୀକୁ କୁଜଙ୍ଗ ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ବିବାଦ ଗତ କେତେ ବର୍ଷ ହେବ ଲାଗି ରହିଛି। କୁଜଙ୍ଗ ଥାନା ଅନ୍ତର୍ଗତ ଜୟଶଙ୍କପୁର ଗାଁର ଅଜୟ ବେହେରା(୪୫) ପୂର୍ବରୁ ବିଭା କରିଥିଲେ। ତାଙ୍କର ୧୬ ବର୍ଷର ଗୋଟିଏ ପୁଅ ୧୧ବର୍ଷର ଗୋଟେ ଝିଅ ଥିଲା। ଏହା ନ ଜଣାଇ ସେ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରି ତାଙ୍କର ମଧ୍ୟ ଗୋଟିଏ ଝିଅ ରହିଛି। ଦୁଇ ସ୍ତ୍ରୀଙ୍କୁ ଅଜୟ ନିଜ ଗାଁରେ ଓ ବାହାରେ ରଖି ଆସୁଥିଲେ। ଏକଥା ଜଣା ପଡିବା ପରେ ତାଙ୍କର ଦ୍ୱିତିୟ ସ୍ତ୍ରୀ ଅଜୟଙ୍କ ନାମରେ ପୋଲିସ୍ ପାଖରେ ଅଭିଯୋଗ କରିଥିଲେ ।

## ୧୮ ବର୍ଷଧରି ଇକୋଫ୍ରେଣ୍ଡଲି ଗଣେଶ ପୂଜା: ପ୍ରାକୃତିକ ସଂଶାଧନରେ ବିରାଜିଲେ ପ୍ରଭୁ ଗଜାନନ

ଭୁବନେଶ୍ୱର,(ସବ୍ୟୁ): ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭଙ୍ଗା ଅଭଡ଼ା କୁର୍ତ୍ତୁଆରେ ଗଢ଼ିଛନ୍ତି ପ୍ରଭୁ ଗଜାନନଙ୍କ ନିଆରା ମୂର୍ତ୍ତି । ଏହି ମୂର୍ତ୍ତିକୁ ଗ୍ରାମୀଣ ପରିବେଶ ପରି ସଜାଇ ପୂଜା କରିଛନ୍ତି ଛାତ୍ରଛାତ୍ରୀମାନେ । ଏହି ନିଆରା ମୂର୍ତ୍ତି ନିର୍ମାଣ ପାଇଁ ଦଶ ହଜାରରୁ ଅଧିକ ଭଙ୍ଗା ଅଭଡ଼ା କୁର୍ତ୍ତୁଆ, କାଗଜ ପେଟି,କାଗଜ, ଅଠା ଓ ପ୍ରାକୃତିକ ରଙ୍ଗ ବ୍ୟବହାର ହୋଇଥିଲା । ମହାବିଦ୍ୟାଳୟର ବୃନ୍ଦାବନ ପଣ୍ଡା,ଦେବରାଜ ମହାରଣା, ଶୁଭମ୍ ଦାସ, ଶୁଭଙ୍କର ବେହେରା, ଦୀପକ କୁମାର ସାହୁ, ସୌମ୍ୟରଞ୍ଜନ ମହାରଣା, ସିରାକ୍ତୌଲ୍ଲା ନାୟକ, ପ୍ରଦତ୍ୟ ଭୋକ୍ତା ଓ ସଚିନ ବେହେରା ଆଦି ୯ ଜଣ ଶିଳ୍ପୀ ଛାତ୍ରଛାତ୍ରୀ



ମାନଙ୍କୁ ଏହି ମୂର୍ତ୍ତି ନିର୍ମାଣ କରିବାକୁ ୧୦ ଦିନ ସମୟ ଲାଗିଥିଲା । ଦୀର୍ଘ ୧୮ ବର୍ଷ ଧରି ଛାତ୍ରଛାତ୍ରୀମାନେ ଏହିପରି ଇକୋ ଫ୍ରେଣ୍ଡଲୀ ମୂର୍ତ୍ତି ତିଆରି କରି ସମାଜକୁ ପ୍ରକୃତିର ସୁରକ୍ଷା ବାର୍ତ୍ତା ଦେଇଆସୁଛନ୍ତି । ଗଜାନନଙ୍କ ପୂଜା ଅବସରରେ ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ପ୍ର. ଡ. ହୃଷିକେଶ ମିଶ୍ର,ବି ଜେ ପି ରାଜ୍ୟ ଓବିସି ମୋର୍ଚ୍ଚା ସଂଯୋଜକ ରବି ମହାରଣା, ମହାବିଦ୍ୟାଳୟ ଅଧକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ, ଉପାଧକ୍ଷ ଚନ୍ଦନ କୁମାର ସାମଲ, ଅଧ୍ୟାପକ ଭୂପତିଭୂଷଣ ପଣ୍ଡା ଓ ଲକ୍ଷ୍ମୀଧର ସ୍ୱାଇଁ ଏବଂ ଅନେକ ସ୍ଥାନୀୟ ଶୁଭେଚ୍ଛୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

# ଅଜଣା ଜନ୍ତୁ ଆତଙ୍କ : ୭ ମେଣ୍ଢା ମୃତ, ୩ ଆହତ, ୪ ନିଖୋଜ



ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ଭାମଶ୍ୟାଳି ଗ୍ରାମ ନିକଟରେ ଅଜଣା ଜନ୍ତୁ ଆକ୍ରମଣରେ ୭ଟି ମେଣ୍ଢାର ମୃତ୍ୟୁ ଘଟିଥିବା ବେଳେ ୩ଟି ଆହତ ଓ ୪ଟି ନିଖୋଜଥିବା ଜଣାଯାଇଛି । ମୃତ ମେଣ୍ଢା ମଧ୍ୟରେ ଭାମଶ୍ୟାଳି ଗ୍ରାମର ପ୍ରଦୀପ ଗୌଡ଼ଙ୍କ ୪ଟି, ଗଣେଶ ସେଠୀଙ୍କ ୨ଟି ଏବଂ ରନାକର ନାୟକଙ୍କ ୧ଟି ହୋଇଥିବା ବେଳେ ପ୍ରଦୀପଙ୍କ ୪ଟି ମେଣ୍ଢା ନିଖୋଜ ଥିବା ସେ ଅଭିଯୋଗ କରିଛନ୍ତି ।

ସୂଚନା ଅନୁସାରେ ଭାମଶ୍ୟାଳି ଗ୍ରାମର ସୁଦର୍ଶନ ଗୌଡ଼ ଓ ସନ୍ୟାସୀ ଗୌଡ଼ ରତନେଇ ଠାକୁରାଣୀ ମନ୍ଦିର ରାସ୍ତାର କେନାଲ ଛକ ପୋଖରୀ ନିକଟରେ ଗାଈ ଓ ଛେଳି ଗୋଠ ପକାଇ ସବୁଦିନ ଭଳି ରାତ୍ରିରେ ଜଗି ରହୁଥିଲେ ।

ତେବେ ଗତକାଲି ରାତିରେ କୌଣସି ଅଜଣା ଜନ୍ତୁ ଆକ୍ରମଣରେ ୭ଟି ମେଣ୍ଢାର ମୃତ୍ୟୁ ଘଟିଥିବା ବେଳେ ୩ଟି ମେଣ୍ଢା ଖଣ୍ଡିଆ ଖାବରା ହୋଇଛନ୍ତି ଏବଂ ୪ଟି ମେଣ୍ଢା ନିଖୋଜ ଥିବା ଅଭିଯୋଗ ହୋଇଛି । ପ୍ରଦୀପ ଓ ଗ୍ରାମବାସୀ ସକାଳ ସମୟରେ ଯାଇ ଖୋଜା ଖୋଜି କରିଥିଲେ ହେଁ ନିଖୋଜ ମେଣ୍ଢାଙ୍କର କୌଣସି ପତ୍ତା ମିଳି ନଥିବା କହିଛନ୍ତି । ଏନେଇ ଖବର ପାଇ ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ବନପାଳ କ୍ଷୀରୋଦ ଗୌଡ଼, ବନରକ୍ଷୀ ଯଶସ୍ୱିନୀ ସାହୁ ପ୍ରମୁଖ ଘଟଣା ସ୍ଥଳକୁ ଯାଇ ଅନୁସନ୍ଧାନ ଜାରି ରଖିଛନ୍ତି । ପାଦ ଚିହ୍ନ ସ୍ପଷ୍ଟ ଜଣା ପଡୁନଥିବା ବନ ବିଭାଗ କହିଛି । ସୁଦର୍ଶନ ଓ ସନ୍ୟାସୀ କଲରାପତିରି ବାଘ ଦେଖିଥିବା କହୁଥିବା ବେଳେ ବନବିଭାଗ ଏହା ହେଟା ହୋଇଥାଇପାରେ ବୋଲି ଅନୁମାନ କରିଛନ୍ତି । ମୃତ ମେଣ୍ଢାଗୁଡିକୁ ବ୍ୟବଚ୍ଛେଦ କରାଯାଇ ରିପୋର୍ଟ ଆସିବା ପରେ ମେଣ୍ଢା ମାଲିକମାନଙ୍କୁ କ୍ଷତି ପୂରଣ ଦିଆଯିବ ବୋଲି ବନାଞ୍ଚଳ ଅଧିକାରୀଙ୍କଠାରୁ ପ୍ରକାଶ ପାଇଛି ।

## ଜିଲ୍ଲାସ୍ତରୀୟ ସିଏମ କିଷାନ ସହାୟତା ରାଶି ପ୍ରଦାନ ସମାବେଶ

# ଡିବିଟି ମାଧ୍ୟମରେ ସହାୟତା ରାଶି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ବାରିପଦା, (ସବ୍ୟୁ) : କୃଷି ଭିତ୍ତିକ ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ ତଥା ପବିତ୍ର ଗଣେଶ ଚତୁର୍ଥୀ ଦିବସରେ କୃଷି ଶିକ୍ଷା ସଦନ, ଓୟୁଏଟି ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ରବି ୨୦୨୫-୨୬ର ସିଏମ କିଷାନର ତୃତୀୟ କିସ୍ତିରେ ୧,୦୪,୧୨୯ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।



ଏହାଦ୍ୱାରା ରାଜ୍ୟରେ ୫୧ଲକ୍ଷରୁ ଉର୍ଦ୍ଧ କ୍ଷୁଦ୍ର ଓ ନାମମାତ୍ର, ବିଶେଷ ଭାବେ ଅନୁନ୍ନତ ଜନଜାତି ସମୂହ ଚାଷୀ ଏବଂ ଭୂମିହୀନ କୃଷକ ପରିବାର ଉପକୃତ ହୋଇଛନ୍ତି । ଏହି କୃଷକ କଲ୍ୟାଣ ଯୋଜନା ଯାହାକି କୃଷକ ମାନଙ୍କ ଅର୍ଥନୈତିକ ଉନ୍ନତି ନିମିତ୍ତ ଆରମ୍ଭ କରାଯାଇଥିଲା ଯେଉଁ ଯୋଜନାରେ ଚାଷୀଙ୍କୁ ଗୋଟିଏ ବର୍ଷରେ ୨ଟି କିସ୍ତିରେ ୨ହଜାର ଟଙ୍କା ଲେଖାଏଁ ମୋଟ ୪ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ । ଏହି ଅବସରରେ ଆଜି ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରକାଶ ସୋରେନ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ବିଧାୟକ ଭାଦବ ହାଁସଦା, ବିଧାୟକ ସନାତନ ବିଜୁଳି ଓ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦାଃ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସ ସ୍ୱାଗତ ଭାଷଣ ଦେବା ସହ ଏହି ଯୋଜନା ସମ୍ବନ୍ଧରେ ତାଙ୍କର ବକ୍ତବ୍ୟ ରଖିଥିଲେ ।

ଅନ୍ୟାନ୍ୟ ମଂଚାସୀନ ଅତିଥି ବୃନ୍ଦ ମଧ ଏହି ଯୋଜନାର ବିଭିନ୍ନ ଦିଗ ଉପରେ ସୁଚିନ୍ତିତ ମତାମତ ରଖି ଯୋଜନାର ଉପାଦେୟତା ବିଷୟରେ କହିଥିଲେ । ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ବୃନ୍ଦଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ମତ୍ସ୍ୟ ଅଧିକାରୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଉପସ୍ଥିତ ରହି ବିଭାଗୀୟ ଯୋଜନାର ବିଭିନ୍ନ ଦିଗ ଉପରେ ନିଜ ନିଜ ସୁଚିନ୍ତିତ ମତାମତ ବ୍ୟକ୍ତ କରିଥିଲେ ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ କୃଷି ନିର୍ଦ୍ଦେଶିକା ମଧୁସ୍ମିତା ଜେନା, ସହକାରୀ କୃଷି ଅଧିକାରୀ ରମ୍ୟ ରଞ୍ଜନ ମହାନ୍ତ, କାର୍ଯ୍ୟାଳୟର ତୁଷାର କାନ୍ତ ମହାନ୍ତି, ମାନସ ରଞ୍ଜନ ମହାନ୍ତି ଓ ରାଜାରାମ ସାହୁଓ କାନ୍ତା ପୋଥାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ନାବାଳିକାଙ୍କୁ ଦୁଷ୍କର୍ମ, ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ( ସ୍ୱତନ୍ତ୍ର) ବିଭୁ ପ୍ରସାଦ ପଣ୍ଡା ଜଣେ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲାର ଶୁଣାଣି କରି ଅଭିଯୁକ୍ତକୁ ୨୦ ବର୍ଷ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି । ଏନେଇ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ସୂଚନା ପ୍ରଦାନ କରିଛନ୍ତି । ଅଭିଯୁକ୍ତ ଜଣକ ହେଉଛନ୍ତି ଗଜପତି ଜିଲ୍ଲାର ସନ୍ତୋଷ ଶବର ।

ସୂଚନା ମୁତାବକ, ସନ୍ତୋଷ ଶବର ଜଣେ ନାବାଳିକାକୁ ଅପହରଣ କରିବା ସହ ଯୌନ ନିର୍ଯାତନା ଦେଇଥିବା ନେଇ ଆର.ଉଦୟଗିରି ଥାନାରେ ୭୬/୨୦୨ ଭାରତୀୟ ପିଙ୍ଗଳ କୋର୍ଡର ଧାରା ୩୬୩, ୩୬୬ ଓ ପକ୍ସୋ ଆଇନର ଧାରା ୬ରେ ମାମଲା ରୁଜୁ ହୋଇଥିଲା । ଏହି ମାମଲା ଶୁଣାଣି କରି ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଦଣ୍ଡ ସହ ଏଗାର ହଜାର ଟଙ୍କା ଜରିମାନା ଦଣ୍ଡ ଦେଇଛନ୍ତି । ଏଗାର ହଜାର ଟଙ୍କା ଜରିମାନା ଅନାଦେୟ ହେଲେ ଅଧିକା ୮ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟ ପ୍ରକାଶ କରିଛନ୍ତି । ଏଥିସହ ଆଇନସେବା ପ୍ରାଧିକରଣଙ୍କୁ ୪ ଲକ୍ଷ ଟଙ୍କା ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଡିସିସି ଚୟନ କମିଟିରେ ସ୍ଥାନ ପାଇଲେ ଅଂଶୁମାନ



ବାରିପଦା, (ସବ୍ୟୁ) : ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଚୟନ କମିଟିରେ ଯୁବନେତା ଅଂଶୁମାନ ଦାସ ସ୍ଥାନ ପାଇଛନ୍ତି । ଏନେଇ ଅଲ ଇଣ୍ଡିଆ କଂଗ୍ରେସ କମିଟି ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ଘୋଷଣା କରାଯାଇଛି । ପ୍ରତି ଜିଲ୍ଲାରେ ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟା ପାଇଁ ରାଜ୍ୟ କମିଟି ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଉଛି । ଏହିକ୍ରମରେ ମୟୂରଭଞ୍ଜ ଜିଲ୍ଲାରୁ କନିଷ୍ଠ ଯୁବନେତା ଭାବେ ଅଖିଳ ଭାରତୀୟ କଂଗ୍ରେସ କମିଟି ତରଫରୁ ସ୍ଥାନ ପାଇଛନ୍ତି । କଂଗ୍ରେସ ଦଳର ଜଣେ ଦକ୍ଷ ଯୁବନେତା ଭାବେ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲା ମଜଦୂର କଂଗ୍ରେସ ଯୁବ ସଭାପତି, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଏବଂ ଅଧ୍ୟକ୍ଷ, ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ରହି ସାରିଛନ୍ତି । ସଠିକ ଭାବେ କାର୍ଯ୍ୟଧାର ପାଇଁ ତାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି । ଏନେଇ କଂଗ୍ରେସ କର୍ମକର୍ତ୍ତା ମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ପୂର୍ବତନ ବାଚସ୍ପତି ପ୍ରସନ୍ନ କୁମାର ଦାଶଙ୍କ ୧୦୭ତମ ଜୟନ୍ତୀ

ବାରିପଦା, (ସବ୍ୟୁ) : ବାରିପଦା ଲାଇନ୍ସ କ୍ଲବ ସଭାଗୃହରେ ପ୍ରସନ୍ନ କୁମାର ଦାଶ ସ୍ମୃତିକମିଟି ଦ୍ୱାରା ଡଃ ଶ୍ୟାମସୁନ୍ଦର ଦାସଙ୍କ ସଭାପତିତ୍ୱରେ ପ୍ରସନ୍ନ କୁମାର ଦାଶଙ୍କ ୧୦୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରସନ୍ନ ଦାଶ ଓ ଛାତ୍ର ସମସ୍ୟା ଶୀର୍ଷକ ବିଷୟ ଉପରେ ଆଲୋଚନା କରି ତାଙ୍କ ନିର୍ଦ୍ଦେଶରେ କିପରି ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ, ସେ ସମ୍ପର୍କରେ ଅବତାରଣା କରି ପ୍ରସନ୍ନଦାଶ ମୟୂରଭଞ୍ଜ ରାଜନୀତିର ପଥପ୍ରଦର୍ଶକ ଆଖ୍ୟା ଦେଇଥିଲେ। ସମ୍ମାନୀୟ ଅତିଥି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ପ୍ରସନ୍ନ ଦାସଙ୍କ ସହିତ ଦୀର୍ଘ ନିବିଡ଼ ସମ୍ପର୍କ ଉପରେ ଆଲୋକପାତ କରି ପ୍ରସନ୍ନ ଦାଶ ଅମର ରହେ ଶୀର୍ଷକ କବିତାରେ ପ୍ରସନ୍ନଦାଶଙ୍କ ନିଛକ ଜୀବନ ଚରିତ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା, ଡଃ ରମାକାନ୍ତ ସିଂହଙ୍କ ଅନ୍ୟତମ ବକ୍ତା ସଞ୍ଜୟ ଚୌଧୁରୀ ପ୍ରସନ୍ନଦାଶଙ୍କ ସାଲିସ ବିହୀନ ରାଜନୈତିକ ଜୀବନ ଉପରେ ବକ୍ତବ୍ୟ ରଖି ବୁଦ୍ଧିଜୀବୀ ଓ ଉତ୍ତର ପିଢ଼ି ମୟୂରଭଞ୍ଜର ହକ ପାଇଁ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ। ସଭାରେ ସ୍ୱରୂପ ମିଶ୍ର, ମହାଦେବ ଦାଶ, ଡ଼ଃ ମୋହିତ କୁମାର ଷଡ଼ଙ୍ଗୀ, ଡ଼ଃ ସୁଶାନ୍ତ କୁମାର ପାତ୍ର, ଡ଼ଃ ତରୁଣ କୁମାର ଓଝା, ଅରୁଣ କୁମାର ଓତା, ହରିଶ୍ଚ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଆଶିଷ ବସା ଓ ଭାସ୍ୱତୀ ବାରିକ ପ୍ରମୁଖ ପ୍ରସନ୍ନ ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବାବେଳେ ପୁତ୍ରବଧୂ ମନୋରମା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ପରିବାର ବର୍ଗଙ୍କ ସହିତ ଅତିଥିମାନେ ଷ୍ଟେସନ ବଜାର ପଡିଆ ସନମୁଖ ପ୍ରସନ୍ନ ଦାଶଙ୍କ ପ୍ରତିମୂର୍ତ୍ତି ରେ ଦୀପଦାନ ଓ ମାଲ୍ୟାର୍ପଣ କରିଥିଲେ।

## ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ଗଣନାଥଙ୍କ ପୂଜା



କଟକ, (ସ୍ୱପ୍ର) : ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ବିଦ୍ୟାଦାତା ଶ୍ରୀ ଗଣନାଥଙ୍କ ପୂଜା ଭାବଭକ୍ତିର ସହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଛାତ୍ର ଓ ଛାତ୍ରୀ ନିବାସ ଅନ୍ତେବାସୀଙ୍କ ପକ୍ଷରୁ ଆଡମ୍ବରପୂର୍ଣ୍ଣ ଭାବରେ ପୂଜା ଆୟୋଜନ ସହ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ମେଡିକାଲ କଲେଜ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଯଥାବିଧି ପୂଜା ସମ୍ପନ୍ନ ହୋଇଥିଲା । ଛାତ୍ରଛାତ୍ରୀମାନେ ଗଣନାଥଙ୍କୁ ପୂଜା ସହ ଭକ୍ତି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ଉପାଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ପ୍ରସାଦ ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ବିରଂଚି ନାରାୟଣ ମହାପାତ୍ର, ପରୀକ୍ଷା ନିୟନ୍ତ୍ରକ ଡ. ଦୟାନନ୍ଦ ଷଡଙ୍ଗୀ, ଡିନ୍, ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ ବିଭିନ୍ନ ବିଭାଗକୁ ଯାଇ ଗଣନାଥଙ୍କୁ ଦର୍ଶନ ସହ ଭକ୍ତିଅର୍ଘ୍ୟ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ନକଲି ସୁନା ଗହଣା ବନ୍ଧକ ରଖି ୨୦ ଲକ୍ଷ ଠକେଇ, ୩ ଗିରଫ

ବ୍ରହ୍ମପୁର, (ସବ୍ୟୁ): ନକଲି ସୁନା ଚୁଡି ଓ କାନ ଫୁଲ ୬ଟି ବ୍ୟାଙ୍କରେ ବନ୍ଧକ ରଖି ୨୦ ଲକ୍ଷରୁ ଅଧିକ ଟଙ୍କା ଠକେଇ ହୋଇଛି । ଏହି ଠକେଇ ପଛରେ ଉତ୍ତରପ୍ରଦେଶ (ୟୁପି)ର ଜଣେ ଯୁବକ ଓ ବାଲେଶ୍ୱରର ୨ ଜଣ ଯୁବକଙ୍କ ହାତ ରହିଥିବା ଜଣାପଡିଥିଲା । ତେବେ ଘଟଣା ସାମ୍ନାକୁ ଆସିବା ପରେ ବ୍ରହ୍ମପୁରର ବୈଦ୍ୟନାଥପୁର ଥାନା ପୋଲିସ କୌଶଳକ୍ରମେ ୩ ଅଭିଯୁକ୍ତଙ୍କୁ ନୂଆ ବସଷ୍ଟାଣ୍ଡ ନିକଟରୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ମିର୍ଜାପୁରର ଅଭିନବ ଶ୍ରୀବାସ୍ତବ(୨୬), ବାଲେଶ୍ୱର ସହଦେବଖୁଣ୍ଟାର ବିଶ୍ୱଜିତ କର (୪୨)ଓ ଆକଟପୁରର ସେଖ୍ ମନଜୁର ଇଲାଇ(୩୦) । ପ୍ରକାଶ ଯେ, ହିଞ୍ଜିଳିକାଟୁ ବଡଖଣ୍ଡିର ପି. ପୁରୁଷୋତ୍ତମ ନାମକ ଜଣେ ଯୁବକ ଆଜକୁ କିଛି ବର୍ଷ ତଳେ ଆନ୍ଧ୍ରପ୍ରଦେଶ କୋଟିନଡା ଠାରେ ଥିବା ଏକ ଚିଙ୍ଗୁଡି ଫ୍ୟାକଟ୍ରିରେ କାମ କରୁଥିଲେ । ସେହି ଫ୍ୟାକଟ୍ରିରେୟୁପିର ଶ୍ରୀବାସ୍ତବ ଓ ବାଲେଶ୍ୱରର ବିଶ୍ୱଜିତ ଓ ମନଜୁର ମଧ୍ୟ କାମ କରୁଥିଲେ । ଫଳରେ ଏହି ୪ ଜଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଗଢି ଉଠିଥିଲା । ହେଲେ ଆଜକୁ ୩ ବର୍ଷ ତଳେ ସମସ୍ତେ ସେହି ଫ୍ୟାକଟ୍ରି ଛାଡି ନିଜ ନିଜ ବାଟରେ ଅନ୍ୟ କାମଧନ୍ଦାରେ ମାତି ଯାଇଥିଲେ । ଦେଢ ବର୍ଷ ତଳେ ଉପରୋକ୍ତ ୩ ଅଭିଯୁକ୍ତ ହିଞ୍ଜିଳିକାଟୁର ପି. ପୁରୁଷୋତ୍ତମଙ୍କ ସହ ଯୋଗାଯୋଗ କରିଥିଲେ । ଅଭିଯୁକ୍ତମାନେ ବ୍ରହ୍ମପୁର ପହଞ୍ଚି ପୁରୁଣା ବସଷ୍ଟାଣ୍ଡ ଠାରେ ଥିବା ଏକ ହୋଟେଲରେ ରହିବା ସହ ସେଠାରେ ପୁରୁଷୋତ୍ତମକୁ ଡାକି ଆନ୍ଧ୍ରପ୍ରଦେଶରେ ଏକ ଚିଙ୍ଗୁଡି ଫ୍ୟାକଟ୍ରି କରିବା ବୋଲି କହିଥିଲେ ।

ସେହିକ୍ରମରେ ବ୍ୟାଙ୍କରେ ପୁରୁଣା ସୁନା ଅଳଙ୍କାର ବନ୍ଧକ ରଖି ଋଣ କରାଇଦେବାକୁ ଅନୁରୋଧ କରିଥିଲେ । ଏହାପରେ ପୁରୁଷୋତ୍ତମ ନିଜର ୨ ଜଣ ସମ୍ପର୍କୀୟଙ୍କ ନାଁରେ ବ୍ରହ୍ମପୁର, ହିଞ୍ଜିଳିକାଟୁ ଓ ମାଣ୍ଡିଆପଲ୍ଲୀରେ ଥିବା ଏକାଧିକ ସରକାରୀ ଓ ଘରୋଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଅଭିଯୁକ୍ତଙ୍କ ଠାରୁ ଉକ୍ତ ସୁନା ନେଇ ବ୍ୟାଙ୍କ ଗୁଡିକରେ ପର୍ଯ୍ୟାୟ କ୍ରମରେ ବନ୍ଧକ ରଖିଥିଲେ । ପୁରୁଷୋତ୍ତମ ନିଜ ସମ୍ପର୍କୀୟ ନାମରେ ବ୍ରହ୍ମପୁର ବ୍ୟାଙ୍କ ଅଫ ମହାରାଷ୍ଟ ଶାଖାରେ ୪ଟି ସୁନା ଚୁଡି ଓ ୨ କାନଫୁଲ ଦେଇ ୩ ଲକ୍ଷ ୫୦ ହଜାର ଟଙ୍କା ଋଣ ଉଠାଇଥିବା ବେଳେ ଟାଟାବେଞ୍ଜି ଠାରେ ଥିବା ଫେଡେରାଲ ବ୍ୟାଙ୍କରୁ ୩ ଲକ୍ଷ ୫୦ ଓ ହିଞ୍ଜିଳିକାଟୁ ଅକ୍ସିସ ବ୍ୟାଙ୍କରୁ ୩ ଲକ୍ଷ ୩୫ ହଜାର ଟଙ୍କା ଋଣ ଉଠାଇଥିଲେ । ୧୦ ଲକ୍ଷ ୩୫ ହଜାର ଟଙ୍କା ଋଣ ଉଠାଇବା ପରେ ସମସ୍ତ ଟଙ୍କା ଆଣି ଅଭିଯୁକ୍ତଙ୍କୁ ଦେଇଥିଲେ । ଏହାର କିଛି ମାସ ପରେ ଅଭିଯୁକ୍ତମାନେ ପୁଣି ଥରେ ବ୍ରହ୍ମପୁର ଆସି ଆଉ କିଛି ଟଙ୍କା ଆବଶ୍ୟକ ବୋଲି କହିବା ସହ ପୁଣି ଥରେ ସୁନା ଚୁଡି ଓ କାନଫୁଲ ଦେଇ ମାଣ୍ଡିଆପଲ୍ଲୀ ସ୍ଥିତ ଆକ୍ସିସ ବ୍ୟାଙ୍କ, ଖୋଡାସିଂ ସ୍ଥିତ ବ୍ୟାଙ୍କ ଅଫ ମହାରାଷ୍ଟ୍ର ଓ ହିଂଜିଳିକାଟୁ ଡିସିବି ବ୍ୟାଙ୍କରୁ ପୁଣି ୧୦ ଲକ୍ଷ ୬୧ ହଜାର ଟଙ୍କା ଋଣ ଉଠାଇଥିଲେ । ତେବେ ସାହାର୍ଯ୍ୟ କରିଥିବାରୁ ଅଭିଯୁକ୍ତମାନେ ପୁରୁଷୋତ୍ତମକୁ ୨ଟି ସୁନା ଚୁଡି ଦେଇଥିଲେ । ଏପଟେ ଅଭିଯୁକ୍ତମାନେ ପୁରୁଷୋତ୍ତମଙ୍କୁ ଦେଇଥିବା ୨ଟି ସୁନା ଚୁଡି ନେଇ ସେ ଅନ୍ୟ କିଛି ଅଳଙ୍କାର କିଣିବାକୁ ଉଦ୍ୟମ କରିବା ବେଳେ ସେଗୁଡ଼ିକ ନକଲି ବୋଲି ଜାଣିବାକୁ ପାଇଥିଲେ ।

ରୂପା ଚୁଡି ଉପରେ ସୁନାର ପ୍ରଲେପ ଦିଆଯାଇନଥିବା ଜଣାପଡିବା ପରେ ଅଭିଯୁକ୍ତମାନେ ତାଙ୍କୁ ଓ ସମ୍ପର୍କୀୟଙ୍କୁ ଫସାଇଦେଇଥିବା ପୁରୁଷୋତ୍ତମ ଜାଣିବା ପରେ ବୈଦ୍ୟନାଥପୁର ଥାନାକୁ ଯାଇ ଅଭିଯୋଗ କରିଥିଲେ । ସେହିକ୍ରମରେ ପୋଲିସ ଅଭିଯୁକ୍ତଙ୍କୁ ପୁଣିଥରେ ବ୍ରହ୍ମପୁର ଡକାଇବାକୁ ପୁରୁଷୋତ୍ତମକୁ କହିଥିଲା । ଅଭିଯୁକ୍ତମାନେ ବ୍ରହ୍ମପୁର ପହଞ୍ଚିବା ପରେ ପୋଲିସ ସେମାନଙ୍କୁ କାବୁ କରିଥିଲା ।

# ମାଲକାନଗିରି ଜିଲ୍ଲାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିଛି ଟିପିଏସ୍ଓଡିଏଲ୍

ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍) ତରଫରୁ ମାଲକାନଗିରି ଜିଲ୍ଲାରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ନିଆଯାଇଛି ବହୁ ଅଭିନବ ପଦକ୍ଷେପ । ଦୁର୍ଗମ ତଥା ଜନଜାତି ବହୁଳ ଏହି ବଣ ପାହାଡ଼ ଘେରା ମୁଲକରେ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ପହଞ୍ଚାଇବା ପାଇଁ କମ୍ପାନୀ ପକ୍ଷରୁ ପ୍ରୟାସ କରାଯାଇଛି । ଯାହାଦ୍ୱାରା ଗତ କିଛି ମାସ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ପଦକ୍ଷେପ ଯୋଗୁଁ ବାରମ୍ବାର ବିଦ୍ୟୁତ ସେବା ବିଚ୍ଛିନ୍ନ ହେବା ଭଳି ସମସ୍ୟାକୁ ଦୂର କରାଯାଇପାରିଛି । ଏଥିସହିତ ଗ୍ରାମୀଣ ପରିବାର ଗୁଡ଼ିକରେ ବିଦ୍ୟୁତ ସେବାକୁ ସୁଦୃଢ଼ କରାଯିବା ସହିତ ଜିଲ୍ଲାରେ ଗୁରୁତ୍ୱପୂର୍ଣ୍ଣ ସେବା ଉପରେ ଗୁରୁତ୍ୱ ଦିଆଯାଇଛି । ଭୌଗୋଳିକ ଦୃଷ୍ଟିକୋଣରୁ ମାଲକାନଗିରି ଜିଲ୍ଲାର ଅବସ୍ଥିତି ଏବଂ ବିକ୍ଷିପ୍ତ ଜନସଂଖ୍ୟାଯୋଗୁଁ ଏଠାରେ ପରିଚାଳନା କରିବା କଷ୍ଟସାଧ୍ୟ ଅଟେ । ମାତ୍ର ଏହି ସମସ୍ୟାର ସମାଧାନ ପାଇଁ ଟିପିଏସ୍ଓଡିଏଲ୍ ତରଫରୁ ଏଠାକାର ସବଷ୍ଟେସନ, ଫିଡର ଏବଂ ଡିଷ୍ଟ୍ରିବ୍ୟୁସନ ଲାଇନରେ ସୁଧାର ଆଣିବା ପାଇଁ ବହୁ ପଦକ୍ଷେପ ନିଆଯିବା ସହିତ ଉନ୍ନତୀକରଣ କରାଯାଇଛି । କେ.ଗୁମ୍ମା ସବଷ୍ଟେସନରେ, ଏକକ ଟ୍ରାନ୍ସଫର୍ମର ଉପରେ ଥିବା ନିର୍ଭରତା ସମ୍ବନ୍ଧୀୟ ବିପଦକୁ ହ୍ରାସ କରିବା ପାଇଁ ଅତିରିକ୍ତ ବ୍ୟବସ୍ଥା କରାଯାଇଛି । ଏହି ପଦକ୍ଷେପ ଯୋଗୁଁ ବାରମ୍ବାର ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବାଭଳି ସମସ୍ୟା ଦୂର ହେବା ସହିତ ସ୍ଥାନୀୟ ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଣକୁ ସୁନିଶ୍ଚିତ କରାଯାଇପାରିଛି । ସେହିପରି ବାଲିମେଳା ଓ ମାଥିଲିଠାରେ ଟ୍ରାନ୍ସଫର୍ମରର କ୍ଷମତାକୁ ୫ଏମଭିଏକୁ ବୃଦ୍ଧି କରାଯାଇଛି । ଜିଲ୍ଲାରେ ୩୩କେଭି ଲାଇନର ମଧ୍ୟ ସୁଦୃଢ଼ୀକରଣ କରାଯାଇଛି । ଫିଡରଗୁଡ଼ିକର ସୁଦୃଢ଼ୀକରଣ କରାଯିବା ସହିତ ସଂଯୋଗୀକରଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଖୈରପୁଟ ବ୍ଲକକୁ ଏକ ନିର୍ଦ୍ଦିଷ୍ଟ ଲାଇନ ସହ ସଂଯୋଗ କରାଯାଇଥିବାବେଳେ ଚିତ୍ରକୋଣ୍ଡା ଜଳଭଣ୍ଡାର ଓ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ ସେବାକୁ ସୁଦୃଢ଼ କରାଯାଇଛି । ସେହିପରି ଜିଲ୍ଲାର ୧୧କେଭି ଲାଇନର ବିସ୍ତାର କରାଯିବା ସହିତ କେ.ଗୁମ୍ମା, ଚିତ୍ରକୋଣ୍ଡା, ପାଣ୍ଡ୍ରିପାନି, ବଜରଙ୍ଗ କଲୋନୀ ଏବଂ ବନ୍ଦୀଗୁଡ଼ା ଆଦି ଅଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ କରାଯାଇପାରିଛି । ବ୍ରେକଡାଉନ ସମୟରେ ବିଦ୍ୟୁତ ସେବାକୁ ପୁର୍ନସ୍ଥାପନ କରିବା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଦ୍ୟୁତ ସେବାକୁ ଶୀଘ୍ର ସ୍ଥାପନ କରିବା କ୍ଷେତ୍ରରେ ଏହି ପଦକ୍ଷେପ ବିଶେଷ ଭାବରେ ସହାୟକ ହେବ ।



ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା କୋୟା, ଭୂମିଆ, ପରଜା, ବଣ୍ଡା ଏବଂ ଦିଦାୟୀ ଆଦି ଜନଜାତିଙ୍କ ଦୈନନ୍ଦିନ ଜୀବନରେ ଏହି ଉନ୍ନତୀକରଣ ବିଶେଷ ଭାବରେ ସହାୟକ ହୋଇପାରିଛି । ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ କଲ୍ୟାଣ ଯୋଜନା ଓ ଆୟ ସୃଷ୍ଟି କରିବାରେ ଏହି ଅଞ୍ଚଳର ଉନ୍ନତ ବିଦ୍ୟୁତ ସେବା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ବିଦ୍ୟୁତ ଗ୍ରୀଡଗୁଡ଼ିକର ଉନ୍ନତିକରଣ କରାଯିବା ସହିତ ଏସବୁକୁ ସୁଦୃଢ଼ କରିବା ଦ୍ୱାରା ଟିପିଏସ୍ଓଡିଏଲ୍ ଏହି ସମୁଦାୟସବୁକୁ ରାଜ୍ୟର ବିକାଶ ପଥରେ ସାମିଲ କରି ପାରିଛି । ମାଲକାନଗିରି ଜିଲ୍ଲାର ଏହି ଉନ୍ନତୀକରଣ ବାବଦରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଭୌଗୋଳିକ ଦୃଷ୍ଟିକୋଣରୁ ମାଲକାନଗିରି ଜିଲ୍ଲାରେ ବିଦ୍ୟୁତ ସେବା ପରିଚାଳନା କରିବା ଏକ ଆହ୍ୱାନ ଅଟେ । ମାତ୍ର ଟିପିଏସ୍ଓଡିଏଲ୍ ତରଫରୁ ନିଆଯାଇଥିବା ଉଲ୍ଲେଖନୀୟ ପଦକ୍ଷେପ ଯୋଗୁଁ ଭରସାଯୋଗ୍ୟ ନେଟଓ୍ୱର୍କ ଓ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇପାରିଛି । ଯାହାଦ୍ୱାରା ଏହି ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା ଓ ସମୁଦାୟର ବିକାଶକୁ ଗୁରୁତ୍ୱ ଦିଆଯାଇଛି । ଏହି ଅଞ୍ଚଳରେ ଭରସାଯୋଗ୍ୟ ବିଦ୍ୟୁତ ସେବା ଯୋଗାଇବା କେବଳ ବିଦ୍ୟୁତ ସେବା କ୍ଷେତ୍ରରେ ସୀମିତ ନୁହେଁ ବରଂ ଲୋକଙ୍କୁ ସଶକ୍ତ କରିବା ଓ ସେମାନଙ୍କ ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ଉର୍ଦ୍ଦିଷ୍ଟ । ଟିପିଏସ୍ଓଡିଏଲ୍ ତରଫରୁ ସମଗ୍ର ଦକ୍ଷିଣ ଓଡ଼ିଶାରେ ସୁରକ୍ଷିତ, ନିର୍ଭରଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣର ଏକ ବିଶେଷ ଦୃଷ୍ଟାନ୍ତ ହେଉଛି ବିଦ୍ୟୁତ ସେବା କ୍ଷେତ୍ରରେ ମାଲକାନଗିରି ଜିଲ୍ଲାର ଏହି ଉନ୍ନତୀକରଣ । ଓଡ଼ିଶା ସରକାର ଓ ଟାଟା ପାଓ୍ୱାରର ଏହି ଯୌଥ ଉଦ୍ୟୋଗ ତଥା ଟିପିଏସ୍ଓଡିଏଲ୍ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା, ନେଟଓ୍ୱର୍କର ଉନ୍ନତୀକରଣ କରିବା, ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆଣିବା, ଗ୍ରାହକଙ୍କୁ ଗୁଣାତ୍ମକ ଓ ଭରସାଯୋଗ୍ୟ ବିଦ୍ୟୁତ ସେବା ଯୋଗାଇବା କ୍ଷେତ୍ରରେ ନିବେଶ ଓ ପ୍ରୟାସ ଜାରି ରଖିଛି । ସ୍ଥାୟୀ ଓ ସମାବେଶୀ ବିକାଶକୁ ଗୁରୁତ୍ୱ ଦେଇ ଟିପିଏସ୍ଓଡିଏଲ୍ ବିଦ୍ୟୁତ ସେବାକୁ ଆହୁରି ବ୍ୟାପକ କରିବା ପାଇଁ ପ୍ରତିବଦ୍ଧ ଅଟେ ।

# ଦାଦିଜୀଙ୍କ ପୁଣ୍ୟ ତିଥିରେ ରକ୍ତଦାନ ଶିବିର

ଭଞ୍ଜନଗର, (ସବ୍ୟୁ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟାଳୟ ମାଉଣ୍ଟ ଆବୁର ପୂର୍ବତନ ପ୍ରଶାସିକା ରାଜଯୋଗିନୀ ଦାଦୀ ପ୍ରକାଶ ମଣିଙ୍କ ୧୮ତମ ପୁଣ୍ୟ ତିଥିରେ ଭଞ୍ଜନଗରର ଶାନ୍ତିସ୍ରୋତ ଭବନରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା ।

ଏହି ଅବସରରେ ଉତ୍ତର ଘୁମୁସର ବନାଞ୍ଚଳ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଏମ.ଭି.ଆଇ କିଶୋର କୁମାର ଦେ, ଷ୍ଟେଟବ୍ୟାଙ୍କ ପରିଚାଳକ ହୃଷିକେଶ ବେହେରା, ଉପଖଣ୍ଡ ଚିକିତ୍ସାଳୟର ଡ. ସତୀଶ ମୋହନ ପାଢ଼ୀଙ୍କ ସହ ସହକର୍ମୀ ବିପିନ୍ କୁମାର ପାଣିଗ୍ରାହୀ, ଲକ୍ଷ୍ମୀ ନୃସିଂହ ମାଝି ଓ ଅର୍ଚ୍ଚନା ସାହୁ, ବିପଦର ବନ୍ଧୁ ଅରାକ୍ଷିତ ପରିଛା, ପ୍ରତିଦିନ ଟିଭି ଗଞ୍ଜାମ ଜିଲ୍ଲା ସ୍ୱତନ୍ତ୍ର ପ୍ରତିନିଧି ଅମରେନ୍ଦ୍ର କୁମାର ପଟ୍ଟନାୟକ,ୟୁଜେଏ ଗଞ୍ଜାମ ଜିଲ୍ଲା ସମ୍ପାଦକ ଜୟ କୃଷ୍ଣ ପଟ୍ଟନାୟକ, ସମାଜସେବୀ ଶୂଳପାଣି ଶତପଥୀ ଉପସ୍ଥିତ ଥିଲେ ।

ଦାଦୀଜୀ ତ୍ୟାଗ, ତପସ୍ୟା, ମିଠାବାଣୀ କିପରି ସାରା ବିଶ୍ୱସ୍ତରରେ ସୃଷ୍ଟି କରିଥିବା ବନ୍ଧୁତା ଭାବକୁ ରାଜଯୋଗିନୀ ବ୍ରହ୍ମାକୁମାରୀ ସନ୍ତୋଷିନୀ ଭଉଣୀ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ବ୍ରହ୍ମା କୁମାର ବୈକୁ= ଭାଇ ସଭା ପରିଚାଳନା କରିଥିବା ବେଳେ ବ୍ରହ୍ମା କୁମାରୀ ପ୍ରାପ୍ତି ଭଉଣୀ ଧନ୍ୟବାଦ ଜ୍ଞାପନ କରିଥିଲେ । ୪୨ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

## ବଜ୍ରାଘାତରେ ମୃତ ପରିବାରଙ୍କୁ ସହାୟତା ରାଶି ପ୍ରଦାନ



ଛତ୍ରପୁର, (ସବ୍ୟୁ): ଗତକାଲି ଛତ୍ରପୁର ବ୍ଲକ ଅନ୍ତର୍ଗତ ସରଭୀମପୁର ଗ୍ରାମର ବିଲରେ କାମ କରୁଥିବା ବେଳେ ହଠାତ ବିଜୁଳି ଘଡଘଡି ମାରିଥିଲା । ସେଥିରେ ଦୁଇ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିଲା । ମୃତ ମହିଳା ଦ୍ୱୟ ହେଲେ କୁନି ଗୌଡ଼ ଓ ନିରୁପମା ଗୌଡ଼ । ଉଭୟ ନଣନ୍ଦ ଓ ଭାଉଜ । ଫଳରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ପରିବାର ଲୋକ ଦୁଃଖରେ ଭାଙ୍ଗି ପଡିଥିବାବେଳେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡକ୍ରସ ପା=ିରୁ ମୃତକ ପରିବାର ଲୋକଙ୍କୁ ୩୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ତହସିଲଦାର ସମ୍ବିତ ସଂଗ୍ରାମ ଜିତ ସାହୁଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମରେ ଅତିରିକ୍ତ ତହସିଲଦାର ଏନ. ରବି ପ୍ରଧାନ ପହଁଚି ଯୁବ ନେତା ବନୋଜ ନାହାକ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ ଓ ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ପୋଟଲାମପୁର ଆରଆଇ ନିରଞ୍ଜନ ସାହୁଙ୍କ ଉପସ୍ଥିତ ରେ ସହାୟତା ରାଶି ପ୍ରଦାନ କରିଥିଲେ ।

## ୟୁନିକ ଉଚ୍ଚ ମାଧ୍ୟମିକ ଓ ବିଜୁ ପଟ୍ଟନାୟକ ଆଇ ଟିଆଇରେ ଗଜାନନ ପୂଜା

କୁଆଖିଆ,(ସବ୍ୟୁ) :ୟୁନିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବିଜୁ ପଟ୍ଟନାୟକ ଆଇ ଟି ଆଇକୁଆଖିଆ ବିଜୁନଗରରେ ଆଜି ଗଜାନନ ପୂଜା ୟୁନିକ ଉଚ୍ଚ ମାଧ୍ୟମିକ ର ଅଧ୍ୟକ୍ଷ ରଜତ ମହାଲିକ ଓ ଅଧ୍ୟକ୍ଷ ମଳୟ କୁମାର ସାମଲ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । କର୍ତାଭାବେ ପ୍ରଫୁଲ୍ଲ ସାହୁ ଯଜ୍ଞ ପରିଚାଳନା କରିଥିଲେ । ଅଧ୍ୟାପକ ଗଣେଶ ସେନାପତି, ପ୍ରିୟଙ୍କା ମହାପାତ୍ର, ଜ୍ୟୋତି କବି, ତିଳତ୍ତମା ନାୟକ, ସୁନାକାର ନାୟକ, ବିଜୁ ଆଇ ଟି ଆଇ ର ଅମିତ କୁମାର ରାୟ, ପାର୍ଥସାରଥୀ ସାହୁ, ମହେଶ୍ୱର ସାହୁ, ଚନ୍ଦନ ମଲ୍ଲିକ, ସତ୍ୟନାରାୟଣ ଜେନା, ବୃନ୍ଦାବନ ଶତପଥୀ, ରାମାନାଥ ବାହାଲିଆ ଜଗତଜିବନ ବେହୁରା, ୟୁନିକ ର ସଂଜୀବ ପଣ୍ଡା, ରବୀନ୍ଦ୍ର ନାୟକ, ଗୀତିପୁଷ୍ପା ଦାସ, ଶିବଦ୍ୟୁତି ପାଣିଗ୍ରାହୀ, ପ୍ରତାପ ସାହାଣୀ, ସୁଜାତା ନାୟକ, ଶକ୍ତିକାନ୍ତ ପାଣିଗ୍ରାହୀ, ଚନ୍ଦନ ବେହେରା ଆଇ ଟି ଆଇ ର ସମସ୍ତ କର୍ମଚାରୀ ସୁବାସ ଚନ୍ଦ୍ର ବେହେରା, ସୁରେନ୍ଦ୍ର ବାରିକ, ସୁରେଶ କୁମାର ପଣ୍ଡା, ସୁଶାନ୍ତ କୁମାର ମୁଦୁଲି, କିଶୋର ମଳିକ, ରୂପକ ଜେନା, ଇନ୍ଦ୍ରମଣି ନାୟକ, ସୁବ୍ରତ ରାଉତ, ପ୍ରିୟଙ୍କାନାୟକ, କାର୍ତକ ମହାରଣା ପ୍ରମୁଖ ମିଶି ପରିଚାଳନା କରିଥିଲେ ।

## ପୋଖରୀରେ ବୁଡିଗଲେ ବୃଦ୍ଧ

ମହାକାଳପଡ଼ା ,(ସବ୍ୟୁ ): ମହାକାଳପଡ଼ା ବ୍ଲକ ଟିକରପଙ୍ଗା ପଂଚାୟତ ଗତାନଈ ଗାଁ ନୁଆସାହି ର ୬୩ବର୍ଷୀୟ କ୍ଷୀରୋଦ ମଲ୍ଲିକ ଶୌଚ ହେବାକୁ ଯାଇ ପୋଖରୀରେ ବୁଡି ମୃତ୍ୟୁ ବରଣ କରିଛନ୍ତି । ମଙ୍ଗଳବାର ସନ୍ଧ୍ୟାରେ ମୃତକ ନିତିଦିନ ଭଳି ଶୌଚ ହେବାକୁ ଯାଇଥିଲେ । ମାତ୍ର ଅସାବଧାନତା ବଶତଃ ବୃଦ୍ଧ ପୋଖରୀରେ ବୁଡି ଯାଇ ମୃତ୍ୟୁ ବରଣ କରିଛନ୍ତି । ମାର୍ଶାଘାଇ ପୋଲିସ ୨୧/୨୫ଯୋଗେ ମାମଲା ରୁଜୁ କରି ମୃତ କ୍ଷୀରୋଦଙ୍କ ଶବ ବ୍ୟବଛେଦ କରାଇ ପରିବାର କୁ ହସ୍ତାନ୍ତର କରିଛନ୍ତି । ସନ୍ତାପିତ ପରିବାର କୁ ପ୍ରଶାସନ ସହାୟତା ହାତ ବାଢାଇବାକୁ ସ୍ଥାନୀୟ ଲୋକେ ଦାବି କରନ୍ତି ।

## ସାଲେପୁର ଅଞ୍ଚଳରେ ଗଣେଶ ପୂଜା


ସାଲେପୁର,(ସବ୍ୟୁ) :ଆଜି ଧରାବତରଣ କରିଛନ୍ତି ଅଗ୍ରପୂଜ୍ୟ ବିଘ୍ନ ବିନାସକ ପ୍ରଭୁ ଗଜାନନ । ପ୍ରଭୁ ଗଜାନନଙ୍କ ଆଗମନକୁ ନେଇ ଚଳ ଚଞ୍ଚଳ ହୋଇ ଉଠୁଛି ସାଲେପୁର ଅଞ୍ଚଳ । ସବୁଆଡେ ଉତ୍ସ ମୁଖରଛବିଭିନ୍ନ ପୂଜା ମଣ୍ଡପ ଏବଂ ଶିକ୍ଷାଅନୁଷ୍ଠାନ ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନରେ ଆଜି ବିଘ୍ନରାଜଙ୍କ ପୂଜା କରାଯାଉଛି । ସାଲେପୁର ଅଞ୍ଚଳରେ ଥିବା ସମସ୍ତ ସରକାରୀ, ବେସରକାରୀ ସ୍କୁଲ, କଲେଜ ,କୋଚିଂ ସେଣ୍ଟର, ଏବଂ ବିଭିନ୍ନ କ୍ଲବ ଓ ପୂଜା ମଣ୍ଡପ ରେ ପାଳନ ହେଉଛି ପ୍ରଭୁ ବିଘ୍ନନାସକ ଶ୍ରୀ ଗଣେଶଛସହର ଠାରୁ ଗାଁ ଗଳି ପୁର ପଲ୍ଲୀ ସବୁଆଡେ ଉତ୍ସବର ମାହୋଲ ଦେଖିବାକୁ ମିଳୁଛି । ବିଭିନ୍ନ ପ୍ରକାର ଆଲୋକ ମାଳା,ଲାଇଟ ଗେଟ ରେ ସଜେଇ ହୋଇଛି ମଣ୍ଡପ ଓ ରାସ୍ତା ଘାଟ । ସାଲେପୁର ଅଞ୍ଚଳର କଣ୍ଟାସାହି ଗଣେଶ ପୂଜା କମିଟି, ମାଛୁଆଡି ତାରିଣୀ କ୍ଲବ, ସତ୍ୟନାରାୟଣ କ୍ଲବ, ଅରବିନ୍ଦ ରୋଡ଼ ପୂଜା କମିଟି, ମା ସାହେଶ୍ୱରୀ କ୍ଲବ, ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ, ମା ଶାରଳା କ୍ଲବ, ରୋଧପୁର ଇଲେଭେନ ଷ୍ଟାର କ୍ଲବ, ବୋଦାମୁଣ୍ଡାଇ, କୁସନ୍ଧି, ରାଇସୁଙ୍ଗୁଡା, ଗଙ୍ଗେଶ୍ୱର,ମିର୍ଜାପୁର, ପଟୁଆ, ଜପକୂଦ, ବହୁଗ୍ରାମ,ପାଗା,ପଦ୍ମପୁର ର ବିଭିନ୍ନ ପୂଜା ମଣ୍ଡପରେ ମହା ସମାରୋହରେ ପାଳନ କରାଯାଉଛି ପ୍ରଭୁ ଶ୍ରୀ ଗଣେଶ ଙ୍କ ପୂଜା ।

## ମହେଶ୍ୱର ପ୍ରତିଭା ପରିଷଦ ପକ୍ଷରୁ କୃତୀ ଛାତ୍ରୀ ସମ୍ବର୍ଦ୍ଧିତ

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଆର୍.ଓ. ସରକାରୀ ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରୀ ଆକାଂକ୍ଷା ଭୂୟାଁ ଙ୍କୁ ଓସ୍ତପୁରର ମହେଶ୍ୱର ପ୍ରତିଭା ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଗତ ମାଟ୍ରିକ୍ ପରୀକ୍ଷାରେ ସମ୍ପୃକ୍ତ ଛାତ୍ରୀ ଜଣକ ଏ-୧ରେ ପାସ କରିଥିବାରୁ ପରିଷଦ ପକ୍ଷରୁ ତାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ନିମାଇଁଚରଣ ସାହୁଙ୍କ ପୌରହିତ୍ୟରେ ପରିଷଦର ସଭାପତି ରବୀନ୍ଦ୍ରନାଥ ପଣ୍ଡା, ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ,ଶିକ୍ଷକ ମନୋଜ କୁମାର ଓଝା,ଶରତଚନ୍ଦ୍ର ନାୟକ,ମନୋରଂଜନ ସ୍ୱାଇଁ,ଚିତ୍ତରଂଜନ ପ୍ରଧାନ, ସତ୍ୟସାରଥୀ ବେହେରା, ବିଦ୍ୟାଧର ବାରିକ, ଉତ୍ତମ ଚରଣ ମଲିକ ପ୍ରମୁଖ ଯୋଗ ଦେଇ ଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ମେସ୍କୋ କାରଖାନା ଚାଲୁକରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ମନ୍ତ୍ରୀ

ଦାନଗଦ,(ସବ୍ୟୁ) :୧୯୯୩ ମସିହାରେ ପ୍ରତିଷ୍ଠିତ ହୋଇଥିବା ମେସ୍କୋ ଷ୍ଟିଲ ଗ୍ରୁପର ମିଡ-ଇଷ୍ଟ ଇଂଟିଗ୍ରେଟେଡ ଷ୍ଟିଲ ଡଃ. ହେଉଛି ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଂଚଳର ପ୍ରଥମ ଇସ୍ପାତ କାରଖାନା । ଏଥିପାଇଁ ସୁକିନ୍ଦା ଏବଂ ଦାନଗଦୀ ବ୍ଲକ ଅନ୍ତର୍ଗତ ସିଆରିଆ, ଖୁରଂଟି ଓ ମାନଗୋବିନ୍ଦପୁର ଗ୍ରାମର ୨୦୦ ପରିବାର ବାସଚ୍ୟୁତ ହୋଇ ୬୫୦ ଏକର ଜମି ଅଧିଗ୍ରହଣ ହୋଇଥିବା ବେଳେ ରାଜ୍ୟ ସରକାର ମଧ୍ୟ କେନ୍ଦୁଝର ଜିଲ୍ଲା ବଡବିଲ ସେକ୍ଟରରେ ୧୫୦ ହେକ୍ଟର ଲୌହ ଖଣି ନିଜସ୍ ବ୍ୟବହାର ପାଇଁ ପ୍ରଦାନ କରିଛନ୍ତି । ଇଡକୋ ତରଫରୁ ମଧ୍ୟ ଷ୍ଟିଲ ବଂଡ ଜରିଆରେ ଅର୍ଥ ଯୋଗାଇ ଦିଆ ଯାଇଛି । ଏଥିସହିତ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରଣାଳୟ ତରଫରୁ ମେସ୍କୋ କଂପାନୀକୁ ଉତ୍ସର୍ଗୀକୃତ ରେଳଲାଇନ ଯୋଗାଇ ଦିଆଯାଇଛି । ମାତ୍ର ସମସ୍ତ ପ୍ରକାର ସହଯୋଗ ପାଇବା ସତ୍ତ୍ୱେ ମେସ୍କୋ କଂପାନୀ କର୍ତ୍ତୃପକ୍ଷଙ୍କ ତରଫରୁ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଆଳ ଦେଖାଇ କାରଖାନାକୁ ବନ୍ଦ ରଖାଯାଉଛି । ଶେଷଥର ପାଇଁ ୨୦୨୦ ମସିହା ଫେବୃୟାରୀ ମାସ ୧୨ ତାରିଖରୁ ଏହି କାରଖାନାର ଉତ୍ପାଦନକୁ ମେସ୍କୋ କଂପାନୀ କର୍ତ୍ତୃପକ୍ଷ ୬୬ ମାସ ହେବ ବନ୍ଦ ରଖିଛନ୍ତି । ଫଳରେ ଏହି କାରଖାନାରେ ପ୍ରତକ୍ଷ ଓ ପରୋକ୍ଷ ଭାବେ ନିୟୋଜିତ ୨୦୦୦ରୁ ଅଧିକ ଶ୍ରମିକ ଏବଂ କର୍ମଚାରୀ ପରିବାର ନିଯୁକ୍ତି ହରାଇ ଆର୍ଥିକ ଦୁର୍ଗତୀ ମଧ୍ୟରେ କାଳ କାଟୁଛନ୍ତି । ବେକାର ଶ୍ରମିକ ଏବଂ କର୍ମଚାରୀ ମାନେ ୬.୬ ମାସ ଧରି ବିଭିନ୍ନ ମଂଚରେ ଏବଂ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ କରି ଆସୁଥିବା ବେଳେ ସେମାନଙ୍କର ସମସ୍ତ ପ୍ରୟାସ ବ୍ୟର୍ଥ ହୋଇଛି । ମେସ୍କୋ କାରଖାନା କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ କେହି ସେମାନଙ୍କ ସମସ୍ୟାକୁ ସାମାଧାନ କରି ନାହାନ୍ତି । ଅନ୍ୟ ପକ୍ଷରେ ମେସ୍କୋ କଂପାନୀ ଜେଏସଏଲକୁ ସେମାନଙ୍କର ରେଳ ଲାଇନକୁ ଲିଜ୍ ଦେଇ ବିପୁଳ ଅର୍ଥ ଲାଭ କରୁଛି । ବର୍ତ୍ତମାନ ସରକାର ରାଜ୍ୟରେ ନିଯୁକ୍ତି ସୁଯୋଗ ଏବଂ ରାଜସ୍ୱ ସଂଗ୍ରହ ବୃଦ୍ଧି ପାଇଁ ପୂର୍ବ ସରକାରଙ୍କ ଭଳି ସକ୍ରିୟ ପଦକ୍ଷେପ ଗ୍ରହଣ କରି ନୂତନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ନିବେଶକ ମାନଙ୍କୁ ଆମନ୍ତ୍ରଣ ସହିତ ବୁଝାମଣା ପତ୍ର ସ୍ୱାକ୍ଷ ଜରୁଥିବାବେଳେ ଗୋଟିଏ ବନ୍ଦ ଶିଳ୍ପ ଏବଂ ଛଟେଇ କର୍ମଚାରୀ ମାନଙ୍କର ଅକଥନୀୟ ଦୁଃଖ ଦୁର୍ଦ୍ଦଶାକୁ ଅଣଦେଖା କରିବା ଇଚ୍ଛି ନୁହେଁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖି ପୂର୍ବତନ ମନ୍ତ୍ରୀ ଡଃ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଜଣାଇଛନ୍ତି । ଏ ପରିପ୍ରେକ୍ଷିରେ ଗରିବ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାର ଏବଂ ନିଯୁକ୍ତି ହରାଇଥିବା କର୍ମଚାରୀ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି କଳିଙ୍ଗ ନଗର ଶିଳ୍ପାଂଚଳର ପ୍ରଥମ ପ୍ରତିଷ୍ଠିତ କାରଖାନାକୁ ଖୋଲିବା ପାଇଁ ମେସ୍କୋ କାରଖାନା କର୍ତ୍ତୃପକ୍ଷଙ୍କ ଉପରେ ଚାପ ପକାଇବା ପାଇଁ ଅନୁରୋଧ କରିବା ସହିତ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଶିଳ୍ପ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗ ଉପମୁଖ୍ୟ ଶାସନ ସଚିବ ଏବଂ ଯାଜପୁର ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଡଃ, ଘଡାଇ ଅବଗତ କରିଛନ୍ତି ।



ଆଇଆରସି ଭିଲେଜ୍ ନୟାପଲ୍ଲୀର ଖୁସି ପ୍ରେଷ୍ଟିଜ୍ ଆପାର୍ଟମେଣ୍ଟର ଗଣେଶ ପୂଜା

# ସିଏମ୍ କିଷାନ ଯୋଜନାରେ ଜିଲ୍ଲାରେ ଉପକୃତ ହେବେ ୨.୫ ଲକ୍ଷ ଚାଷୀ



କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାରେ ସିଏମ୍ କିଷାନ ଯୋଜନାରେ ଉପକୃତ ହେବେ ପ୍ରାୟ ୨.୫ ଲକ୍ଷ ଚାଷୀ । ଏନେଇ ବୁଧବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ମଳିକଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏକ ସଭାରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଜିଲ୍ଲା ମୁଖ୍ୟ ପ୍ରାଣି ଚିକିତ୍ସା ଅଧିକାରୀ ଡ଼ଃ ମନୋଜ ପଟ୍ଟନାୟକ, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ, ଏଡିଓ ମାର୍ଶାଘାଇ ହେମ' ସାମଲ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଗାୟତ୍ରୀ ସାହୁ, ଏଓ ନିରନ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ର ସିଧା ପ୍ରସାରଣ କରାଯାଇ ଥିଲା । ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ଚାଷୀ ଯୋଗ ଦେଇଥିଲେ । ଜିଲ୍ଲାର କେନ୍ଦ୍ରାପଡା ବ୍ଲକରୁ ୧୮୭୫୫ ଜଣ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ଏବଂ ଭୂମିହୀନ ୭୪୨୭, ଡେରାବିଶ ର ୧୮୦୬୭ ଥିବାବେଳେ ଭୂମିହୀନ ୮୩୭୦, ମାର୍ଶାଘାଇ ର ୧୬୭୬୪ ଜଣ ଓ ୫୯୪୯ ଜଣ ଭୂମିହୀନ, ମହାକାଳପଡା ରୁ ୩୧୭୦୧ ଜଣ ଓ ଭୂମିହୀନ ୭୭୩୧ଜଣ, ରଗଦପୁର ରୁ ୧୬୫୮୯ ଜଣ, ଭୂମିହୀନ- ୪୪୯୦, ପଟ୍ଟାମୁଣ୍ଡାଇ ର ୧୮୦୯୯ ଜଣ, ଭୂମିହୀନ ୮୬୨୯, ଆଳିର ୧୯୭୩୯ ଜଣ, ଭୂମିହୀନ-୭୦୧୬ ଜଣ, ରାଜକନିକା ର ୨୦୫୪୭ ଜଣ, ଭୂମିହୀନ-୬୪୦୪, ରାଜନଗର ର ୨୦୨୬୨ ଜଣ, ଭୂମିହୀନ- ୮୭୪୨ ଜଣ । ଏହିଭଳି ଜିଲ୍ଲାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ୧ ଲକ୍ଷ ୮୦ ହଜାର ୫୨୩ ଜଣ ଥିବାବେଳେ କୃଷକ ପରିବାର ର ଭୂମିହୀନ- ୬୪୭୫୮ ଜଣ ଅଛି । ଏହି ଚାଷୀ ମାନଙ୍କ ବ୍ୟାଙ୍କ ଖାତାକୁ ସିଏମ୍ କିଷାନ ଯୋଜନାର ଅର୍ଥ ଅନଲାଇନ ମାଧ୍ୟମରେ ପହଁଚି ଥିବା ଜଣାପଡିଛି । ଏହି କାର୍ଯ୍ୟକ୍ରମ ରେ କୃଷକ ମୋର୍ଚ୍ଚାର ସଭାପତି ଶ୍ରୀଧର ପ୍ରଧାନ, ସଂପାଦକ ସତ୍ୟେ ରଂଜନ ସାହୁ, ବିଚିତ୍ରାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ସି ଏମ କିଷାନ ସହାୟତା ରାଶି କୃଷକର ମେରୁଦଣ୍ଡ ଶକ୍ତ କରିବ : ଶିଳ୍ପମନ୍ତ୍ରୀ

ଜଗତସିଂହପୁର, (ସବ୍ୟୁ) :ପବିତ୍ର ନୂଆଁଖାଇ ଅବସରରେମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସି ଏମ୍ କିଷାନ ସହାୟତାର ତୃତୀୟ କିସ୍ତି ରେ ୫୧ ଲକ୍ଷ ୫୪ ହଜାର ୧୧୫ ଜଣ କ୍ଷୁଦ୍ର, ନାମମାତ୍ର ଚାଷୀ, ଭୂମିହୀନ କୃଷକ ପରିବାର, ଅନୁକୂତ ଜନଜାତି ସମୂହ ଓ ସହରାଞ୍ଚଳର କୃଷକଙ୍କୁ ଡି. ବି.ଟି ମାଧ୍ୟମରେ ମୋଟ ୧,୦୪,୧୨୯ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ମୁଖ୍ୟ କୃଷି ଅଧକାରୀ ଶ୍ରୀବିଶ୍ୱଜିତ୍ ପଣ୍ଡା ଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ଜିଲ୍ଲା ସ୍ତରୀୟ ରବି ୨୦୨୫-୨୬ ର ସି.ଏମ୍ କିଷାନ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ , ସମ୍ମାନୀୟ ଅତିଥିଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଜଗତସିଂହପୁର ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ କି ବର୍ତ୍ତମାନ ଭାରତ କୃଷି ଏବଂ ଆନୁଷଙ୍ଗୀକ କୃଷି ଉତ୍ପାଦ ରପ୍ତାନୀ କରିବାରେ ଏକ ପ୍ରମୁଖ ରାଷ୍ଟ୍ର । କୃଷକ ପରିବାର ନିମନ୍ତେ ସି ଏମ କିଷାନ ସହାୟତା ରାଶି କୃଷକ ର ମେରୁଦଣ୍ଡ ଶକ୍ତ କରି ଦେଶ ତଥା ରାଜ୍ୟ ଅର୍ଥନୀତିରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାରେ ସହାୟକ ହେବ । ସମ୍ମାନିତ ଅତିଥି ସାଂସଦ ବିଭୁ ପ୍ରସାଦ ତରାଇ କହିଲେ ଯେ, କୃଷି ଓ କୃଷକ ସଶକ୍ତ ହେଲେ ଦେଶ ତଥା ରାଜ୍ୟ ସଶକ୍ତ ହେବ । ଏହି କାର୍ଯ୍ୟକ୍ରମରେ ବିଧାୟକ ଅମରେନ୍ଦ୍ର ଦାସ,ଜିଲ୍ଲା ପରିଷଦସଭାପତି ମନୋଜ କୁମାର ଭୋଇ,ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗ ଦେଇ କହିଲେ ଯେ ସରକାର ଆସିବା ପରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଆମେ ନିରନ୍ତର ଉଦ୍ୟମ ଜାରି ରଖିଛୁ । ଚାଷ କାର୍ଯ୍ୟ ଆରମ୍ଭ ଠାରୁ ଫସଲ ବିକ୍ରୀ ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ଆମେ ଚାଷୀଙ୍କ ସହିତ ଅଛୁ । ତେଣୁକରି ଜଗତ ସିଂହପୁର ଜିଲ୍ଲା ଆଜି ମୀନ ପାନ ଧାନ ଆଦି କ୍ଷେତ୍ର ରେ ଅଗ୍ରଗତି କରି ଅଛି । ଆଜି ଜିଲ୍ଲା ର ୧୬୪୦୪୮ ଜଣ ହିତାଧୀକାରୀ ଙ୍କୁ ସି.ଏମ୍ କିଷାନ ସହାୟତା ରାଶି ପ୍ରଦାନ କରାଯାଇଛି । ପ୍ରକାଶ ଥାଉ କି,ପ୍ରତି ଫସଲ ଋତୁ ପାଇଁ କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କୁ ୨୦୦୦ ଟଙ୍କା ହିସାବରେ (ବାର୍ଷିକ ୪୦୦୦ ଟଙ୍କା) ପ୍ରଦାନ କରାଯାଇଥାଏ । ଏହି ସହାୟତା ରାଶି କୃଷକମାନେ ଆବଶ୍ୟକୀୟ କୃଷି ସାମଗ୍ରୀ କ୍ରୟ କରିବାରେ ବ୍ୟବହାର କରିଥାନ୍ତି । ଭୂମିହୀନ କୃଷି ପରିବାରକୁ ଜିଲ୍ଲା ଛେଳି, କୁକୁଡ଼ା, ବତକ ପାଳନ ତଥା ଛତୁ/ ମହୁଚାଷ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କୃଷି କାର୍ଯ୍ୟ ନିମନ୍ତେ ତିନୋଟି କିସ୍ତିରେ ୧୨୫୦୦ ଟଙ୍କା ପ୍ରଦାନ କରାଯାଇଥାଏ ଛଉଚ୍ଚ ଶିକ୍ଷା / ବୃତ୍ତିଧାରୀ ଶିକ୍ଷା ନିମନ୍ତେ କୃଷି ବିଦ୍ୟାନିଧି ଯୋଜନାରେ ସି. ଏମ୍. କିଷାନ ହିତାଧିକାରୀଙ୍କ ପିଲାଙ୍କ ପାଇଁ ବୃତ୍ତି ପ୍ରଦାନ କରାଯାଇଛି । ଆଇ ଆଇ ଟି, ଏନ ଆଇ ଟି, ଆଇ ଆଇ ଏମ୍. ଏମ୍ସ ଓ ଆ.ସି.ଏ. ଆର ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ମେଡ଼ିକାଲ, ଇଞ୍ଜିନିୟରିଂ, କୃଷି, ନର୍ସିଂ, ଆଇ ଆଇ ଟି, ଛାତ୍ରଛାତ୍ରୀ ମାନଙ୍କୁ ଏହି ବୃତ୍ତି ପ୍ରଦାନର ବ୍ୟବସ୍ଥା ରହିଛି ।

## ଯାଜପୁର ଜିଲ୍ଲାରେ ସିଏମ୍ କିଶାନ ସହାୟତା ରାଶି ପ୍ରଦାନ



ଯାଜପୁରସଦର,(ସ.ବ୍ୟୁ):ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସିଏମ୍ କିଶାନ୍ ସହାୟତାର ୨ୟ କିସ୍ତି ଖୁସି ଭିତିକ ଗଣପର୍ବ ନୂଅଖାଇ ଅବ ସରରେ ଓୟୁଏଟି ,ଭରବଙ୍କନଶ୍ୱରସ୍ଥିତ କୃଷି ଶିକ୍ଷାସଦନ ଠାରେ ୧ଲକ୍ଷ ୫୪ ହଜାର ୧୫ଜଣ କ୍ଷୁଦ୍ର ନାମମାତ୍ର ଚାଷୀ,ଭୂମିହିନ କୃଷକ ପରିବାର,ଜନଜାତିସମୁହ ଓ ସହରାଂଚଳ ର କୃଷକ ମାନଙ୍କୁ ୧୦୪୧କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରିଛଁ । ଏହିଅବ ସରରେ ଯାଜପୁର ଜିଲା ପ୍ରଶାସନ ଏବଂ ଜିଲା କୃଷି ଓ କୃଷକ ସଶକ୍ତିକରଣର ବିଭାଗର ମିଳିତ ଆନୁକୁଲ୍ୟରେ ସଂସ୍କୃତିଭବନ ଯାଜପୁର ଠାରେ ଏକ ଜିଲା ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିତ ନାୟକ କହିଲେ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଯୋଜନା କୃଷି ଭାଇ ଓ ଭଉଣୀ ମାନଙ୍କ ପଇଁ ସିଏମ୍ କିଶାନ୍ ଯୋଜନା ଯାହା ମାଧ୍ୟମରେ ଚାଷୀଭାଇ ମାନଙ୍କୁ ଚାଷ କାର୍ଯ୍ୟ ଆଗେଇ ନେବା ନିମର୍ଁ ବର୍ଷକୁ ୨ଥର ଯଥା ଖରିଫ୍ ଫସଲ ଓ ରବି ଫସଲ ନିମର୍ଁ ବାର୍ଷିକ ୨ଥର ୨ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଅଛି । ଚାଷୀମାନେ ଏହି ସହାୟତା ରାଶିକୁ ପ୍ରକୃତ ଉଦ୍ଦେଶ୍ୟରେ ବିନିଯୋଗ କରି ଉପକୃତ ହେଲେ ସରକାରଙ୍କ ଏହି ଯୁଗା'କାରୀ ପଦକ୍ଷେପ ସଫଳ ରୁପାୟନ ହୋଇପାରିବ ବୋଲି ଶ୍ରୀ ନାୟକ କହିଥିଲେ । ପ୍ରାରମ୍ଭରେ ଯୋଗଦେଇ ଜିଲାର ମୁଖ୍ୟ କୃଷି ଅଧିକାରୀ ଶ୍ରୀ ତପନ କୁମାର ମହାପାତ୍ର କହିଲେ ଗଣେଶ ଚତୁର୍ଥୀ ଓ ନୁଆଖାଇ ପାଳନର ଶୁଭ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି ସିଏମ୍ କିଶାନର ସହାୟତା ରାଶି ପ୍ରଦାନ କରିଛଁ ସମସ୍ତ ଚାଷୀ ଭାଇଭଉଣୀ ଓ ଭୂମିହିନମାନଙ୍କୁ ଡିବିଟି ମାଧ୍ୟରେ ଆଜି ୨ହଜାର ଟଙ୍କା ଲେଖାଏଁ ସହାୟତାରାଶି ପ୍ରଦାନ କରିଛଁ । ଏହି ସହାୟତା ରାଶି ନେଇ ଚାଷୀଭାଇମାନେ ଚାଷକାର୍ଯ୍ୟକୁ ଆଗେଇ ନେବେ ବୋଲି ଆଶା କରିଛଁ । ଏହି ସହାୟତା ରାଶି ବର୍ଷକୁ ୨ଥର ପ୍ରଦାନ କରାଯାଉଅଛି । ଯାଜପୁର ଜିଲାରେ ମୋଟ୍ ୨୪ଲକ୍ଷ ୪୫ହଜାର ୨୪୨ଜଣଙ୍କୁ ଏହି ରାଶି ମିଳିଛି । କ୍ଷୁଦ୍ର ଓ ନାମମାତ୍ର ଚାଷୀ ହେଲେ ୨୪ଲକ୍ଷ ୩ହଜାର୫୯୧ଜଣ,ଭୂମିହୀନ କୃଷକ ୧୬୫୧,ମୋଟ୍ ଚାଷୀ ୨୪ଲକ୍ଷ ୪୫ହଜାର ୨୪୨ଜଣଙ୍କୁ ଏହି ରାଶି ମିଳିଛି । ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ସାଂସଦ୍ ଜିତେନ୍ଦ୍ର ବିଶ୍ୱାଳ କହିଲେ ଚାଷୀ ହସିଲେ ଦେଶ ହସିବ । ସିଏମ୍ କିଶାନରେ ରବି ଫସଲ ଓ ଖରିଫ୍ ଫସଲ ନିମର୍ଁ ୨ଟି କିସ୍ତିରେ ୨ହଜାର ଟଙ୍କା ଲେଖାଏଁ ସହାୟତାରାଶି ପ୍ରଦାନ କରାଯାଇଛି ।


## ରାଜକନିକା ବ୍ଲକର ୯ଟି ପଞ୍ଚାୟତରେ ବନ୍ୟା ଜଳ, ୪ଟି ଗାଁ ବାହ୍ୟ ଜଗତରୁ ବିଛିନ୍ନ

ରାଜକନିକା ,(ସବ୍ୟୁ) :ରାଜକନିକା ବ୍ଲକରେ ବନ୍ୟା ପାଣିରେ ହନ୍ତସନ୍ତ ଲୋକେ । ବୈତରଣୀ ଓ ଖରସ୍ରୋତା ନଦୀରେ ବନ୍ୟା ଆସିବା ଫଳରେ ୨ଦିନ ଦିନ ହେବ ଭରିଗଦା,ବରୁଣାଡ଼ିଆ, ସିକୋ, କୋରନ୍ଦ,ପଧାନ ପଡା,ହାଟସାହି,ପଣସଗଣ୍ଡ, ବାହାରା ଦୋମଣ୍ଡା ଓ ନହୁଣୀ ପଞ୍ଚାୟତର ପ୍ରାୟ ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହେବା ସହିତ ଲୋକ ପାଣି ଘେରରେ ରହିଛନ୍ତି । ବନ୍ୟା ପୀଡ଼ିତଙ୍କ ନିକଟରେ ଏଯାଏଁ ସ୍ଥାନୀୟ ପ୍ରଶାସନର ଦେଖା ନ ମିଳିବା ଏବେ ଉଦାସୀନତାର ବିଷୟ ପାଲଟିଛି । ତେବେ ଏଯାଏଁ ରିଲିଫ୍ କିମ୍ବା ଗୋଖାଦ୍ୟ ସାମଗ୍ରୀ ପହଞ୍ଚି ନାହିଁ କି ମେଡିକାଲ ଟିମର ଦେଖା ନାହିଁ । ତେବେ କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକର ଶେଷ ସୀମାରେ ଯାଜପୁର ଜିଲ୍ଲାକୁ ଲାଗି ରହିଥିବା ରାଜକନିକା ବ୍ଲକର ବାରାହା ଦୋମାଣ୍ଡା ପଞ୍ଚାୟତର କନପୁର,ମାନପୁର, ଗୁଣ୍ଡଳ ଓ ପଧାନପଡା ପଞ୍ଚାୟତର ଗହମପାଳ,ବାଲିସହି,ହଳୁପଡା, ଆଦି ଗାଁ ଏବେ ଜଳ ବନ୍ଦୀରେ ବାହ୍ୟ ଜଗତଠୁ ବିଛିନ୍ନ ଥିବାବେଳେ ବୈତରଣୀ ନଦୀରେ କୁମ୍ଭୀର ମାଳମାଳ ଥିବାରୁ ଭୟ ଆତଙ୍କରେ ଗାଁର ଲୋକେ । ଗାଁ ଦାଣ୍ଡରେ କେଉଁଠି ତିନି ଫୁଟର ପାଣି ଲହଡ଼ି ମାରୁଥିବା ବେଳେ ଗହମପାଳ ଗାଁ ସ୍କୁଲରେ ପାଣି ପଶିଯିବରୁ ଦୁଇ ଦିନ ହେବ ସ୍କୁଲ ବନ୍ଦ । ୨୭ତାରିଖ ରେ ଗଣେଶ ପୂଜା ଥିବରୁ ପିଲାମାନେ ପୂଜାରୁ ବଞ୍ଚିତ ଥିବା ଦେଖିବାକୁ ମିଳିଛି । ଆଉ କେଉଁଠି ଅଣ୍ଟାଏ ପାଣି ଥିବାରୁ ରାତ୍ରି ସମୟରେ ବିଷଧର ସାପ ମାନଙ୍କର ଭୟ ସାଙ୍ଗକୁ ପିଇବା ପାଣି ଟୋପେ ପାଇଁ ଲୋକେ ହନ୍ତସନ୍ତ ହୋଇ ଜୀବନ ବଞ୍ଚାଛୁ ଥିବା ବେଳେ କିଛି ଲୋକେ ଦୂଷିତ ପାଣି ପି ଝାଡ଼ାବାନ୍ତି ଭଳି ସମସ୍ୟା ଦେଖିବାକୁ ମିଳିଛି । ଚଳିତ ବର୍ଷ ଲଗାତାର ଭାବରେ ଚାରି ଚାରି ଥର ବନ୍ୟା ଆସିବା ଦ୍ୱାରା ଚାଷ ବାସ ଉଜାଡ଼ିବା ସହିତ ଏବେ ପୁଣି ଏହି ବନ୍ୟା ଚାଷୀର ମେରୁଦଣ୍ଡ କୁ ଦୋହଲାଇ ଦେଇଛି । ଚାଷୀ ବିଭିନ୍ନ ବ୍ୟାଙ୍କ ଓ ସମବାୟ ସମିତି ରୁ ଋଣ ଆଣି ଚାଷ କରିଥିବା ବେଳେ ଚାଷ ଉଜୁଡି ଯିବାରୁ ଚାଷୀ ଋଣ କିପରି ସୁଜିବ ତାହା ଏବେ ଚାଷୀର ମୁଣ୍ଡବ୍ୟଥା ର କାରଣ ହୋଇଛି । ପ୍ରଶାସନ ବନ୍ୟା ପୀଡିତାଙ୍କୁ ରିଲିଫ,ଶୁଖିଲା ଖାଦ୍ୟ ଓ ଗୋ ଖାଦ୍ୟ ଯୋଗାଇ ଦେବାକୁ ବିଜେପିର ବରିଷ୍ଠ ନେତା ପ୍ରଫେସର ବୈକୁଣ୍ଠ ନାଥ ପରିଡା,ବିଜେଡି ଯୁବ ସଂଗଠକ ପବିତ୍ର ରାଉତଙ୍କ ସମେତ ରାଜକନିକା ଅଞ୍ଚଳବାସୀ ଦାବୀ କରିଛନ୍ତି ।

## ଜାତୀୟ କବି ବାଞ୍ଛାନିଧି ଦାସଙ୍କ ୧୦୨ତମ ଜୟନ୍ତୀ


ବରୀ, (ସବ୍ୟୁ ): ଜାତୀୟ କବି ତଥା ସ୍ୱାଧୀନତା ସଂଗ୍ରାମୀ ବାଞ୍ଛାନିଧି ଦାସଙ୍କ ୧୦୨ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ସଚ୍ଚନ ମହାବିଦ୍ୟାଳୟ ଠାରେ ବରୀ ପୂଜ୍ୟପୂଜା ପରିଷଦ ଆନୁକୂଲ୍ୟରେ କଳା ସାହିତ୍ୟ ସଂସ୍କୃତି ପରିଷଦ, ବରୀ ସହଯୋଗରେ ବାଞ୍ଛାନିଧି ଦାସଙ୍କ ଜୀବନୀ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠାନର ସଭାପତି ଡାକ୍ତର ରାଜକିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆଲୋଚନାଚକ୍ରରେ ସମ୍ମାନିତଅତିଥି ରୂପେ ସୁବାଷ ଚନ୍ଦ୍ର ବିଶ୍ୱାଳ, ଗଗନ ବିହାରୀ ଜେନା, ସଚ୍ଚନ ମହାବିଦ୍ୟାଳୟ ଅଧ୍ୟକ୍ଷ୍ୟ ବିଜୟ କୁମାର ଦାସ, ସୀତାକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଭାରତୀୟ ମୁକ୍ତି ସଂଗ୍ରାମର ଅନ୍ୟତମ ପୂଜାରୀ ଥିଲେ ଜାତୀୟ କବି ବାଞ୍ଛାନିଧି ଦାସ ଓ ତାଙ୍କ କବିତାରେ ଥିଲା ପ୍ରତିଟି ଜାତୀୟ ପ୍ରେମି ମଣିଷ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ । ପ୍ରାରମ୍ଭରୁ ସମାଜସେବୀ ସତ୍ୟରଞ୍ଜନ କର ନିଜର ସାରଗର୍ଭକ ବକ୍ତବ୍ୟ ମାଧ୍ୟମରେ କବିଙ୍କ କାର୍ଯ୍ୟ ଧାରାକୁ ମୂଲ୍ୟାୟନ କରିଥିଲେ । ପ୍ରଭଞ୍ଜନ ପତିଙ୍କୁ ବାଞ୍ଛାନିଧିଙ୍କ ଦାୟାଦ ଭାବରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଗିରିଶ ବିହାରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ନୃସିଂହ ବେହେରା ସ୍ୱାଗତ ଅଭିଭାଷଣ ଦେଇଥିଲା ବେଳେ ଶରତ ଜେନା ଧନ୍ୟବାଦ ଦେଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ବେହୁରା, ଲାଲବିହାରୀ କର, ଅନିରୁଦ୍ଧ ତ୍ରିପାଠୀ, ବ୍ରହ୍ମାନନ୍ଦ କର, ଖଗେଶ୍ୱର ନାୟକ, ଦେବାଶିଷ ଜେନା, ତାପସୀ ସାମଲ,ଜ୍ୟୋତିର୍ମୟ ନାୟକ, ବିଶ୍ୱଭୂଷଣ ଜେନା, କବି କୁମାର ସରୋଜ ଓ ବରୀ ସାମ୍ବାଦିକ ସଙ୍ଘ ସଭାପତି ପ୍ରଶାନ୍ତ ଦ୍ୱିବେଦୀ, ସ୍ନେହାଂଶୁ ମହାନ୍ତି, ବାବାଜୀ ଚାରଣ ଜେନା, ଦର୍ଶନୀ ବେହେରା ପ୍ରମୁଖ ଉପସ୍ଥିତ କବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହ ତାଙ୍କର କବିତା ପାଠ୍ୟ ପୁସ୍ତକରେ ସ୍ଥାନ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ । ପୂର୍ବତନ କୁଳପତି ଗୋକୁଳା ନନ୍ଦ ଦାସଙ୍କ ସ୍ମୃତି ଚାରଣ ଓ ଆତ୍ମାର ସଦଗତି ଉପଲକ୍ଷେ ନିରବ ପ୍ରାର୍ଥନା ଅନୁଷ୍ଠାନ ପକ୍ଷରୁ କରାଯାଇଥିଲା

## ବନ୍ଦର ନଗରୀରେ ଗଜାନନଙ୍କ ପୂଜା




ପାରାଦୀପ ,( ଜି. ପ୍ର ): ଧରାବତରଣ କରିଛନ୍ତି ଅଗ୍ରପୂଜ୍ୟ ଶ୍ରୀ ଗଜାନନ । ତାଙ୍କ ପୂଜା ପାଇଁ ଆଜି ଚଳଚଞ୍ଚଳ ବନ୍ଦର ନଗରୀ ପାରାଦୀପ । ରଙ୍ଗୀନ ଆଲୋକରେ ଝଲସୁଛି ସାରା ସହର । ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଖିଝଲସା ପୂଜା ପେଣ୍ଡାଲ । ବଜାରରେ ନାହିଁ ନଥିବା ଭିଡ଼ । ପାରାଦୀପରୁ କୁଜଙ୍ଗ ଯାଏ ଗାଁ ଗହଳି,ସ୍କୁଲ, କଲେଜ, ଅଫିସ ସବୁଠାରେ ବିରାଜିତ ଶ୍ରୀଗଣେଶ । କେବଳ ଶିକ୍ଷା ଅନୁଷ୍ଠାନ କିମ୍ବା କ୍ଲବ ନୁହେଁ ପାରାଦୀପରେ ଥିବା ବିଭିନ୍ନ କମ୍ପାନୀ ଓ କମ୍ପାନୀ ଟାଉନସିପ ମଧ୍ୟରେ ମଧ୍ୟ ପୂଜାର ମାହୋଲ ଦେଖିବାକୁ ମିଳିଛି । ଇଫକୋ ଟାଉନସିପ, ଆଇଓସିଏଲ ଟାଉନସିପ, ସିଆଇଏସଏଫ କଲୋନୀ ସବୁଆଡେ ଆର୍ବିଭାବ ପ୍ରଭୁଙ୍କର ମୃଣ୍ମୟ ମୂର୍ତ୍ତି ମଧୁବନ, ବଡ଼ପଡ଼ିଆ, ରେଲୱେ କଲୋନୀ, ବିଜୟଚନ୍ଦ୍ର ପୁର, ପାରାଦୀପ ଗଡ଼, ଉଦୟବଟ, ନିମିଡ଼ି, ଭୁତମୁଣ୍ଡାଇ, ବିଶ୍ୱାଳୀ,ସନ୍ତରା, କୁଜଙ୍ଗ, ଆଖପାଖ ସବୁଆଡେ ଧୁମଧାମରେ ପାଳନ ହେଉଛି ଗଣେଶ ପୂଜା ବିଭିନ୍ନ ପ୍ରକାରର କାରୁକାର୍ଯ୍ୟରେ ଦେଖିବାକୁ ମିଳିଛି ଗଣେଶଙ୍କୁ । କେଉଁଠାରେ ବାଲ ଗଣେଶ ଭାବେ ପୂଜା ପାଉଛନ୍ତି ତ ମଧୁବନ ଶିବଶକ୍ତି କ୍ଲବ ପକ୍ଷରୁ ରାମଲାଲାଙ୍କ ରୂପରେ ପୂଜା କରାଯାଇଛି । ପୂଜା ମଣ୍ଡପ ମଧ୍ୟ ଚଳିତ ବର୍ଷ ବେଶ ଆକର୍ଷଣୀୟ ପାଲଟିଛି । କିଏ ବୀର ସୈନିକଙ୍କ ପ୍ରତିକୃତି ସହ ଅପରେସନ ସିନ୍ଦୂରକୁ ନିଜ ପୂଜା ମଣ୍ଡପରେ ସ୍ଥାନୀତ କରିଛି ତ କିଏ ନିଜ ପୂଜା ମଣ୍ଡପକୁ ପୁରୀ ଜଗନ୍ନାଥ ମନ୍ଦିର ଆକୃତି ଦେବାକୁ ଚେଷ୍ଟା କରିଛି । କେଉଁଠି ପାଣି ବୋତଲରେ ନିର୍ମାଣ ହୋଇଛି ପୂଜାମଣ୍ଡପ ତ ଆଉ କେଉଁଠି ସବୁଜ ଗଛଲତାରେ ଭରପୁର ସବୁ ପୂଜା ମଣ୍ଡପରେ ଭିଡ଼ ପରିଲିକ୍ଷିତ ହୋଇଛି । ସାତଦିନ ଧରି ମେଲୋଡି, ଭଜନ ସନ୍ଧ୍ୟା, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି । ଅନେକ ପୂଜା ମଣ୍ଡପରେ ବିଦ୍ୟାର୍ଥୀ ମାନେ ସକାଳୁ ଶୁଦ୍ଧପୂତ ଭାବେ ନିଜ ଶିକ୍ଷା ଓ ବୁଦ୍ଧିର ବିକାଶ ପାଇଁ ପ୍ରଭୁଙ୍କ ପାଖରେ ପୁଷ୍ପାଞ୍ଜଳି ଦେଇ ବ୍ରତ ଧାରଣ କରିଥିବା ବେଳେ ଅନେକ କ୍ଲବରେ ସନ୍ଧ୍ୟା ସମୟରୁ ପୂଜା ଆରମ୍ଭ ହୋଇଛି । ଭକ୍ତିମୟ ପରିବେଶ ମଧ୍ୟରେ ଏକ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଛି ସାରା ଅଞ୍ଚଳରେ । ବିଶ୍ୱକର୍ମାଙ୍କ ପୂଜା ପାଇଁ ପାରାଦୀପ ପ୍ରସିଦ୍ଧ ହୋଇଥିବା ବେଳେ ଏବେ ଗଣେଶଙ୍କ ପୂଜା ଓ ଆଡମ୍ବରପୂର୍ଣ୍ଣ ସାଜସଜା ମଧ୍ୟ ବୃଦ୍ଧି ହୋଇଥିବା ପରିଲକ୍ଷିତ ହୋଇଛି ।

# ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ସାର୍ ଦୋରାବଜୀ ଟାଟାଙ୍କ ୧୬୬ତମ ଜୟନ୍ତୀ



ବ୍ୟାସନଗର(ଜିପ୍ର) : ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ଯାଜପୁର ଜିଲ୍ଲା ଡୁବୁରିସ୍ଥିତ ପ୍ଲାଣ୍ଟରେ ବୁଧବାର ସାର୍ ଦୋରାବଜୀ ଟାଟାଙ୍କ ୧୬୬ତମ ଜୟନ୍ତୀ ସମାରୋହରେ ପାଳିତ ହୋଇଯାଇଛି । ଟାଟା ଷ୍ଟିଲ କଳିଙ୍ଗନଗରର ଟିଏସକେ ସେଣ୍ଟରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସମାରୋହରେ ଟିଏସକେର ଜେନେରାଲ ମ୍ୟାନେଜର ଅପେରେସନ୍ସ କରମବିର ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲ କଳିଙ୍ଗନଗର ୱାର୍କର୍ସ ୟୁନିୟନର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଜାମୁଦା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗରର ବରିଷ୍ଠ ଅଧିକାରୀ, ସଂଘ ପ୍ରତିନିଧି ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍ଆଇଏନ୍ଏଲ୍), ଫେରୋ ଆଲଏଜ୍ ପ୍ଲାଣ୍ଟ ବ୍ରହ୍ମଣୀପାଳ ଓ ଫେରୋ ଆଲଏଜ୍ ପ୍ଲାଣ୍ଟ ଯାଜପୁରରେ ମଧ୍ୟ ଶ୍ରଦ୍ଧାଞ୍ଜଳି ସମାରୋହରେ ଅନୁଷ୍ଠିତ ହୋଇଥିଲା ।ଶ୍ରଦ୍ଧାଞ୍ଜଳି ସମାରୋହ ପରେ, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଦ୍ୱାରା ଏକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯେଉଁଥିରେ କର୍ମଚାରୀମାନେ ସୁକିନ୍ଦା ବ୍ଲକର ଓଳିଆ ପଞ୍ଚାୟତ ଅନ୍ତର୍ଗତ ଧଉରାସାହି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ ଗଣେଶ ପୂଜା ପାଳନ କରିଥିଲେ ଏବଂ ପିଲାମାନଙ୍କୁ ମିଠା ଏବଂ ଉପହାର ବଣ୍ଟନ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ସାର୍ ଦୋରାବଜୀ ଟାଟା, ଟାଟା ଷ୍ଟିଲର ପ୍ରଥମ ଅଧ୍ୟକ୍ଷ ଥିଲେ । ସେ ପ୍ରଥମେ ୮ ଘଣ୍ଟିଆ କର୍ମ ସମୟ, ମାତୃତ୍ୱ ଛୁଟି, ଭବିଷ୍ୟନିଧି ପାଣ୍ଠି, ଦୁର୍ଘଟଣା କ୍ଷତିପୂରଣ, ମାଗଣା ଚିକିତ୍ସା ସହାୟତା ଏବଂ ଅନେକ କର୍ମଚାରୀ ସୁବିଧାଗୁଡିକ ଆଇନଗତ ଦାୟିତ୍ୱରେ ପରିଣତ ହେବା ପୂର୍ବରୁ ସେ ଆରମ୍ଭ କରିଥିଲେ । ସାର୍ ଦୋରାବ କ୍ରୀଡ଼ା ପ୍ରତି ଖୁବ୍ ଉତ୍ସାହୀ ଥିଲେଛ ସେ ଭାରତୀୟ ଅଲିମ୍ପିକ୍ସ ସଂଘର ପ୍ରଥମ ସଭାପତି ଥିଲେ ଏବଂ ଅଲିମ୍ପିକ୍ସରେ ଭାରତର ଯୋଗଦାନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ଖୁଣ୍ଟୁଣୀ ଆରଏନ ରଥ ବିଜ୍ଞାନ ମହାବିଦ୍ୟାଳୟ ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ



ଆଠଗଡ ,(ସବ୍ୟୁ): ବୁଧବାର ପବିତ୍ର ଗଣେଶ ପୂଜା ଅବସରରେ ଖୁଣ୍ଟୁଣୀ ରାଧାନାଥ(ଆରଏନ) ରଥ (ବିଜ୍ଞାନ ମହାବିଦ୍ୟାଳୟରେ ୧ କୋଟି ଟଙ୍କା ବ୍ୟୟରେ ଏକ ନୂତନ ସାଇନ୍ସ ବ୍ଲକ କୁ ଉଦଘାଟିତ କରିଛନ୍ତି ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ମିଶ୍ର, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ,ଅଧ୍ୟାପିକା , ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ଏହି ବ୍ଲକ ରେ ପଦାର୍ଥ ବିଜ୍ଞାନ,ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ,ଉଦ୍ଭିଦ ବିଜ୍ଞାନ ପ୍ରଭୃତି ର ଶ୍ରେଣୀ ଗୃହ ଗୁଡ଼ିକ ରହିଛି। ପ୍ରଥମେ ବିଧାୟକ ଶ୍ରୀ ସ୍ୱାଇଁ ବାବା ଗଣପତିଙ୍କ ପୂଜାରେ ଯୋଗଦେଇ ପୁଷ୍ପାଞ୍ଜଳି ପ୍ରଦାନ ପରେ ଗୃହ ପ୍ରତିଷ୍ଠା ଓ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜ ସେବୀ ନୃସିଂହ ସାହୁ,ବିପିନ ବିହାରୀ ପ୍ରଧାନ,ଅଶୋକ କୁମାର ଦାସ,ଖୁଣ୍ଟୁଣୀ ସରପଞ୍ଚ ଜୈଳାସଚନ୍ଦ୍ର ସାହୁ,ସମାଜ ସେବୀ ଗୌରହରି ମହାନ୍ତି,ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି ଓ ବହୁ ଗଣ୍ୟମାନ୍ୟବ୍ୟକ୍ତି ଯୋଗ ଦେଇଥିଲେ।

## ବିଧବାଙ୍କୁ ଗାଁ ଦାଣ୍ଡରେ ନିସ୍ଥୁକ ମାଡ଼

# ଏସ୍‌ପିଙ୍କ ହସ୍ତକ୍ଷେପ ପରେ ମାମଲା ରୁଜୁ

କଣ୍ଟାପଡା,(ସବ୍ୟୁ): କଟକ ଜିଲ୍ଲା ଗ୍ରାମାଞ୍ଚଳ ଓଲଟପୁର ଥାନା ଅଧିନସ୍ଥ ବରାହିପୁର ଗ୍ରାମରେ ଜଣେ ବିଧବା ମହିଳାଙ୍କୁ ତାଙ୍କ ଯାଆ ଓ ଦେଢ଼ଶୁର ଘରଭିତରୁ ମାଡମାରି ବାହାର କରିବା ସହିତ ପୁଣି ଗାଁ ଦାଣ୍ଡରେ ନିସ୍ଥୁକ ମାଡ଼ ମାରିଥିଲେ। ଘଟଣାରେ ସ୍ଥାନୀୟ ଲୋକେ ଓଲଟପୁର ପୋଲିସକୁ ଜଣାଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନନେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ପରେ ଜୈନେକ ଓକିଲ ଓ କେତେକ ଗଣମାଧ୍ୟମ ପ୍ରତିନିଧି ସଦର ଏସ୍‌ଡିପିଓ ଏବଂ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ଜଣାଇବା ପରେ ସେମାନଙ୍କ ହସ୍ତକ୍ଷେପ ପରେ ଓଲଟପୁର ପୋଲିସ ତତ୍ପରତା ଦେଖାଇ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ ବରାହୀପୁର ଗ୍ରାମର ପୁଷ୍ପାଞ୍ଜଳି ନାୟକଙ୍କ ସ୍ୱାମୀ ନରେନ୍ଦ୍ର ଜେନା ପ୍ରାୟ ୧୯ବର୍ଷ ତଳେ କ୍ୟାନସରରେ ମୃତ୍ୟୁବରଣ କରିଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ପୁଷ୍ପାଞ୍ଜଳି ତାଙ୍କର ଏକମାତ୍ର ୬ବର୍ଷର ପୁଅକୁ ଧରି ରହୁଥିବା ବେଳେ ତାଙ୍କୁ ଘରୁତଡି ଦେବାକୁ ଏବଂ ସ୍ୱାମୀଙ୍କ ମୃତ୍ୟୁ ପରେ ମିଳିଥିବା ୩ଲକ୍ଷ ଟଙ୍କା ହଡପ କରିବା ପାଇଁ ଦେଢ଼ଶୁର କ୍ଷୀରୋଦ ଜେନା ଓ ଯାଆ ଶ୍ରାବଣୀ ଜେନା ତାଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଚାଲିଛନ୍ତି । ଏପରିକି ତାଙ୍କୁ ଘରୁ ତଡିଦେଇ ସମ୍ପତ୍ତିକୁ ଦେଖଭାଳ କରିବା ପଇଁ ଉଦ୍ୟମ ଜାରି ରଖିଛନ୍ତି ବୋଲି ପୁଷ୍ପାଞ୍ଜଳି ଅଭିଯୋଗ କରିଛନ୍ତି। ପୂର୍ବରୁ ଅନେକଥର ଭଦ୍ରଲୋକ ମାଧ୍ୟମରେ ଘଟଣାର ଆପୋସ ସମାଧାନ ହୋଇଥିଲେ ମଧ୍ୟ ମଙ୍ଗଳବାର ଦିନ ଉଭୟ ଯାଆ ଓ ଦେଢ଼ଶୁର ତାଙ୍କୁ ମାଡ ମାରିବା ସହ ଗାଁ ଦାଣ୍ଡକୁ ଭିଡ଼ିଆଣି ମାଡ଼ ମାରୁଥିଲେ। ଶଶୁରଏହାକୁ ପ୍ରତିବାଦ କରିବାରୁ ତାଙ୍କୁ ମଧ ମାରି ଲହୁଲୁହାଣ କରି ଦେଇଥିଲେ। ତେବେ ଏପରି ଏକ ସମ୍ବେଦନଶୀଳ ଘଟଣାରେ ଖବର ପାଇ ମଧ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିଥିଲା।। ମାଡମରା ଘଟଣାରସିସିଟିଭି ଫୁଟେଜ ସହିତ ଗ୍ରାମାଞ୍ଚଳଏସ୍‌ପି ବିନୀତ ଅଗ୍ରୱାଲାଙ୍କୁ ପଠାଇ ଘଟଣାସମ୍ପର୍କରେ ଅବଗତ କରିବା ପରେ ନିର୍ଦ୍ଦେଶ ପାଇଓଲଟପୁର ପୋଲିସ କେଶ ନଂ ୧୧୪/୨୫ରେ ବିଭିନ୍ନ ଦଫାରେ ଯାଆ, ଦେଢ଼ଶୁର ଓ ଶାଶୁ ନାମରେ ମାମଲା ରୁଜୁକରି ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଗ୍ରାମବାସୀଙ୍କୁ ପଚରା ଉଚରା କରି ତଥ୍ୟ ସଂଗ୍ରହ କରୁଛି । ତେବେ ପୀଡିତା ମହିଳାଙ୍କ ନାମରେ ଏକ ପାଲଟା ମାମଲା ଆକ୍ରୋଶମୂଳକ ଭାବେ ଦାୟର ହୋଇଥିବାକୁ ସାଧାରଣରେ ନାପସନ୍ଦ କରାଯାଉଛି । ମାମଲାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା ଜାଣି ଅସହାୟ ପୀଡିତା ମହିଳାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ସାଙ୍ଗକୁ ସୁରକ୍ଷା ଯୋଗାଇଦେବେ। ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ।ତେବେ ଆଇନ ଆନୁଯାୟୀ ଦୋଷୀ ବିରୁଦ୍ଧରେ କଡା ପଦକ୍ଷପ ଗ୍ରହଣ କରାଯିବବୋଲି କଟକ ସଦର ଏସଡିପିଓ କିରନ୍ ହେମ୍ବ୍ରମ ସୂଚନା ଦେଇଛନ୍ତି ।



# ଅଗ୍ରଗଣ୍ୟ ଗଣନାୟକଙ୍କ ପୂଜା

ଟାଙ୍ଗୀ,(ସବ୍ୟୁ) : ବୁଧବାର ଅପରାହ୍ନରେ ଲଘୁଚାପ ଜନିତ ପ୍ରତିକୂଳ ପାଗ ରୁ ବୁନ୍ଦାକୁ ଗୁହା ପ୍ରବଳ ବର୍ଷା ସତ୍ୱେ ଅଗ୍ରଗଣ୍ୟ ଗଣନାୟକଙ୍କ ପୂଜା ପାଳିତ ହୋଇଛି। ଟାଙ୍ଗୀ ବଡପାରୀ ଛକ ଠାରୁ ଚିଲିକା ଛକ ମଧୁମଙ୍ଗଳ ପଡିଆ ପର୍ଯ୍ୟନ୍ତ ପୂର୍ବକ ପୂର୍ବକ ବିଭିନ୍ନ ବର୍ଷର ମାଟ୍ରିକ ବ୍ୟାଚ,ବିଭିନ୍ନ ଯୁବକ ସଂଘ ଏହି ପୂଜା ଧୁମଧାମ ରେ ପାଳନ କରିଥିବା ଦେଖିବାକୁ ମିଳିଛି ।ବିବେକାନନ୍ଦ ଶିକ୍ଷା କେନ୍ଦ୍ର କଳକଣ୍ଡାଗଡ଼,ସରସ୍ୱତୀ ଶିଶୁ ମନ୍ଦିର ଚାନ୍ଦପୁର,ସତ୍ୟସାଇ ବିଦ୍ୟାମନ୍ଦିର ଚାନ୍ଦପୁର,ରାମକୃଷ୍ଣ ଶିକ୍ଷାକେନ୍ଦ୍ର ଟାଙ୍ଗୀ,ବଳରାମଦେବ ବିଦ୍ୟାପୀଠ ଟାଙ୍ଗୀ,ବାଳିକା ଉଚବିଦ୍ୟାଳୟ ଟାଙ୍ଗୀ,ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ,ଟାଙ୍ଗୀ,ଟାଙ୍ଗୀ ବସଷ୍ଟାଣ୍ଡ,ରାମଚଣ୍ଡୀ ସରକାରୀ ଉଚବିଦ୍ୟାଳୟ ଚାନ୍ଦପୁର,ବାଳକୃଷ୍ଣ ବିଦ୍ୟାପୀଠ କେରଣ୍ଡାଟାଙ୍ଗୀ,ସରକାରୀ ଉନ୍ନତି ଉଚବିଦ୍ୟାଳୟ ଅର୍ଜୁନପୁର,ସରକାରୀ ମଧଇଂରାଜି ବିଦ୍ୟାଳୟ ରାଇପଡା,ରଘୁଦିବାକର ଉଚବିଦ୍ୟାଳୟ କନ୍ଧନୟାଗଡ଼,ମୁକ୍ତେଶ୍ୱରଦେବ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସୁନ୍ଦରପୁର, ପଦ୍ମକୁମୁଦ ବିଦ୍ୟାନିକେତନ ନୂଆପଡା ସୁନ୍ଦରପୁର,ଟାଙ୍ଗୀ ପରିବହନ କର୍ମଚାରୀ ସଂଘ,ମା ରାମଚଣ୍ଡୀ ବଣିକ ସଂଘ ଚାନ୍ଦପୁର,ସଂକ୍ରାନ୍ତି ପରିବାର ଚାନ୍ଦପୁର,ଓ୍ୱାଙ୍ଗସ-୦୨,ସୁପର ସଣ୍ଡେ ସୋସିଆଲ କ୍ଲବ,ଗୋପବନ୍ଧୁନଗର ଉଚ୍ଚପ୍ରାଥମିକ ବିଦ୍ୟାଳୟ ଚାନ୍ଦପୁର, ବିଭିନ୍ନ ଯୁବକ ସଂଘ,ବିଭିନ୍ନ ପରିବାର, କ୍ଲବ,ଟାଙ୍ଗୀ, ଚାନ୍ଦପୁର, ମଙ୍ଗଳାଯୋଡି, କାଲୁପଡା, ଚମ୍ପାଗଡ, ଚଣ୍ଡେଶ୍ୱର, କୁହୁଡି, ଭୂଷଣ୍ଡପୁର, ବାଲିପାଟପୁର, କନ୍ତଳବାଇ,ବଡପାରୀ,ମଙ୍ଗଳାଯୋଡି,କୁହୁଡି ତଥା ଆଖପାଖର । ବିଭିନ୍ନ ସରକାରୀ ବିଦ୍ୟାଳୟ, ଉଚବିଦ୍ୟାଳୟ, ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକରେ ପୂଜା ଯଥାବିଧି ପୁଷ୍ପାଞ୍ଜଳି ପ୍ରଦାନ କରି ଛାତ୍ରଛାତ୍ରୀମାନେ ଗଣପତି ବାବା ଙ୍କ ସାନିଧ ଲାଭ କରିଛନ୍ତି।

# ଜିନ୍ଦଲ ଇଣ୍ଡିଆର ମିଳାପ ରିଟେଲର ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ) : ବି ସି ଜିନ୍ଦଲ ଗ୍ରୁପ୍‌ର ଅଂଶ ଓ ଭାରତର ଅନ୍ୟତମ ଅଗ୍ରଣୀ ଆନୁଷଙ୍ଗିକ ଇସ୍ପାତ ଉତ୍ପାଦ ନିର୍ମାତା ଜିନ୍ଦଲ(ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ଭୁବନେଶ୍ୱରରେ ସଫଳତାର ସହ ମିଳାପ ରିଟେଲର ସମ୍ମିଳନୀ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଏହି ଅଞ୍ଚଳର ରିଟେଲ୍‌ରମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଓ ଭାବ ବିନିମୟ କରିଥିଲେ। ଚାନ୍ଦି ଷ୍ଟିଲ୍‌ସ ସହଯୋଗରେ ଆୟୋଜିତ ଏହି ସମ୍ମିଳନୀରେ ୬୦ରୁ ଅଧିକ ରିଟେଲର୍ ସହଯୋଗୀ ଅଂଶଗ୍ରହଣ କରିଥିଲେ।

ବଜାର ସମ୍ପ୍ରସାରଣ ଓ ଆଂଚଳିକ ଉପସ୍ଥିତି ବଢ଼ାଇବା ଉପରେ ଦିଆଯାଉଥିବା ଗୁରୁତ୍ୱର ଅଂଶ ସ୍ୱରୂପ ଜିନ୍ଦଲ (ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ଦେଶର ବିଭିନ୍ନ ସ୍ଥାନରେ ଏଭଳି ସମ୍ମିଳନୀ ଆୟୋଜନ କରାଯାଉଛି। ଭୁବନେଶ୍ୱର ରିଟେଲର୍ ସମ୍ମିଳନୀରେ କମ୍ପାନୀ ପକ୍ଷରୁ ଶିଳ୍ପର ସ୍ୱତନ୍ତ୍ର ଆବଶ୍ୟକତା ପୂରଣ କରୁଥିବା ତଥା ପ୍ରଦର୍ଶନ ଓ ଦୀର୍ଘ ସ୍ଥାୟିତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିବା ଅତ୍ୟାଧୁନିକ କୋଟେଡ୍ ଇସ୍ପାତ ଉତ୍ପାଦ ପୋର୍ଟଫୋଲିଓକୁ ପ୍ରଦର୍ଶିତ କରାଯାଇଥିଲା ।

# କ୍ରୀଡା ପ୍ରତିଭା ସମ୍ମାନ ସମାରୋହ

ବାଲୁଗାଁ ,(ସବ୍ୟୁ): ସ୍ଥାନୀୟ ଅଠରବାଟିଆ ସତ୍ୟନାରାୟଣ ଯୁବକ ସଂଘ ପକ୍ଷରୁ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ସ୍ଥାନୀୟ ଅଞ୍ଚଳର ଶ୍ରେଷ୍ଠ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ବାଲୁଗାଁ ଅଶୋକ ନଗର ସ୍ଥିତ ବଣିକ ସଂଘ ସଭା ଗୃହରେ ସଂଘର ସଭାପତି ଦନେଇ ଜାଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଅତିଥି ଭାବେ ରୋଟାରୀଆନ ରବି ନାରାୟଣ ପାଲ, କ୍ରୀଡା ପ୍ରଶିକ୍ଷକ, ବୈରାଗୀ ଚରଣ ବଳ, କରାଟେ ପ୍ରଶିକ୍ଷକ ଦୀପକ କୁମାର ସାମନ୍ତରା,ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା ପ୍ରମୁଖ ଯୋଗ ଦେଇ ଅଞ୍ଚଳକୁ ଗୌରାବାନ୍ୱିତ କରିଥିବା ଖେଳାଳିଙ୍କ ପ୍ରତିବଦ୍ଧତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ଏହି ଅବସରରେ ଜାତୀୟ ସ୍ତରରେ ସ୍ୱର୍ଣ୍ଣପଦକ, ରୌପ୍ୟ ପଦକ ଓ କାଂସ୍ୟ ପଦକ ବିଜେତାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । କରାଟେରେ ପଦକ ବିଜେତା କ୍ରିଷ୍ଣା ଶିକାରୀ, ସାଲୋନୀ ପାତ୍ର, ଦିବ୍ୟାଙ୍ଗନା ସାମନ୍ତରା, ଦୀପଶିଖା ସାମନ୍ତରାୟ, ଦ୍ୟାନସି ବଂଶୀ, ରୋହନ ସୱାଇଁ, ଆଦିତ୍ୟ ପ୍ରଧାନ, ଏମ ସାଇ ହେମକେଶ, ସ୍ୱାତିକ ଜାଲି, କୃତୀଦୀପନ ବଳବନ୍ତରାୟ ଏବଂ ଜାତୀୟ ସ୍ତରରେ ଶକ୍ତି ଉତ୍ତୋଳନ କ୍ଷେତ୍ରରେ ସ୍ୱର୍ଣ୍ଣ ପଦକ ବିଜେତା ସୌମେନ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏଥି ସହ ଜାତୀୟ କବାଡି ପ୍ରତିଯୋଗିତାରେ ପଦକ ବିଜେତା ଆଦର୍ଶ ପ୍ରୀତମ ବେହେରା, ଅନ୍ୱେଷ ପ୍ରୀତମ ବେହେରା, ତାପସ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା

# ପୁସ୍ତକ ପାଠୋତ୍ସବ ସହ ବୃକ୍ଷରୋପଣ

ବଳଙ୍ଗା , (ସବ୍ୟୁ): ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ବାଙ୍ଗୁରଷ ପାଟଣା ସ୍ଥିତ ସ୍ଟୁଡେଣ୍ଟ ନଲେଜ ସେଣ୍ଟର ଓ ଲାଇବ୍ରେରୀ ଆନୁକୂଲ୍ୟରେ ପୁସ୍ତକ ପାଠୋତ୍ସବ, ଗ୍ରାମ ସଫେଇ ତଥା ବୃକ୍ଷରୋପଣ କାର୍ଯ୍ୟକ୍ରମ ସାକ୍ଷୀଗୋପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପାଠୋତ୍ସବରେ ମୁଖ୍ୟ ଅତିଥି ଭାବେ ବଳଙ୍ଗା ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ତଥା ପ୍ରାଧ୍ୟାପକ ଡ. ପ୍ରଦୋଷ କୁମାର ପତି, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଜଗବନ୍ଧୁ ରାୟ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ମହାନ୍ତି ଆଦି ଯୋଗ ଦେଇ ଆଜିର ଡିଜିଟାଲ ଯୁଗରେ ଗ୍ରାମାଞ୍ଚଳରେ ଲାଇବ୍ରେରୀ ଓ ସେଥିରେ କୁନିପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କମାନଙ୍କର ପୁସ୍ତକ ପଠନର ଗୁରୁତ୍ୱ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ । ନଲେଜ ସେଣ୍ଟର ପ୍ରତିଷ୍ଠାତା ସଦସ୍ୟ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶରଚନ୍ଦ୍ର ନାୟକ ସଭା ପରିଚାଳନା କରିଥିଲେ । ଆନ୍ତର୍ଜାତିକ ଅନୁଷ୍ଠାନ ଇଣ୍ଟରନ୍ୟାସନାଲ ଆସୋସିଏସନ ଫର ହ୍ୟୁମାନ ଭ୍ୟାଲୁଜ, ସେଣ୍ଟରର ଲାଇବ୍ରେରୀକୁ ହିନ୍ଦି, ଇଂରାଜୀ ଓ ଓଡ଼ିଆ ଭାଷାର ନିଭିନ୍ନ ବର୍ଗର ୪୫୦ ରୁ ଉର୍ଦ୍ଧ ପୁସ୍ତକ ପ୍ରଦାନ କରିଥିବାର ପ୍ରତିଷ୍ଠାତା ସଦସ୍ୟ ପ୍ରକାଶ କରିବା ସହିତ ଅନୁଷ୍ଠାନ ଓ ଗ୍ରାମବାସୀଙ୍କ ତରଫରୁ ଆଇ. ଏ. ଏଚ. ଭି କୁ କୃତଜ୍ଞତା ଜଣାଇଥିଲେ । ବରିଷ୍ଠ ସଦସ୍ୟ ଶିକ୍ଷକ ମଙ୍ଗରାଜ ରଥ, ବିମଳ ଦାସ, ଜିତେନ୍ଦ୍ର ସାହୁ, ଅନନ୍ତ ନାୟକ, ସୁନିଲ ନାୟକ, ପ୍ରତାପ ଦାସ, ରଶ୍ମୀତା ସାହୁ, ସୁମିତ୍ରା ଦାସ ଓ ସେଣ୍ଟରର ସମସ୍ତ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଥିଲେ ।

# ମହିଳା ସୁରକ୍ଷା ଆଇନ ସଚେତନତା କାର୍ଯ୍ୟକ୍ରମ



କଣ୍ଟିଲୋ, (ସବ୍ୟୁ): କଣ୍ଟିଲୋ ନୀଳମାଧ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମହିଳା ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କଣ୍ଟିଲୋ ପୁଲିସ ଫାଣ୍ଡି ଆନୁକୂଲ୍ୟରେ ମହାବିଦ୍ୟାଳୟ ଅଧକ୍ଷା ଡ଼.ନନ୍ଦିତା ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସେବା ସସ୍ଥା ମୁଖ୍ୟ ଲେନିନ ସୁବୁଦ୍ଧି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଖଣ୍ଡପଡା ପୁଲିସ ଥାନା ଉପଖଣ୍ଡ ଅଧିକାରୀ ମଦନ ମୋହନ ପ୍ରଧାନ, କଣ୍ଟିଲୋ ଜିଲ୍ଲା ପରିଷଦ ସଭ୍ୟା ଉଜ୍ୱଳ ମହାରଣା ଓ ସରପଞ୍ଚ ଶ୍ରୀୟାରାଣୀ ବେହେରା ଯୋଗ ଦେଇ ମହିଳଙ୍କା ସମସ୍ୟା ଓ ନିରାକରଣ ଦିଗରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ ସଂଯୋଜନା କରିଥିଲା ବେଳେ ଖଣ୍ଡପଡା ଆଇ ଆଇ ସି ମିହିର ରଞ୍ଜନ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


# ନିରାକାରପୁର ବିଭିନ୍ନ ଅଞ୍ଚଳରେ ଗଣେଶ ପୂଜା

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଓ ତାର ପାଖାପାଖି ଅଂଚଳରେ ଗଣେଶ ପୂଜଅନୁଷ୍ଠିତ ହୋଇଯାଇଛି। ନିରାକାରପୁର ଗେଟ ବଜାର, ନରେନ୍ଦ୍ରପୁର ସାହି ୟୁନାଇଟେଡ କ୍ଲବ ତରଫରୁ ,ନନପଡ଼ା ଯୁବକ ସଂଘ, ବଡ ବଜାର, ଆର୍ଯ୍ୟ ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଷ୍ଟେସନ ନିକଟ ଶିକ୍ଷା ବିକାଶ ସମିତି ସରସତୀ ଶିଶୁ ବିଦ୍ୟା ମନ୍ଦିର,ଓଳସିଂହ ନୂଆସାହି, ଗୁଣ୍ଡିଚାରାଣୀ ୟୁଥ କ୍ଲବ ଦାରା ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ସେହିପରି ଜଂକିଆ ଓମ ଶ୍ରୀ ଗ୍ରୁପ ତରଫରୁ ମଧ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଟାଙ୍କୋଳ ହାଇସ୍କୁଲ, କମାଗୁରୁ ହାଇସ୍କୁଲ, କମାଗୁରୁ ପ୍ରାଥମିକ ବିଦ୍ୟାଳୟ, ମଳିପଡା ବାଙ୍ଗୁର ଶିକ୍ଷା ସଦନ,ମୋହନ ଲାଲ ବାଳିକା ବିଦ୍ୟାଳୟ, ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜଂକିଆ ଭାଗବତ ଦେବ ବିଦ୍ୟାପୀଠ, ରମାବିଲି ହାଇସ୍କୁଲ, ଛଣଗିରି ହାଇସ୍କୁଲ, ଗୋଳବାଇ ହାଇସ୍କୁଲ , ଜଂକିଆ ରାମକୃଷ୍ଣ ଶିକ୍ଷା କେନ୍ଦ୍ର , ମଳିପଡା ୟୁଥ କ୍ଲବ ପୂଜା କମିଟି, ନିରାକାରପୁର ନେତାଜୀ ପବ୍ଲିକ ସ୍କୁଲ, ରେଙ୍ଗଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆରୋମିରା ପବ୍ଲିକ ସ୍କୁଲ, ସୀୟା ରାମ କ୍ଲାସେସ , ଚାଣକ୍ୟ ଟ୍ୟୁଟୋରିଆଲ ଓ ଏସ ଏନ ଟ୍ୟୁଟୋରିଆଲ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି।

# ଗୋପାଳପୁର ଅଣ୍ଡରପାସ ମ୍ୟୁନିସିପାଲିଟିର ଅଳିଆଗଦା

ଫୁଲନଖରା,(ସବ୍ୟୁ): ଟକ ମୁନିସିପାଲିଟି କାର୍ଯ୍ୟାଳୟ ଠାରୁ ମାତ୍ର କେତେ କିଲୋ ମିଟର ଦୂରରେ ୱାର୍ଡ଼ ନମ୍ବର ୫୬ ଓ ୫୭ ମଧ ସ୍ଥଳୀରେ ଅବସ୍ଥିତ ଗୋପାଳପୁର ଅଣ୍ଡରପାସ । ଦୀର୍ଘ ବର୍ଷହେବ ଏହା ଏନ.ଏଚ.ଏ.ଆଇ ଦାରା ଓଭରବ୍ରିଜ ହେବାବେଳଠୁ କାମ ସରିଥିବା ବେଳେ ଅଣ୍ଡରପାସଟି ଏବେ ମରଣଯନ୍ତା ପାଲଟିଛଇ । ଏହାଉପରେ କୌଣସି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ଅଣ୍ଡର ପାସ ଦେଇ ଦୈନିକ ୫-୬ ଗୋଟି ମୌଜାର ଜନସାଧାରଣ ନିର୍ଭର କରିଥାନ୍ତି। ଏହା ବର୍ତ୍ତମାନ କାଦୁଅ ପଙ୍କ ସହିତ ଆଣ୍ଠୁଏ ପାଣିରେ ଉବୁଟୁବୁ ।ବୋଝ ଉପରେ ଲଳିତା ବିଡା ଭଳି ମୁନିସିପାଲିଟି ପକ୍ଷରୁ ସହରର ଅଳିଆ ଆବର୍ଜନା ସହ ବିବାହ ବ୍ରତ ଆଦି କାର୍ଯ୍ୟର ଅଇଁଠା ପତ୍ର ନାନାଦିଅଳିଆ କୁଢ଼ କରାଯାଉଛି । ଅନତି ଦୂରରେ ଥିବା ଉଚ୍ଚ ବିଦ୍ୟାଳୟକୁ ପ୍ରତ୍ୟହ ତିନିଶହରୁ ଉର୍ଦ୍ଧ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଇଥାନ୍ତି ଓ ଏହାକୁ ଲାଗି ଥିବା ଖେଳପଡିଆରେ ସବୁଦିନ ପିଲାମାନେ ଖେଳିଥାଆନ୍ତି ।ଯାହା ଫଳରେ ଏହାରନିକଟତର ପରିବେଶଟି ଦୁର୍ଗନ୍ଧମୟ ଓଅସ୍ୱାସ୍ଥ୍ୟକର ହୋଇପଡିଛି। ଏହି ଅଣ୍ଡର ପାସ ଦେଇ ଗୋପାଳ ପୁର, ବଢେ ସାହି, ସୁଭଦ୍ରା ପୁର, କାଜି ପାଟଣା, ଉତ୍ତମ ପୁର, ତୋଟାସାହି, ତେନ୍ତୁଳି ସାହି, ମୁକାମେସୱର, ଉରାଳୀ, ଶ୍ରୀ କୋରୁଆଁ, ଜରିପଡା ଆଦି ଗ୍ରାମର ଜନସାଧାରଣ ଯିବାଆସିବା କରିବା ପାଇଁ ଏହି ଅଣ୍ଡର ପାସ ଉପରେ ନିର୍ଭର କରିଥାନ୍ତି। ଅନ୍ୟତ୍ର ଏହି ଗ୍ରାମ ଗୁଡିକୁ ଯିବାକୁ ହେଲେ ବ୍ରିଜ ମୁଣ୍ଡ ଜାତୀୟ ରାଜପଥର ତିନୋଟି ରାସ୍ତା ପାରିହେବାକୁ ପଡିଥାଏ। ଯେମିତିକି କଟକରୁ ଭୁବନେଶ୍ୱର ଓ ଭୁବନେଶ୍ୱରରୁ କଟକ ମୁଖ୍ୟ ରାଜପଥକୁ ପାରିହୋଇ ଗ୍ରାମ ଗୁଡିକୁ ଯାଇଥାନ୍ତି। ଯାହାଫଳରେ ଏହି ରାସ୍ତାଗୁଡିକ ସବୁ ସମୟରେ ଭିଡ ଥାଏ।ଏଠାରେ ପ୍ରଶାସନପକ୍ଷରୁ ନିୟୋଜିତ ହୋଇଥିବା ଟ୍ରାଫିକ ପୋଲିସମାନେ ପ୍ରାୟ ସମୟ ମୋବାଇଲ କିମ୍ବା ଅନ୍ୟମନସ୍କ ହେବାଦ୍ୱାରା ଦୁର୍ଘଟଣାମାନ ଘଟିଥାଏ। ଏହି କିଛିଦିନତଳେ ଭୁବନେଶ୍ୱର ଉତ୍ତରା ଅଞ୍ଚଳର ର ସୱାମୀ ସ୍ତ୍ରୀ ଓ ତାଙ୍କର ଗୋଟେ ଛୋଟ ଛୁଆଟି ଉପରେ ଟ୍ରକ ମାଡିଯିବାରୁ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଯାହା ଫଳରେ ରାସ୍ତାଟି ୩ଘଣ୍ଟାରୁ ଉର୍ଦ୍ଧ ବନ୍ଦହୋଇଥିଲା। ଏହି ଅଣ୍ଡରପାସଟିକୁ ତୁରନ୍ତ ମରାମତି କରିବାସହ ସେଠାରେ ଗଦା ହେଉଥିବା ଆବର୍ଜନାକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାପାଇଁ ଗ୍ରାମବାସୀଙ୍କ ତରଫରୁ ବାରମ୍ବାର ଦାବି ହୋଇଆସୁଅଛି।ଅଣ୍ଡର ପାସ ତଳେ ଆଲୋକ ବ୍ୟବସ୍ଥା, ପାରିହେଉଥିବା ଜାତୀୟରାଜପଥରେ ଆଲୋକ ପାଇଁ ଷ୍ଟ୍ରିଟ ଲାଇଟର ବ୍ୟବସ୍ଥା ତୁରନ୍ତ କରାଯିବାପାଇଁ ସାଧାରଣରେ ଦାବି ହଉଛି।

# ପ୍ରଗତି ଯୁବକ ସଂଘର ଗଣେଶ ପୂଜା ମହୋତ୍ସବ



ରଣପୁର.,(ସବ୍ୟୁ): ନୟାଗଡ ଜିଲ୍ଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନସ୍ଥ ପଞ୍ଚୁଦୋଳ ପଡିଆ ଠାରେ ପ୍ରଗତି ଯୁବକ ସଙ୍ଘ ତରଫରୁ ୭୭ତମ ଗଣେଶ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହା ରଣପୁର ଅଞ୍ଚଳ ସର୍ବପୁରାତନ ଗଣେଷ ପୂଜା ମଣ୍ଡପ ହୋଇଥିବା ପ୍ରତେକ ବର୍ଷ ଏଠାରେ ଓଡିଶା ର ସୁନାମଧନ୍ୟ ଗାୟକ ଙ୍କୁ ନେଇ ବାଦୀପାଲା ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ଶେଷ ପୂଜା ମହୋତ୍ସବ ୭ବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ ଗଣେଷପୂଜା ଦିନ ଠାରୁ ଅଗଷ୍ଟ ୨୭ତାରିଖ ରୁ ୩୦ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ବାଦୀପାଲା ଗାୟକ ଜ୍ଞାନସୁଧା ଶ୍ରୀ ଶାରଦା ପ୍ରସନ ନାୟକ (ବାଙ୍କୀ ) ସହିତ ଗାୟକ ତତ୍ତ୍ୱ ଭୂଷଣ ଲମ୍ବୋଦର ବେହେରା (କଣାସ ) ଅନୁଷ୍ଠିତ ହେଉଛି।.ସେହିଭଳି ଅଗଷ୍ଟ ୩୧ଓ ସେପ୍ଟେମ୍ବର ୧ତାରିଖରେ ନୃତ୍ୟ ପ୍ରତିଯୋଗିତା।ସେପ୍ଟେମ୍ବର ୨ତାରିଖରେ ପ୍ରଗତି ଯୁବକ ସଙ୍ଘ କଳାକାରମାନଙ୍କୁ ନେଇ ଏକ ସାମାଜିକ ନାଟକ ମଞ୍ଚସ୍ଥ ହେବ ।ସେପ୍ଟେମ୍ବର ୩ତାରିଖ ଭଷାଣି କାର୍ଯ୍ୟକ୍ରମ ରହିଥିବା ନେଇ କମିଟି ତରଫରୁ ସୂଚନା ମିଳିଛି। ତେବେ ଏହି ବାଦିପାଲା ମଞ୍ଚ କୁ ନୟାଗଡ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ରଙ୍ଗୀନ ମହାନ୍ତି. ସମାଜ ସେବୀ ତ୍ରିନାଥ ବିଶ୍ୱାଳ କିଶୋର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧରେ ବଣିକ ସଙ୍ଘ ସଭାପତି ତଥା ପୂଜା କମିଟି ଉପଦେଷ୍ଟା ଅର୍ଜୁନ ଶର୍ମା। ପ୍ରଗତି ଯୁବକ ସଙ୍ଘ ସଭାପତି ଲିଙ୍ଗରାଜ ନାୟକ.ସମ୍ପାଦକ କୃଷ୍ଣ ଚନ୍ଦ୍ର ଦାଶ ଗଣେଷ ପୂଜା କମିଟି ସଭାପତି ରମେଶ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଦର୍ପନାରାୟଣପୁର ସମେତ ରଣପୁର ଏନ. ଏସି. ରେ ହରିଜନ ସାହି. ଭଣ୍ଡାରୀ ସାହି. ଖୁଣ୍ଟିଆ ସାହି ବଡ଼କୁଆ ସାହି ସମେତ ସମସ୍ତ ୱାର୍ଡ ଓ ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ ଗୁଡିକ ରେ ମହା ସମାରୋହ ରେ ପାଳିତ ହୋଇଯାଇଛି।

# ବାଣଫୁଟାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ, ୪ ଆହତ

ବାଲୁଗାଁ,(ସବ୍ୟୁ): ବାଲୁଗାଁ ଥାନା ଅଧିନ ଗୋପୀନାଥପୁର ନୁଆସାହିରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଗଣେଶ ମୂର୍ତ୍ତିକୁ ଶୋଭାଯାତ୍ରାରେ ନେବା ବେଳେ ବାଣଫୁଟାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଯାଇଛି । ଏଥିରେ ଉଭୟ ପକ୍ଷରୁ ୪ଜଣ ଆହତ ହୋଇଥିବା ବେଳେ ଜଣକୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଏ ସଂକ୍ରାନ୍ତରେ ଅଭିଯୋଗ କ୍ରମେ ପୋଲିସ ପୃଥକ ଭାବେ ୨୬୬,୨୬୭/ ୨୫ ରେ ଦୁଇଟି ମାମଲା ରୁଜୁ କରି ଉଭୟ ଗୋଷ୍ଠୀର ୨ଜଣ ଲେଖାଏଁ ୪ ଜଣକୁ ଅଟକ ରଖି ତଦନ୍ତ ଜାରି ରଖିଛି ।ପୋଲିସ ସୂଚନା ମୁତାବକ, ଗୋପୀନାଥପୁର ନୁଆ ସାହିରେ ଚଳିତ ବର୍ଷ ଦୁଇଟି ପୂଜା କମିଟି ତରଫରୁ ଗଣେଶ ପୂଜା ଅନୁଷ୍ଠିତ ହେଉଛି । ମଙ୍ଗଳବାର ରାତ୍ରିରେ ଗୋଟିଏ ଗୋଷ୍ଠୀ ଗଣେଶ ମୂର୍ତ୍ତିଙ୍କୁ ପୂଜା ମଣ୍ଡପକୁ ଶୋଭାଯାତ୍ରାରେ ନେବା ସମୟରେ ବାଣ ଫୁଟାଇଥିଲେ । ତେବେ ବାଣରୁ ନିଆଁ ଛିଟିକି ଅପର ଗୋଷ୍ଠୀ ମଣ୍ଡପ ନିକଟରେ ପଡିଥିଲା । ଫଳରେ ଏହି ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ଏବଂ ପରେ ସଂଘର୍ଷର ରୂପ ନେଇଥିଲା । ଖବର ପାଇ ପୋଲିସ ପହଞ୍ଚିବା ପରେ ପରିସ୍ଥିତ ଆୟତ୍ତଧୀନ ହୋଇଥିଲା । ଘଟଣା ସ୍ଥଳ ଉତ୍ତେଜନାପୂର୍ଣ୍ଣ ଥିବାରୁ ପୂଜା ମଣ୍ଡପ ନିକଟରେ ପୋଲିସ ମୁତୟନ ରହି କଡା ନଜର ରଖିଛନ୍ତି ।


# ଚାଷୀଙ୍କ ବ୍ୟାଙ୍କ ଖାତାକୁ ଗଲା ୪୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା



ସାକ୍ଷୀଗୋପାଳ ,(ସବ୍ୟୁ) : ବୁଧବାର ମୁଖ୍ୟମନ୍ତ୍ରୀ (ସିଏମ) କିଷାନର କିସ୍ତି ପବିତ୍ର ଗଣେଶ ପୂଜା ଅବସରରେ ରାଜ୍ୟର କୃଷକ ମାନଙ୍କୁ ଅନଲାଇନ ମାଧ୍ୟମରେ ପ୍ରଦାନ କରାଯାଇଛି। ପୁରୀ ଜିଲ୍ଲାସ୍ତରୀୟ ସି.ଏମ କିଷାନ ଉତ୍ସବ ସାକ୍ଷୀଗୋପାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର କୃଷି ଓ କୃଷକ ର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଓ ସରକାର ଦେଇଥିବା କଥା କୁ ପାଳନ କରିଛନ୍ତି।ଚାଷକୁ ଦ୍ୱିଗୁଣିତ କରିବା ସହ କୃଷକ ଭାଇର ସର୍ବାଙ୍ଗୀନ ବିକାଶ ପାଇଁ ସରକାର କାର୍ଯ୍ୟ କରିଚାଲିଛନ୍ତି ବୋଲି କହିଥିଲେ।ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସିଏମ କିଷାନ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ସିଧା ପ୍ରସାରଣ କରାଯାଇଥିଲା। ପୁରୀ ଜିଲ୍ଲାର ମୋଟ ୨ ଲକ୍ଷ ୨୫ ହଜାର ୬୫୬ ଜଣ କ୍ଷୁଦ୍ର ଓ ନାମ ମାତ୍ର କୃଷକ ଏବଂ ୧୨୧୯ ଜଣ ଭୂମି ହୀନ କୃଷକ ଏହି କିସ୍ତିରେ ୨ହଜାର ଟଙ୍କା ହିସାବରେ ସି ଏମ କିଷାନ ସମ୍ମାନ ନିଧି ସହାୟତା ମାଧ୍ୟମରେ ୪୫,୩୭,୫୦୦୦୦ ଟଙ୍କା ପ୍ରାପ୍ତ କରିଛନ୍ତି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ବରିଷ୍ଠ ବୈଜ୍ଞାନିକ ଅମ୍ବିକା ପ୍ରସାଦ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ, ସମସ୍ତ ବ୍ଲକ ସ୍ତରୀୟ ,ଜିଲ୍ଲା ସ୍ତରୀୟ କୃଷି ଅଧିକାରୀ, କର୍ମଚାରୀ ଓ ୨୦୦ରୁ ଉର୍ଦ୍ଧ୍ୱ କୃଷକ ଉପସ୍ଥିତ ଥିଲେ। କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସୁମିତ୍ରା ଆଚାର୍ଯ୍ୟ ସଭା ପରିଚାଳନା କରିଥିବା ବେଳେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁଶାନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ,ତ୍ରିଲୋଚନ ରଥ,ଦୀପକ ଶତପଥୀ, ସୁରେନ୍ଦ୍ର ପ୍ରଧାନ,ସୁବାସ ଚନ୍ଦ୍ର ଜେନା ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଶ୍ରୀଗଣନାଥଙ୍କ ପୂଜା ଉତ୍ସବ

ନୟାଗଡ଼, (ସବ୍ୟୁ): ଅଗ୍ରଦେବ ଶ୍ରୀଗଜାନନଙ୍କ ପୂଜା ଆରାଧନାକୁ ନେଇ ନୟାଗଡ଼ ଜିଲ୍ଲା ପୁରପଲ୍ଲୀ ଉତ୍ସବ ମୁଖର। ଚାରିଆଡ଼େ ଗଣପତିବାବାଙ୍କ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼। ରଙ୍ଗ ବିରଙ୍ଗର ଆଲୋକ ମାଳାରେ ଗଜାନନଙ୍କ ପେଣ୍ଡାଲ ଜନମାନସକୁ ଆକର୍ଷିତ କରୁଛି। ସରକାରୀ ଓ ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଭିନ୍ନ ଅନୁଷ୍ଠାନରେ ଶ୍ରୀଗଣେଶ ମହାପ୍ରଭୁଙ୍କ ମୃଣ୍ମୟମୂର୍ତ୍ତି ସ୍ଥାପନ କରି ଯଥାରୀତୀ ପୂଜାର୍ଚ୍ଚନା କରାଯାଇଛି। ଗଣପତିଙ୍କ ପୂଜା ଅବସରରେ ବିଭିନ୍ନ ପୂଜାମଣ୍ଡପରେ ନୃତ୍ୟ ସଙ୍ଗୀତ, ପାଲ୍ଲା ଓ ଦାସକାଠିଆ ଆଦି ଲୋକନୃତ୍ୟର ଆୟୋଜନ ଲୋକଙ୍କ ପାଇଁ ମନୋରଂଜନର ଖୋରାକ ଯୋଗାଇଛି। ନୟାଗଡ଼ ସହରରେ ବିଭିନ୍ନ ପୂଜା ମଣ୍ଡପ ମଧ୍ୟରେ ନିୟୁଟାଉନ ଗଣେଶ ପୂଜା ମଣ୍ଡପରେ ପୂଜା ହୋମ ଆଦି ବିଦ୍ଧି ପାଳନ କରାଯାଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ କରା ଯାଇଥିଲା। ସେହିପରି ସହରର ବଣିକ ସଂଘ ପୂଜା ପେଣ୍ଡାଲରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଲୋକଙ୍କ ଭିଡ଼ ପରି ଲିଖିତ ହୋଇଛି। ଜିଲ୍ଲାର ସହର ଠାରୁ ପୁରପଲ୍ଲୀ ସବୁରିସ୍ଥାନରେ ଶ୍ରୀଗଣନାଥଙ୍କ ପୂଜା ଉତ୍ସବର ବାତାବରଣ ସୃଷ୍ଟି କରିଛି।



(ଶ୍ରୀମଦ୍‌ଭଗବଦ୍ ଗୀତା ୧୮/୨୫)

-ମୋକ୍ଷଯୋଗଃ-

(ଶ୍ରୀଭଗବାନୁବାଚ )

**ଅନୁବନ୍ଧଂ କ୍ଷୟ ହିଂସାମନବେକ୍ଷ୍ୟ ଚ ପୌରୁଷମ୍ ।**
**ମୋହାଦାରଭ୍ୟତେ କର୍ମ୍ମ ଯତ୍ତାମସମୁଚ୍ୟତେ ।। ୨୫ ।।**

( ତାମସଂ କର୍ମ୍ମାହ)- ଅନୁବନ୍ଧଂ (ପଶ୍ଚାଭାବି ଶୁଭାଶୁଭଂ), କ୍ଷୟଂ (ବିତ୍ତକ୍ଷୟଂ)ଲ, ହିଂସା (ପରପୀଡ଼ାଂ), ପୌରୁଷଂ ଚ (ସ୍ୱସାମର୍ଥ୍ୟଂ) ଅନବେକ୍ଷ୍ୟ (ଅପର୍ଯ୍ୟାଲୋଚ୍ୟ) (କେବଳଂ) ମୋହାତ୍ ଯତ୍ କର୍ମ୍ମ ଆରଭ୍ୟତେ ତତ୍ ତାମସଂ ଉଚ୍ୟତେ ।।୨୫ ।।

# ଉତ୍ତପ୍ତ ଓଡ଼ିଶା ପାଇଁ ଧ୍ୟାନ ଦିଆଯାଉ

'ଆଗାମୀ ଦିନରେ ବିଶ୍ୱର ଅନେକ ସ୍ଥାନରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଅଧିକ ମାତ୍ରାରେ ଅନୁଭୂତ ହେବ । ବାତ୍ୟା ଏକ ନିୟମିତ ଘଟଣାରେ ପରିଣତ ହେବ ଏବଂ ଏହା ଅଧିକ ଶକ୍ତିଶାଳୀ ହୋଇ ଅଭୁତପୂର୍ବ କ୍ଷୟକ୍ଷତି ଘଟାଇବ । ଏହା ସହିତ ସମୁଦ୍ର ଜଳ ପତ୍ତନ ଆଶାତୀତ ଭାବେ ବୃଦ୍ଧି ପାଇବା ଫଳରେ ଅନେକ ସ୍ଥାନ ଜନଶୂନ୍ୟ ହେବ । ଉତ୍ତପ୍ତ ବିଶ୍ୱ ଅଧିକାଂଶ ସ୍ଥାନରେ ପାଣିପାଗକୁ ସମ୍ପୂର୍ଣ୍ଣ ବଦଳାଇ ଦେବ । ଏହା ହେଲା ଏକ ଆର୍ନ୍ତଦେଶୀୟ ପ୍ୟାନେଲଦ୍ୱାରା ଜଳବାୟୁ ସମ୍ବନ୍ଧିତ ପ୍ରସ୍ତୁତ ଏକ ରିପୋର୍ଟରେ ଚେତାବନୀ । ବିଶ୍ୱରେ ତାପମାତ୍ରା ବୃଦ୍ଧି ଆମ ଦେଶ ଭାରତରେ ମଧ୍ୟ ସାଂଘାତିକ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି । ବର୍ତ୍ତମାନ ବି ଏହାର ଆଭାସ ଆମକୁ ମିଳିଲାଣି । ହିମାଳୟରେ ଥିବା ଗ୍ଲାସିଅର (ବରଫ ଚଟାଣ) ଗୁଡ଼ିକ ତରଳିବା ଏହାର ପ୍ରାକ୍ ସୂଚନା । ହିମାଳୟର ସର୍ବବୃହତ୍ ଗ୍ଲାସିଅୟ ଗଙ୍ଗୋତ୍ରୀ ଉଦ୍‌ବେଗଜନକ ଭାବେ ତରଳୁ ଥିବାରୁ ଏହି ପାର୍ବତ୍ୟାଞ୍ଚଳରୁ ପ୍ରବାହିତ ନଦୀଗୁଡ଼ିକ ମାତ୍ରାଧିକ୍ୟ ଭାବେ ପ୍ରବାହିତ ହେବ ବୋଲି ପରିବେଶବିତ୍‌ମାନେ ଚେତାବନୀ ଦେଇଛନ୍ତି । ଏ ପରିସ୍ଥିତିରେ ଆମ ରାଜ୍ୟ ଓଡ଼ିଶାର ସ୍ଥିତି କିଭଳି ରହିବ ?' ( ଉତ୍ତପ୍ତ ବିଶ୍ୱ ଓ ଓଡ଼ିଶା) ୨୦୦୭ ମସିହାର ୧୮ ମାର୍ଚ୍ଚରୁ ୨୪ ମାର୍ଚ୍ଚ ପର୍ଯ୍ୟନ୍ତ ଏକ ସାପ୍ତାହିକ ପତ୍ରିକାରେ ପ୍ରକାଶ ପାଇଥିବା ମୋ ଲେଖାଟି ଏବେ ବି ମୋତେ ସଚେତନ କରି ଦେଉଛି । ପ୍ରାୟ ଆଠର ବର୍ଷ ତଳର ଏ ଲେଖା ସେତେବେଳେ ପ୍ରକାଶ ପାଇ ଆଦୃତ ହୋଇଥିଲା । ମାତ୍ର ଏହି ଉତ୍ତପ୍ତ ଓଡ଼ିଶାର ଭବିଷ୍ୟତ ସମ୍ପର୍କରେ ଆମ ସରକାର ବା ଜନସାଧାରଣ କେତେଦୂର ସଚେତନ ?

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯିବେ ଓ ଆସିବେ । ମାତ୍ର ସେମାନଙ୍କର ଏହି ପ୍ରାକୃତିକ ପରିବର୍ତ୍ତନ ସମୟରେ ବ୍ୟବସ୍ଥା କ'ଣ ଥିଲା ବା ହୋଇଛି ସେ ବିଷୟରେ ଲୋକେ ଜାଣିବାକୁ ଚାହିଁବେ । ପ୍ରକୃତରେ ଓଡ଼ିଶା ଏପରି ଏକ ରାଜ୍ୟ, ପ୍ରାକୃତିକ ସଂପଦ ଭରପୂର ଥିବା ସତ୍ୱେ ଏଠାରେ ପାଣିପାଗର ଘନ ଘନ ପରିବର୍ତ୍ତନ ହୋଇ ଚାଲିଛି । ବନ୍ୟା ବା ବାତ୍ୟାର ପ୍ରକୋପରୁ ଲୋକଙ୍କୁ ଉଦ୍ଧାର କରିବା ପାଇଁ ଅବଶ୍ୟ ବିଗତ ସରକାର ଓ ଏବର ସରକାର କିଛି କିଛି ପଦକ୍ଷେପ ନେଇଛନ୍ତି, ମାତ୍ର ଆହୁରି ପଦକ୍ଷେପ ନେବାକୁ ସତେ ଯେପରି ଅନେକ ପାଦ ଆଗେଇବାକୁ ପଡ଼ିବ ।

ବିଗତ କେତେ ଦଶନ୍ଧିରେ ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ହେଉ ବା ଗ୍ରୀଷ୍ମ ପ୍ରବାହ ଯୋଗୁଁ ହେଉ ସହସ୍ରାଧିକ ଲୋକଙ୍କ ପ୍ରାଣହାନୀ ଘଟିଛି । ଆଉ କେତେ ଜଣ ବିକଳାଙ୍ଗ ମଧ୍ୟ ହୋଇଛନ୍ତି । ଭାରତର ପୂର୍ବ ଉପକୂଳରେ ଓ ବଙ୍ଗୋପସାଗରର ମଥା ଉପରେ ଓଡ଼ିଶାର ଅବସ୍ଥିତି । ଏଠାର ପାଣିପାଗର ପରିବର୍ତ୍ତନ ଏବେ ଘନ ଘନ ଭାବରେ ଅନୁଭୂତ ହେଉଛି । ଏଥିପାଇଁ ଓଡ଼ିଶାର ଭୌଗଳିକ ପରିସ୍ଥିତି ଦାୟୀ ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି । ଏବେ ଓଡ଼ିଶାରେ ବିଶେଷକରି ଉପକୂଳ ଓଡ଼ିଶାରେ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବନ୍ୟା ଆସିଛି ଓ ଯାଇଛି । ମାତ୍ର ପାଣି ଘେରରେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି । ଅବଶ୍ୟ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ରାଜସ୍ୱମନ୍ତ୍ରୀ ଏହି ବନ୍ୟା ପରିସ୍ଥିତି ଉପରେ ସମୀକ୍ଷା କରି ପ୍ରତିକାରର ବ୍ୟବସ୍ଥା କରିଛନ୍ତି ।

ଅତୀତରେ ମହାବାତ୍ୟା ୧୯୯୯, ଫନୀ ବା ଫାଇଲିନଜନିତ କ୍ଷୟକ୍ଷତି ଓ ଦୁଃଖ ଲୋକେ ଭୁଲି ପାରି ନାହାନ୍ତି । ରାଜ୍ୟ ସରକାର ଜଳବାୟୁ ପରିବର୍ତ୍ତନର କ୍ରିୟାନୁଷ୍ଠାନ ଯୋଜନା ଉପରେ କିପରି ପଦକ୍ଷେପ ଗ୍ରହଣ କରିଛନ୍ତି , ସେ ସମ୍ପର୍କରେ ସୂଚନା ଅବଶ୍ୟ ମିଳିନାହିଁ ।

ବିଶ୍ୱ ଉତ୍ତପ୍ତୀକରଣର ଆହ୍ୱାନ ସଂକ୍ରାନ୍ତରେ ନିର୍ମାଣ ଶିଳ୍ପର କର୍ତ୍ତବ୍ୟକ'ଣ ହୋଇପାରେ ? ଗତ ୨୦୧୩ ନଭେମ୍ବର ମାସରେ 'ନିଉ ହୋରାଇଜନ' ଇଂରାଜୀ ପତ୍ରିକାରେ ବିଶେଷଜ୍ଞ ଡକ୍ଟର ଏମ୍. ଏମ୍. ଅଲ୍ଲୀଙ୍କର ଏକ ସାକ୍ଷାତକାରେ ଏହା ପ୍ରକାଶ ପାଇଥିଲା । ତାଙ୍କ ମତରେ ଗୃହ ନିର୍ମାଣ ପାଇଁ ଫ୍ଲାଇ ଆସ୍ (ଉଡନ୍ତା ପାଉଁଶ)ରୁ ତିଆରି ଇଟାରେ ଉତ୍ତାପ ଅଂଶ କମ୍, ତାହା ଶକ୍ତିଶାଳୀ ଏବଂ ଜଳ ମିଶ୍ରଣ ମଧ୍ୟ ଅଳ୍ପ ଥାଏ । ଭାରତରେ ପ୍ରାୟ ୭୦ ପ୍ରତିଶତରୁ ଅଧିକ ଇଟା ଫ୍ଲାଇ ଆସ୍‌ରେ ନିର୍ମିତ ବୋଲି ସେ ସୂଚନା ଦେଇଥିଲେ । ଏବେ ଓଡ଼ିଶାରେ ଭୀଷଣ ଗରମ ଅନୁଭୂତ ହେଉଥିବାରୁ ସହରାଞ୍ଚଳର ମଧ୍ୟବିତ୍ତ ଏପରିକି ନିମ୍ନ ମଧ୍ୟବିତ୍ତ କେତେ ଜଣ ମଧ୍ୟ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର କରି ଆସୁଥିବା ପରିଲକ୍ଷିତ ହେଉଛି । ଆମର ପିଲାମାନେ ମଧ୍ୟ ଆରାମରେ ଶୋଇବାକୁ ବା କିଛି କାର୍ଯ୍ୟ କରିବାକୁ ଶୀତତାପ ନିୟନ୍ତ୍ରଣ ମେସିନ ଉପରେ ନିର୍ଭରଶୀଳ ହୋଇ ପଡ଼ିଛନ୍ତି । ଏହି ଅଭ୍ୟାସକୁ ପରିହାର କରିବା କଷ୍ଟଦାୟକ ବୋଲି ମନେ ହେଉଛି ।

କିନ୍ତୁ ଭୁବନେଶ୍ୱରର ପାଣିପାଗ ଏପରି ନଥିଲା । ପୁରୀ ସମୁଦ୍ରକୂଳରୁ ପବନ ଆସି ଚନ୍ଦକା ଜଙ୍ଗଲ ଦେଇ ଭୁବନେଶ୍ୱର ଆସିଲେ ଭୁବନେଶ୍ୱରରେ ଦିନ ବା ରାତିରେ ଉତ୍ତାପର ମାତ୍ରା ଜଣା ପଡୁନଥିଲା । ମାତ୍ର ଏବେ ତ ଘରେ ଘରେ ଏସି ମେସିନ । ପ୍ରାକୃତିକ ଉପାୟରେ ଆମେମାନେ ଗରମରୁ ରକ୍ଷା ପାଇଁ କିଛି ବ୍ୟବସ୍ଥା କରି ପାରିନାହୁଁ । ଏପରି କି ସୂର୍ଯ୍ୟତାପ ଜରିଆରେ ବିଦ୍ୟୁତ ସରବରାହ ପ୍ରଚଳନ ପାଇଁ ଭାରତ ଓ ରାଜ୍ୟ ସରକାରଙ୍କର ବ୍ୟବସ୍ଥା ଥିଲେ ମଧ୍ୟ ତାହାକୁ ଆମେ ସମ୍ପୂର୍ଣ୍ଣ ଭାବରେ ଆଦରି ନେଇ ପାରିନାହୁଁ । ଦେଖାଯାଉ ଭବିଷ୍ୟତରେ ଆମେ କିପରି ଭାବରେ ଏସବୁ ପରିସ୍ଥିତିକୁ ସହଜରେ ମୁକାବିଲା କରି ପାରିବା ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ନୂଆଁଖାଇ ଜୁହାର



ମୋହନ ଚରଣ ମାଝୀ

ଜୁହାର୍...

ଓଡ଼ିଶାର ଅନନ୍ୟ କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ସାରା ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ମା' ସମଲେଶ୍ୱରୀ, ମା' ସୁରେଶ୍ୱରୀ, ମା' ପାଟଣେଶ୍ୱରୀ, ମା' ଲଙ୍କେଶ୍ୱରୀ, ମା' ବିନ୍ଧ୍ୟବାସିନୀ ତଥା ନୂଆଁଖାଇର ପବିତ୍ର ନବାନ୍ନ ଲାଗି ପରମ୍ପରା ସହ ଜଡ଼ିତ ସମସ୍ତ ଦେବୀମାନଙ୍କୁ କୋଟି କୋଟି ପ୍ରଣାମ । ମା' ତା'ର ପଣତକାନିରେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ଘଣ୍ଟ ଘୋଡ଼ାଇ ରଖନ୍ତୁ । ସାରା ଦେଶ ଓ ସାରା ବିଶ୍ୱବାସୀଙ୍କୁ ସୁଖ, ଶାନ୍ତି ଓ ପ୍ରଗତିର ରାସ୍ତାରେ ଆଗେଇ ନିଅନ୍ତୁ - ଆଜି ଦିନରେ ଏତିକି ପ୍ରାର୍ଥନା ।

ଓଡ଼ିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଖାଲି କୃଷିର ମହିମା ମଣ୍ଡନ କରେ ନାହିଁ । ଏହା ସହ ଭାରତୀୟ ଅସ୍ମିତାର ପ୍ରମୁଖ ଅଙ୍ଗ- ପରିବାର, ପାରିବାରିକ ସଂସ୍କାର ତଥା ମିଳିମିଶି ସହାବସ୍ଥାନର ସାରା ବିଶ୍ୱକୁ କାଳଜୟୀ ବାର୍ତ୍ତା ପ୍ରଦାନ କରେ । ନୂଆଁଖାଇରେ ଏହି ଶୁଭ ଅବସରରେ ଆମ ରାଜ୍ୟର ଚାଷୀଭାଇ ତଥା ଆମ ସଭ୍ୟତାର ମୂଳ ଆଧାର ପରିବାର ବ୍ୟବସ୍ଥା ଚିରସ୍ଥାୟୀ ହେଉ ଏବଂ ସାରା ରାଜ୍ୟର ସୁଖ, ଶାନ୍ତି ଓ ପ୍ରଗତିର ନୂଆ ଯୁଗରେ ସାଢ଼େ ଚାରି କୋଟି ଓଡ଼ିଆ ସାମିଲ ହୁଅନ୍ତୁ, ଏହାହିଁ କାମନା ।

ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ପୂର୍ବୋଦୟ ଯୋଜନା ଆଜି ଆମ ରାଜ୍ୟ ପାଇଁ ପ୍ରଗତିର ନୂଆ ରାସ୍ତା ଖୋଲିଛି । ମୋଦୀଜୀ ତଥା ଡବଲ ଇଞ୍ଜିନ ସରକାରରେ ବିକାଶର ଅବଧାରଣା ବେଶ୍ ସ୍ପଷ୍ଟ ।

୨୦୩୬ର ସ୍ୱତନ୍ତ୍ର ପ୍ରଦେଶ ଭାବରେ ଓଡ଼ିଶା ୧୦୦ ବର୍ଷ ପୂର୍ତ୍ତୀ ହେଉ ଅଥବା ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତୀ । ଆମର ଲକ୍ଷ୍ୟ, ୨୦୪୭ରେ ବିକଶିତ ଭାରତ ନିର୍ମାଣରେ ଓଡ଼ିଶା ପ୍ରମୁଖ ଭୂମିକା ନେବ । ସେଥିପାଇଁ ୨୦୩୬ର ଲକ୍ଷ ଆମ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ଆଜିଠାରୁ ୨୦୪୭ ଆଉ ମାତ୍ର ୨୦-୨୨ ବର୍ଷ ଏବଂ ୨୦୩୬ ମାତ୍ର ୧୦-୧୧ ବର୍ଷ ବାକି ଅଛି । ଦେଶର ଅମୃତକାଳ ପାଇଁ ଆଗାମୀ ଦୁଇ ଦଶନ୍ଧି ବେଶ ଗୁରୁତ୍ୱପୂର୍ଣ୍ଣ । ମାତ୍ର ଆମ ଓଡ଼ିଆଙ୍କ ପାଇଁ ଏହି ଦୁଇ ଦଶନ୍ଧି ଭିତରୁ ପ୍ରଥମ ଦଶନ୍ଧି ସବୁଠାରୁ ବେଶୀ ଗୁରୁତ୍ୱପୂର୍ଣ୍ଣ । ଆଜିଠାରୁ ଆଗାମୀ ଦଶବର୍ଷ ଯଦି ଓଡ଼ିଆ ଜାତି ତାର ନିଷ୍ଠା, ପରାକାଷ୍ଠା ସହିତ ସଠିକ ରାସ୍ତାରେ ସଠିକ ପଦକ୍ଷେପ ନିଏ, ତା' ହେଲେ ବିକଶିତ ଭାରତର ଆଧାରସ୍ତମ୍ଭ ହୋଇ ପାରିବ ଓଡ଼ିଶା । ମୋର ଦୃଢ଼ ବିଶ୍ୱାସ ଆମେ ଆମର ଗନ୍ତବ୍ୟ ସ୍ଥଳରେ ପହଁଚିବା ।

କ୍ଷେତରେ କୃଷି ହେଉ, ପଶୁ ପାଳନ ତଥା କୃଷି ଉତ୍ପାଦକୁ ମୂଲ୍ୟଯୁକ୍ତ କରିବା ପାଇଁ କୃଷି ପ୍ରକ୍ରିୟାକରଣ ଶିଳ୍ପ, ଏସବୁର ସମାବେଶୀ ବିକାଶ ଓଡ଼ିଶାର ଆର୍ଥିକ ବିକାଶକୁ ଅନ୍ତର୍ଭୁକ୍ତିକରଣର ରାସ୍ତାରେ ନେଇ ଅର୍ଥନୀତିର ସବୁଠାରୁ ବଡ଼ ବର୍ଗ କୃଷକଙ୍କୁ ସମୃଦ୍ଧ କରିବ ।

ନୂଆଁଖାଇ ପୂର୍ବଦିନ ପବିତ୍ର ଗଣେଶ ଚତୁର୍ଥୀ । ମୁଁ ବହୁତ ଆନନ୍ଦିତ ନୂଆଁଖାଇର ଧାର୍ମିକ ଓ ସାମାଜିକ ଆନନ୍ଦ ଉତ୍ସାହର ପୂର୍ବ ଦିନ ବିଘ୍ନନାଶକ ଗଣପତିଙ୍କ ପବିତ୍ର ପୂଜା ଅବସରରେ ରାଜ୍ୟ ସରକାରଙ୍କର ନିଜସ୍ୱ ଯୋଜନା ସିଏମ୍ କିଷାନ ସହାୟତା ରାଶି ଡିବିଟି ମାଧ୍ୟମରେ ସବୁ ପଞ୍ଜିକୃତ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି ।

ଏହି ଯୋଜନାରେ ବର୍ଷକୁ ଦୁଇ ଥର ଏବଂ ଥରକୁ ୨ ହଜାର ଟଙ୍କା ଭାବରେ ଚାଷୀଭାଇମାନଙ୍କୁ କୃଷି ସହାୟତା ପାଇଁ ମୋ ସରକାର ପ୍ରଦାନ କରିଆସୁଛି । ଗଣେଶ ଚତୁର୍ଥୀ ଅର୍ଥାତ ଗତକାଲି ରାଜ୍ୟର ୫୧ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୂହ ଚାଷୀ ଏବଂ ଭୂମିହୀନ କୃଷକ ପରିବାରଙ୍କୁ ସାମିଲ କରାଯାଇ ସେମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ଏହି ଅର୍ଥରାଶି ପ୍ରେରଣ କରାଯାଇଛି ।

ରାଜ୍ୟର ୫୧ ଲକ୍ଷ ପରିବାର ପାଖରେ ୧୦୪୧ କୋଟି ଟଙ୍କାର ଆର୍ଥିକ ଶକ୍ତି କେବଳ ଚାଷୀମାନଙ୍କ ପରିବାରରେ ହସ ଫୁଟାଇବ ନାହିଁ ବରଂ ସାରା ରାଜ୍ୟର କୃଷି ବ୍ୟବସ୍ଥାକୁ ଅଧିକ ଚଳଚଞ୍ଚଳ କରିବ । ନୂଆଁଖାଇରେ ଆମର ଚାଷୀଭାଇଙ୍କ ପରିବାର ମୁହଁରେ ହସ ମୋ ଭଳି ସାଧାରଣ ଗରୀବ ଓଡ଼ିଆ ଆଦିବାସୀ ପରିବାରରୁ ଆସିଥିବା ବ୍ୟକ୍ତି ହିସାବରେ ଅନେକ ଆନନ୍ଦ ଦେଉଛି ।

ଆମେ ଗତ ନିର୍ବାଚନ ସମୟରେ ଚାଷୀଭାଇମାନଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହ ୮୦୦ ଟଙ୍କାର ଇନପୁଟ୍ ସବସିଡି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲୁ । ସେତେବେଳେ ଆମର ବିରୋଧୀମାନେ ଆମକୁ ଥଟ୍ଟା, ପରିହାସ କରୁଥିଲେ । କାରଣ ସେମାନଙ୍କର ବିକାଶର ଅବଧାରଣା ଏବଂ ଭାରତୀୟ ଜନତା ପାର୍ଟିର ବିକାଶର ଅବଧାରଣା ଭିତରେ ଆକାଶ ପାତାଳ ଫରକ । ଆମେ ଗାନ୍ଧୀ, ଗୋପବନ୍ଧୁ ଏବଂ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କର ଆର୍ଥିକ ବିକାଶ ମଡେଲର ପୂଜକ । ଆପଣମାନଙ୍କର ମନେଥିବ ବରଗଡ଼ ଜିଲ୍ଲାର ସୋହେଲାରେ ଚାଷୀମାନଙ୍କୁ ୧୦୦ ଟଙ୍କାର ବୋନସ୍ ଦେବା ପାଇଁ ଜନସଭାରେ କିଏ ଘୋଷଣା କରିଥିଲେ ଏବଂ ଏହି ଅର୍ଥ ଯୋଗାଇବା ପାଇଁ କାହିଁକି ସେମାନେ ପଛେଇଲେ ।

ମୁଁ ସ୍ପଷ୍ଟ କରିବାକୁ ଚାହେଁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଏକାତ୍ମମାନବ ଦର୍ଶନ ଏବଂ ଅନ୍ତୋଦୟ ବିଚାରଧାରର ଆମେ ନିଷ୍ଠାପର ପୂଜାରୀ । ଜନ ସଂଘ ଓ ପରେ ୧୯୮୦ରୁ ବିଜେପିର ରାଜନୈତିକ ଯାତ୍ରାର ଆଧାର ଅନ୍ତୋଦୟ । ଦୀନଦୟାଲଙ୍କ ଅନ୍ତ୍ୟୋଦୟ ଆଜି ଦିନରେ ମୋଦୀଜୀଙ୍କର ଗରୀବ କଲ୍ୟାଣ । ଆମ ଚାଷୀଙ୍କୁ ୮୦୦ ଟଙ୍କା ଦେବା ପାଇଁ ସମୟ ଲାଗେନି କିନ୍ତୁ ୧୦୦ ଟଙ୍କା ସାଧାରଣ ଗରୀବ ଚାଷୀ ପରିବାରକୁ ଦେଇଦେଲେ ବିକାଶ କାମ ଗଡ଼ବଡ଼ ହୋଇଯିବ, ଏହା ଆମ ରାଜନୈତିକ ବିରୋଧୀଙ୍କ ବିଚାର ।

ମୋର ପ୍ରିୟ ଓଡ଼ିଶାର ଚାଷୀ, ମହିଳା, ଯୁବକ ଓ ଗରୀବମାନଙ୍କ ପାଖରେ ବିନମ୍ର କିନ୍ତୁ ବଜ୍ର ଶପଥ ଡବଲ ଇଞ୍ଜିନ ସରକାର ମୋଦୀଜୀଙ୍କ ନେତୃତ୍ୱରେ ସାଧାରଣରୁ ସାଧାରଣ ଓଡ଼ିଆଙ୍କ ଆର୍ଥିକ ବିକାଶ ପାଇଁ ବଦ୍ଧ ପରିକର । ଚାଷୀଙ୍କୁ ଆର୍ଥିକସ୍ତରରେସମୃଦ୍ଧ କରିବା ଆମର ଶପଥ ।

ମୋଦୀଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ କୃଷିନୀତି ଓ ଯୋଜନା ମାଧ୍ୟମରେ ଓଡ଼ିଶା ଭଳି ରାଜ୍ୟର ଚାଷୀଭାଇଙ୍କ ଅର୍ଥନୀତି ମଜବୁତ ହେଉଛି । ମୋଦୀଜୀଙ୍କ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପିଏମକେଏସୱାଇ-ଏଆଇବିପି ଅଧିନରେ ଜଳ ସେଚନ ପ୍ରକଳ୍ପ, ମତ୍ସ୍ୟ ଏବଂ ପଶୁ ସମ୍ପଦ ଯୋଜନା ସମୂହ, କୃଷି ଉତ୍ପାଦକ ସଂଗଠ ବା ଏଫପିଓ ମାଧ୍ୟମରେ କୃଷକଙ୍କ ଆର୍ଥିକ ବିକାଶ । ସମବାୟ ବିଭାଗକୁ ନୂଆ ରୂପରେ ଗଢ଼ି କୃଷି ଋଣ ଏବଂ ସମବାୟ ଭିତ୍ତିକ କୃଷି ନୂଆ ସମ୍ଭାବନା ସୃଷ୍ଟି କରିଛି ।

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ତତ୍‌କାଳୀକ ଏବଂ ଦୀର୍ଘ ମିଆଦି ଭିତ୍ତିରେ ଚାଷୀର ବିକାଶ ପାଇଁ ବଦ୍ଧ ପରିକର । ଦୀର୍ଘ ଦିନରୁ ପଡ଼ି ରହିଥିବା ଜଳ ସେଚନ ପ୍ରକଳ୍ପଗୁଡ଼ିକ ଅଧିକ ଗତିଶୀଳ କରିବା କାମରେ ଆମେ ଲାଗିଛୁ । କାରଣ ଜଳସେଚନ ବିନା ଉତ୍ପାଦନ ବଢ଼ାଇ ଚାଷୀଙ୍କ ରୋଜଗାର ଦ୍ରୁତ ବୃଦ୍ଧି ସମ୍ଭବ ନୁହେଁ । କୃଷି କାର୍ଯ୍ୟରେ ଆଧୁନିକ ଯନ୍ତ୍ରପାତି ବ୍ୟବହାର, ଶୀତଳ ଭଣ୍ଡାର, ପ୍ରକ୍ରିୟାକରଣ ଶିଳ୍ପ, ଯୋଗାଣ ଶୃଙ୍ଖଳା ନେଟୱାର୍କ ପାଇଁ କାର୍ଯ୍ୟରତ କୃଷକଙ୍କ ପ୍ରଶିକ୍ଷଣ ଓ ତାଲିମ ବ୍ୟବସ୍ଥା ଆମର ପ୍ରାଥମିକତା । ମଣ୍ଡି ବ୍ୟବସ୍ଥାର ଉନ୍ନତିକରଣ, ମଣ୍ଡିଗୁଡ଼ିକୁ e-NAM ସହ ଯୋଡିବା ଗୋଦାମ ଘର, ବିଶ୍ରାମଗାର ମାଧ୍ୟମରେ ମଣ୍ଡି ନବୀକରଣକୁ ଆମେ ଗୁରୁତ୍ୱ ଦେଉଛୁ । କୃଷି ଋଣ ଓ ଏହାର ସୁପରିଚାଳନାକୁ ଅଗ୍ରାଧିକାର ଦେଉଛୁ ।

ଆମେ ରାଜ୍ୟର ୩ ଲକ୍ଷ ୨୦ ହଜାରରୁ ଉର୍ଦ୍ଧ୍ୱ ଜନ ସାଧାରଣଙ୍କ ମତାମତ ଆଧାରରେ ୨୦୩୬ ଓ ୨୦୪୭ ପାଇଁ ଓଡ଼ିଶା ଭିଜନ୍ ପ୍ରସ୍ତୁତି କରିଛୁ । ଆମର ଲକ୍ଷ୍ୟ ମୁଣ୍ଡ ପିଛା କୃଷକଙ୍କ ଆୟରେ ଓଡ଼ିଶା ଦେଶର ୫ ନମ୍ବର ସ୍ଥାନକୁ ଆସିବ । କୃଷି ରପ୍ତାନୀ ପାଇଁ ବଡ଼ ଯୋଜନାରେ ଆମେ କାର୍ଯ୍ୟରତ । ଚାଷ ଜମିର ୧୦୦ ପ୍ରତିଶତ ଡିଜିଟାଲ ମ୍ୟାପ ପ୍ରସ୍ତୁତ ଆମର ଯୋଜନା, ଯାହା ଆଧାରରେ ଚାଷ ଜମିର ନୀରିକ୍ଷଣ, ସବସିଡି ଓ ଅତିରିକ୍ତ ସେବା ଯୋଗାଣ ବ୍ୟବସ୍ଥାକୁ ପାରଦର୍ଶୀ କରାଯାଇ ପାରିବ । ପିଏମ୍ କୁସୁମ ଯୋଜାନରେ କୃଷି କ୍ଷେତ୍ରରେ ବିଜୁଳି ଆବଶ୍ୟକତା ସୌର ଶକ୍ତି ମାଧ୍ୟମରେ ମେଣ୍ଟାଇବା ପାଇଁ ଆମେ ଉଦ୍ୟମ କରୁଛୁ ।

କୃଷି ଗବେଷଣା ଓ ଜ୍ଞାନ କୌଶଳକୁ ଚାଷୀଙ୍କ ପାଖକୁ ନେଇ ଚାଷୀଙ୍କୁ ସମୃଦ୍ଧି କରିବାରେ ସାରା ଦେଶରେ ଅଗ୍ରଣୀ ରାଜ୍ୟ ହେବା ଆମର ଲକ୍ଷ୍ୟ । ଚାଷ ଜମିର ମାଲିକାନା ମହିଳାଙ୍କ ନାମକୁ ଅଧିକ ମାତ୍ରାରେ ଆସୁ, ସେଥିପାଇଁ ପ୍ରୋତ୍ସାହନର ବ୍ୟବସ୍ଥା କରିବୁ ।

ପବିତ୍ର ନୂଆଁଖାଇରେ ମୋ ସରକାର ଚାଷୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବଦ୍ଧ ପରିକର । ଏହି ବିଶ୍ୱାସ ରାଜ୍ୟର ଚାଷୀଭାଇମାନଙ୍କୁ ଦେବାକୁ ଚାହୁଁଛି । ମୁଁ ସ୍ପଷ୍ଟ, ଚାଷୀଭାଇଙ୍କର ଦ୍ରୁତ ଉନ୍ନତି ବିନା ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ସଫଳ ହୋଇ ପାରିବ ନାହିଁ । ମା' ସମଲେଇ ଆମ ଲକ୍ଷ୍ୟ ପୂରଣ ପାଇଁ ଆଶିଷ ଦିଅନ୍ତୁ, ଆଜି ଦିନରେ ଏତିକି ପ୍ରାର୍ଥନା ।

ଆମ ଅସ୍ମିତାର ପରିଚୟ ଆମ ପରିବାର ବ୍ୟବସ୍ଥା । ନୂଆଁଖାଇର ଅନନ୍ୟ ଅଙ୍ଗ ପରିବାରରେ ଏକାଠି ହୋଇ ଭୋଜନ କରିବା ଓ ବଡ଼ମାନଙ୍କୁ ମୁଣ୍ଡିଆ ମାରିବା । ଆଜି ଆଧୁନିକ ସମାଜର ପରିବାରର ଅବଧାରଣା ବଦଳୁଛି । ପାଶ୍ଚାତ୍ୟ ସଂସ୍କୃତିର ଛାପ ଆମ ଯୌଥ ପରିବାର ବ୍ୟବସ୍ଥା ଉପରେ ସଙ୍କଟ ଆଣି ଦେଉଛି । ବାପା-ମା'-ପିଲା କେବଳ ନୁହଁନ୍ତି । ଜେଜେ-ଜେଜେମା, ଦାଦା-ଖୁଡ଼ି ଆଦି ସଂସ୍କୃତିରୁ ଆଧୁନିକ ସମାଜ ଦୂରାଉଛି । ବୋଧହୁଏ କାହିଁ କେଉଁ ଶତାବ୍ଦୀ ଶତାବ୍ଦୀ ପୂର୍ବରୁ ନୂଆଁଖାଇ ପରିକଳ୍ପନା କରିଥିବା ଯୁଗଜନ୍ମା ଓଡ଼ିଆମାନେ ନୂଆଁଖାଇରେ ପରିବାର ମେଳନ ପରମ୍ପରା ତିଆରି କରିଛନ୍ତି । ଓଡ଼ିଶାର ଏହି ଅନନ୍ୟ ସଂସ୍କୃତି ଓ ଅସ୍ମିତାର ଛାପ ସାରା ଦେଶ ଓ ବିଶ୍ୱକୁ ପ୍ରଭାବିତ କରୁ, ନୂଆଁଖାଇର ପବିତ୍ର ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲେଶ୍ୱରୀଙ୍କ ପାଖରେ ଏହାହିଁ ପ୍ରାର୍ଥନା ।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର**

## ଜଗତସିଂହପୁର ଡାଏରି-୭

# ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ଓ ମନୋଜ ଦାସଙ୍କ ସାନ୍ନିଧ



ସଂଗ୍ରାମ ମହାପାତ୍ର

ଶ୍ରୀଅରବିନ୍ଦ କହିଛନ୍ତି ଯେ, ଉର୍ଦ୍ଧ୍ୱତନ ତତ୍ତ୍ୱର ଇହ ଜଗତରେ ଅବତରଣ ସମ୍ଭବପର । ସେହି ଅବତରଣ ଫଳରେ ଆଧ୍ୟାତ୍ମିକ ସତ୍ତା ଜଗତର ବନ୍ଧନରୁ ମୁକ୍ତହୋଇ ତା'ର ଜୀବଦ୍ଦଶାରେ ହିଁ ମୁକ୍ତିଲାଭ କରିପାରିବ । ମନୁଷ୍ୟ ନିଜର ପଶୁଭାବରୁ ନିଷ୍କ୍ରାନ୍ତ ହୋଇ ମାନବତ୍ୱକୁ ଉଠିବ କେବଳ ରୂପାନ୍ତର ବା ଉତ୍ତରଣଦ୍ୱାରା । ଏହି ରୂପାନ୍ତର ସାଧିତ ହେବ ମଣିଷ ଭିତରେ ପ୍ରଚ୍ଛନ୍ନ ଥିବା ଅତିମାନସ ତତ୍ତ୍ୱର ଅବତରଣ ମାଧ୍ୟମରେ । ଏହା ଅବଶ୍ୟ ଅକସ୍ମାତ୍ ବା ଆଲୌକିକ ନୁହେଁ । ଚେତନାର ଅନେକ ସ୍ତରକୁ ଅତିକ୍ରମି ଅତିମାନସ ସତ୍ତାରେ ପହଞ୍ଚିବା ପାଇଁ ଯେଉଁ ସାଧନା, ସଂଯମ, ସମର୍ପଣ ଓ ସମନ୍ୱୟ ଆବଶ୍ୟକ, ତାହା ମଧ୍ୟ ଶ୍ରୀଅରବିନ୍ଦ 'ସାବିତ୍ରୀ' ମହାକାବ୍ୟରେ ବର୍ଣ୍ଣନା କରିଛନ୍ତି । ସରଳ ଭାଷାରେ କହିଲେ ଅନ୍ତରର ଆତ୍ମବିକାଶ ଓ ବିବର୍ତ୍ତନ । ଶ୍ରୀଅରବିନ୍ଦଙ୍କ ଦେହାଂଶ ଜଗତସିଂହପୁରରେ ୯ ଡିସେମ୍ବର ୧୯୭୦ ମସିହାରେ ସମ୍ଭବତଃ ଓଡିଶାରେ ପ୍ରଥମ ଭାବରେ ପ୍ରତିଷ୍ଠା ହୋଇଥିଲା । ସେତେବେଳେ ମନୋଜ ଦାସ, ବାବାଜୀ ମହାରାଜ ମଧ୍ୟ ଉପସ୍ଥିତ ଥିଲେ । ପଣ୍ଡିଚେରୀ ଆଶ୍ରମର ବାବାଜୀ ମହାରାଜଙ୍କୁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଭକ୍ତ ମଣ୍ଡଳୀ ପ୍ରାୟ ଜାଣନ୍ତି । ତାଙ୍କ ଘର ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ଡେଙ୍ଗାପୋଲ ସନ୍ନିକଟ ରାୟରପୁର ଗ୍ରାମ । ମୋ ସ୍ୱର୍ଗତଃ ପିତା ଥିଲେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଆଶ୍ରିତ । ପ୍ରତ୍ୟେକ ନବବର୍ଷରେ ପଣ୍ଡିଚେରୀ ଆଶ୍ରମରୁ ବାପାଙ୍କ ପାଇଁ ବାବାଜୀ ମହାରାଜ ଆଶୀର୍ବାଦ ପୁଷ୍ପ ଏବଂ ଡାଏରି ପ୍ରେରଣ କରୁଥିଲେ । ପ୍ରତ୍ୟେକ ସନ୍ଧ୍ୟାରେ ବାପା ଧ୍ୟାନ କରନ୍ତି, ମଝିରେ ମଝିରେ ରବିବାରରେ ପଣ୍ଡିଚେରୀ ଆଶ୍ରମରୁ ଆସୁଥିବା ପୁସ୍ତକକୁ ପଢିଥାନ୍ତି । ଏହି ହେତୁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧରେ ଉଣାଅଧିକେ ଜ୍ଞାତ ଥିଲି । ମୋ ବୋଉ ମଧ୍ୟ ବାପାଙ୍କୁ ଅନୁସରଣ କରୁଥିଲା ।

ମୋର ସୌଭାଗ୍ୟକୁ ଜଗତସିଂହପୁର ସଦର ମହକୁମାରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ପାଳନ ହେଲାବେଳେ ମୁଁ ଜିଲ୍ଲାପାଳ ଦାୟିତ୍ୱରେ । ଆୟୋଜିତ ସଭାରେ ବକ୍ତା ଭାବରେ କହିବାର ସୁଯୋଗ ମଧ୍ୟ ଆୟୋଜକ ପ୍ରଦାନ କରିଥିଲେ । ଅତିମାନସ ଚେତନା ଯାହା ମାନବ ପ୍ରକୃତିକୁ ପରିବର୍ତ୍ତିତ କରି ଦିବ୍ୟ ରୂପ ପ୍ରଦାନ କରେ । ଏହି ସବୁକୁ ବ୍ୟାଖ୍ୟା କଲାବେଳେ ଆୟୋଜକ ବନ୍ଧୁମାନେ ମୋତେ କୃତଜ୍ଞତା ଜ୍ଞାପନ କରିଥିଲେ । ତିନିଦିନ ବ୍ୟାପୀ ସନ୍ଧ୍ୟାରେ ଦେହାଂଶ ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା । ଜିଲ୍ଲା ତଥା ଜିଲ୍ଲା ବାହାରୁ ମଧ୍ୟ ଶିଷ୍ୟ ଓ ଶିଷ୍ୟାମାନେ ଏଭଳି ଭବ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସଂକ୍ଷେପରେ କହିଲେ ଦେହାଂଶ ହିଁ ସ୍ଥୁଳ ଉପସ୍ଥିତିର ପ୍ରମାଣ ଦେଇଥାଏ । ପିଢି ପରେ ପିଢି ଏହି ସ୍ଥୁଳ ଉପସ୍ଥିତି ଦେହାଂଶ ମାଧ୍ୟମରେ ମାନବଜାତିକୁ ପ୍ରେରଣା ଦେବା ସହ ସଚେତନ କରିବା ପାଇଁ ପ୍ରଭାବ ମଧ୍ୟ ପକାଇଥାଏ । ପଚାଶ ବର୍ଷ ଏକ ସୁଦୀର୍ଘ ସମୟ । ବିସ୍ମରଣକୁ ଭୁଲି ପୁନଶ୍ଚ ସଚେତନ ହେବା ସହ ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ଓ ସାଧନା ପଦ୍ଧତିରେ ନିଜକୁ ସଂପୃକ୍ତି କରିବା ହିଁ ସୁବର୍ଣ୍ଣ ଜୟନ୍ତୀର ମର୍ମ । ପଣ୍ଡିଚେରୀର ଡ଼ଃ ଆଲୋକ ପାଣ୍ଡେ 'ଅପ୍ରତ୍ୟାଶିତ ମୁହୂର୍ତ୍ତ' ବିଷୟରେ ଆଭାସୀ ମାଧ୍ୟମରେ ତାଙ୍କ ବକ୍ତବ୍ୟ ରଖିଥିଲେ ।

ଏହାର ଦୁଇ ମାସ ପରେ ଅର୍ଥାତ୍ ଫେବୃଆରୀ ୨୦ ତାରିଖରେ ମନୋଜ ଦାସ ଏ ପରିପ୍ରେକ୍ଷୀରେ ଜଗତସିଂହପୁର ଆସିବାର କାର୍ଯ୍ୟକ୍ରମ ହେବା ସହ ସେଦିନ ସନ୍ଧ୍ୟାରେ ଜିଲ୍ଲାପାଳଙ୍କ ପଡିଆରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପୂର୍ବରୁ ମନୋଜ ଦାସଙ୍କ ଓଜସ୍ୱିନୀ ବକ୍ତବ୍ୟ ମୁଁ ଶୁଣିଛି, ଅଥଚ କେବେ ବ୍ୟକ୍ତିଗତ ଭାବରେ ମିଶିବାର ସୁଯୋଗ ମିଳିନଥିଲା । ସେଦିନ ସୌଭାଗ୍ୟକ୍ରମେ ଜୁଟିଲା । ଗାଡିରୁ ଓହ୍ଲାଇଲା ବେଳେ ତାଙ୍କ ପାଦସ୍ପର୍ଶ ପୂର୍ବକ ପ୍ରଣାମ କରି ତାଙ୍କ ହାତ ଧରି ମୁଁ ମଞ୍ଚ ଉପରକୁ ନେଇଗଲି । ମଞ୍ଚାସୀନ ହୋଇ ଅଭିବାଦନ ଗ୍ରହଣ କରି ଆଶୀର୍ବାଦ ପ୍ରଦାନ କରି ମୋତେ ଧୀର କଣ୍ଠରେ କହିଲେ, ମୁଁ ଆପଣଙ୍କ କାର୍ଯ୍ୟ ସମ୍ବନ୍ଧରେ ପୂର୍ବରୁ ଶୁଣିଛି । ଜଣେ ସାହିତ୍ୟିକ ଭାବରେ ଲୋକପ୍ରିୟ ହେବା ଅପେକ୍ଷା ପ୍ରଶାସକ ଭାବରେ ଲୋକପ୍ରିୟତା ହାସଲ କରିବା ଆଜିକାଲି ଦୁରୂହ । ମା'ଙ୍କ କୃପା ଯୋଗୁଁ ଆପଣ ଦୁଇଟି ଯାକ ସୁଗୁଣରେ ଅଧିକାରୀ । ମୁଁ କୃତକୃତ୍ୟ ହୋଇ ମୋର ଅନ୍ତରର ସାଧୁବାଦ ଜଣାଇଲି । ଏହା ମଧ୍ୟ ମୁଁ ଜାଣଛି ଯେ ଆପଣଙ୍କ ସ୍ୱର୍ଗୀୟ ପିତା ଓ ମାତା ଉଭୟ ଶ୍ରୀମା' ଓ ଶ୍ରୀଅରବିନ୍ଦଙ୍କ ଆଶ୍ରିତ ଥିଲେ ।

ସେମାନଙ୍କ ସୁକର୍ମ ଆଜି ଆପଣଙ୍କୁ ଏପରି ଦିଗ୍-ଦର୍ଶନ ଦେଉଛି ମନୋଜ ଦାସ କହିଲେ । ମୁଁ ଆଶ୍ଚର୍ଯ୍ୟ ହେଲି ଯେ, ମନୋଜ ଦାସଙ୍କ ଭଳି ମହାନବ୍ୟକ୍ତି ଯେ କି ମୋ ସହିତ ପୂର୍ବରୁ ଅପରିଚିତ ମୋ ସମ୍ବନ୍ଧରେ ଏତେ ତଥ୍ୟ ରଖିଛନ୍ତି । ବୋଧହୁଏ ଆୟୋଜକମାନେ ମୋ ସମ୍ବନ୍ଧରେ ତାଙ୍କୁ ଜ୍ଞାତ କରାଇଥିବେ । କଥୋପକଥନ ଛଳରେ ଲକ୍ଷ୍ମୀର ଅଭିସାର, ଠାରୁ ଶେଷ ବସନ୍ତର ଚିଠି, 'ପ୍ରଭଞ୍ଜନ', 'ମନୋଜ ଦାସଙ୍କ କଥା ଓ କାହାଣୀ', 'ଆରଣ୍ୟକ'ପୁସ୍ତକ ଏବଂ ତାଙ୍କ ଦ୍ୱାରା ସଂପାଦିତ ହେରିଟେଜ୍ ଇଂରାଜୀ ପତ୍ରିକା ମୁଁ ପଢିଥିବା କହିଲି । ସେ ସ୍ମିତ ହସି କହିଲେ ଆପଣ ମୋ ପୁସ୍ତକ ଏତେ ପଢିଛନ୍ତି ଏହା ଅବିଶ୍ୱାସ ଯୋଗ୍ୟ । ମୁଁ ଯେତେବେଳେ ଏକ ଅପହୃତ ଟୋପିର ରହସ୍ୟ ଗଳ୍ପର ଉଦାହରଣ ଦେଲି ସେ ବି ହସ ସମ୍ଭାଳି କହିଲେ ଆଜି କେବଳ 'ଶ୍ରୀଅରବିନ୍ଦ'ଙ୍କ କଥା । ଏତକ କହି ଗମ୍ଭୀର ହୋଇ ସଭାରେ ମନୋନିବେଶ କଲେ । ଧ୍ୟାନ କଲା ପରେ ତାଙ୍କ ବକ୍ତବ୍ୟ ଆରମ୍ଭ ହେଲା । ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ତା ଠାରୁ ଆରମ୍ଭ ହୋଇ ଚେତନାର ବିଭିନ୍ନ ସ୍ତର, ବସ୍ତୁବାଦୀ ଦୁନିଆରେ ଆଧ୍ୟାତ୍ମିକତାର ଉପକାରିତା, ଧ୍ୟାନ, ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଇତ୍ୟାଦି କେତେ କଥା । ତାଙ୍କ ଭାଷଣ ତ ସର୍ବଦା ସମବେତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଥାଏ । ସମବେତ ଶ୍ରୋତା ନୀରବରେ ଏକାଗ୍ର ଚିତ୍ତରେ ଶୁଣୁଥାନ୍ତି । କଥା ଛଳରେ ପୁରାଣ, କିମ୍ବଦନ୍ତୀ ଓ ଇତିହାସର ଅନେକ ଉଦାହରଣ ମଧ୍ୟ ଦେଉଥାନ୍ତି । ପାଖାପାଖି ଚାଳିଶ ମିନିଟ ଭାଷଣର ସମୟ ବିତିଗଲା, ଲେଶ ମାତ୍ର ଜଣାପଡିଲା ନାହିଁ । ଭାଷଣ ଶେଷ ହେଲା ବେଳକୁ ତାଙ୍କ ହାତ ଧରି ମଞ୍ଚ ତଳକୁ ଓହ୍ଲାଇ ଆଣିଲା ବେଳେ ଜଗତସିଂହପୁର ଆସିଥିବାରୁ ପ୍ରଶାସନ ଓ ଜିଲ୍ଲାବାସୀଙ୍କ ତରଫରୁ ଧନ୍ୟବାଦ ଜଣାଇଲା ବେଳେ, ସେ ଥଟ୍ଟାରେ ହସି କହିଲେ, ମୁଁ ପରା ଏ ଜିଲ୍ଲାର ଜୋଇଁ । ଜୋଇଁ ପୁଅଙ୍କୁ ଧନ୍ୟବାଦ କ'ଣ ?

କିଛି ମୁହୂର୍ତ୍ତ ପରେ ଗମ୍ଭୀର ହୋଇ କହିଲେ, ସଂଗ୍ରାମ, ବୋଧହୁଏ ଏହା ମୋର ଜୀବନର ଶେଷ ଗସ୍ତ । ମୋ ଛାତିରେ ଯେମିତି ଛନକା ପଶିଗଲା । ମୁଁ କେବଳ ଏତିକି କହିଲି, ଆପଣ ଦୀର୍ଘାୟୁ ହୁଅନ୍ତୁ । ମହାପ୍ରଭୁଙ୍କ ପାଖରେ ଆମେ ପ୍ରାର୍ଥନା କରୁଛୁ । ମୁଁ ପାଦସ୍ପର୍ଶ କରି ପ୍ରଣାମ କଲା ବେଳେ ମୋ ମୁଣ୍ଡଟିକୁ ଆଉଁସି ଗାଡିରେ ବସିଲେ । ମନୋଜ ଦାସ ବିଦାୟ ନେଲା ବେଳେ ଭାବୁଥିଲି କେତେ ବଡ ମହାନ ବ୍ୟକ୍ତି,ଏ ଜାତିର ଭାଷାରେ କେତେ ମହାନ ସୃଷ୍ଟି ରଚନା କରି ଯାଇଛନ୍ତି ? ଅହଙ୍କାର ବିବର୍ଜିତ, ଆଧ୍ୟାତ୍ମିକ ସତ୍ତାର ଉପାସକ, ଏଭଳି ବିରଳ ବ୍ୟକ୍ତିତ୍ୱଙ୍କ ସାନିଧ ଲାଭକରି ସତେ ଅବା ଜୀବନ ଧନ୍ୟ ହୋଇଗଲା । ତାଙ୍କ ସହ ଆଶ୍ରମରେ ସମ୍ପର୍କ ରଖିବାକୁ ମୋତେ ତାଙ୍କର ଶେଷ ଉପଦେଶ ଥିଲା । ଜଗତସିଂହପୁର ଗସ୍ତର ମାତ୍ର କେତେଦିନ ପରେ ଦୁରରୋଗ୍ୟ ବ୍ୟାଧିରେ ପୀଡିତ ହୋଇ ମନୋଜ ଦାସ ଇହଲୋକ ତ୍ୟାଗ କରିଥିଲେ । ତାଙ୍କ ସହ ଫେବୃଆରୀ ସନ୍ଧ୍ୟାର କଥୋପକଥନ ଓ ସ୍ମୃତି ଚିରଦିନ ଅମ୍ଳାନ ଓ ପ୍ରେରଣାଦାୟକ ହୋଇ ରହିବ ।

*(କ୍ରମଶଃ)*

**କଥାଶିଳ୍ପୀ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ, ଓଡ଼ିଶା, ବ୍ରହ୍ମପୁର**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅନ୍ନଦାତାଙ୍କ...

ଯୋଜନାକୁ ଅନୁମୋଦନ ହୋଇଥିଲେ । ଏଣୁ ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଇଥିଲା ଏବଂ ରେକର୍ଡ ୯୨ ଲକ୍ଷ ୬୩ ହଜାର ମେଟ୍ରିକ ଟନ ଧାନ ସଂଗ୍ରହ କରିଥିଲା । ଆଉ ଆଜି ରାଜ୍ୟର ୫୧ ଲକ୍ଷରୁ ଅଧିକ କ୍ଷୁଦ୍ର-ନାମମାତ୍ର ଚାଷୀ ଏବଂ ୩୯,୨୩୯ ଭୂମିହୀନ କୃଷି ପରିବାରକୁ ସି.ଏମ୍-କିଷାନ୍ ଯୋଜନାର ତୃତୀୟ କିସ୍ତି ଭାବରେ ୧୦୪୧ କୋଟି ଟଙ୍କା ଡି.ବି.ଟି. ମାଧ୍ୟମରେ ପ୍ରଦାନ କରାଗଲା ।

କେବଳ ଏହି ଗୋଟିଏ ପଦକ୍ଷେପରୁ ପଞ୍ଜୀକୃତ ଚାଷୀଙ୍କ ବାର୍ଷିକ ଆୟରେ ଅତି କମରେ ୩୮ ହଜାର ଟଙ୍କା ଯୋଡି ହୋଇଛି । ସୁଭଦ୍ରା ଯୋଜନାର ଦଶ ହଜାର ଏବଂ ପିଏମ ଓ ସିଏମ କିଶାନର ୧୦ ହଜାର ଟଙ୍କାକୁ ଯୋଡିବେ ତେବେ ସେମାନଙ୍କ ବାର୍ଷିକ ଆୟ ଅତି କମରେ ୫୮ ହଜାର ଟଙ୍କା ବୃଦ୍ଧି ପାଇଛି । କାରଣ, ପ୍ରାୟ ପ୍ରତ୍ୟେକ ହିତାଧିକାରୀ ହେଉଛନ୍ତି ଚାଷୀ ପରିବାର । ଏହା ହେଉଛି ଆମ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହା ଅତ୍ୟନ୍ତ ଖୁସିର ବିଷୟ ଯେ ଚଳିତ ବର୍ଷ କୃଷକ ସମୃଦ୍ଧି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୮ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିସାରିଛନ୍ତି । ଯେମିତି ଜଣେ ହେଲେ ଚାଷୀ ଯେମିତି ଏଥିରୁ ବଞ୍ଚିତ ନ ହୁଅନ୍ତି, ମୁଁ ବ୍ୟକ୍ତିଗତ ଭାବେ ଧ୍ୟାନ ରଖିବି । କାରଣ, ବିନା ଅନ୍ନଦାତାଙ୍କ ଉନ୍ନତିରେ ରାଜ୍ୟର ପ୍ରଗତି ଅସମ୍ଭବ ।

ସେ କହିଥିଲେଯେ, ପ୍ରତି ଫସଲ ଋତୁ ପାଇଁ କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କୁ ୨୦୦୦ ଟଙ୍କା ହିସାବରେ (ବାର୍ଷିକ ୪୦୦୦ ଟଙ୍କା) ପ୍ରଦାନ କରାଯାଇଥାଏ । ଏହି ସହାୟତା ରାଶି କୃଷକମାନେ ଆବଶ୍ୟକୀୟ କୃଷି ସାମଗ୍ରୀ କ୍ରୟ କରିବାରେ ବ୍ୟବହାର କରିଥାନ୍ତି । ଭୂମିହୀନ କୃଷି ପରିବାରକୁ ଛେଳି, କୁକୁଡ଼ା, ବତକ ପାଳନ ତଥା ଛତୁ/ ମହୁଚାଷ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କୃଷି କାର୍ଯ୍ୟ ନିମନ୍ତେ ତିନୋଟି କିସ୍ତିରେ ୧୨୫୦୦ ଟଙ୍କା ପ୍ରଦାନ କରାଯାଇଥାଏ । ଏହା ଅତ୍ୟନ୍ତ ଖୁସିର ବିଷୟ ଯେ ଚଳିତ ବର୍ଷ କୃଷକ ସମୃଦ୍ଧି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୮ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିସାରିଛନ୍ତି । ଯେମିତି ଜଣେ ହେଲେ ଚାଷୀ ଯେମିତି ଏଥିରୁ ବଞ୍ଚିତ ନ ହୁଅନ୍ତି, ମୁଁ ବ୍ୟକ୍ତିଗତ ଭାବେ ଧ୍ୟାନ ରଖିବି । କାରଣ, ବିନା ଅନ୍ନଦାତାଙ୍କ ଉନ୍ନତିରେ ରାଜ୍ୟର ପ୍ରଗତି ଅସମ୍ଭବ ।

ସେ ଆହୁରି କହିଥିଲେଯେ, ଫସଲର ସୁରକ୍ଷା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଅନେକ ଗୁଡିଏ କୃଷକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି । ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା ବା ପିଏମ୍‌ଏଫ୍‌ବିୱାଇ, ପରିବର୍ତ୍ତିତ ଜଳବାୟୁ ତଥା ବିଳମ୍ବିତ ମୌସୁମୀକୁ ସମ୍ମୁଖୀନ ହୋଇ ନିଶ୍ଚିତ ଫସଲ ଅମଳ ପାଇବା ପାଇଁ ଫସଲ ବିବିଧିକରଣ ଭଳି ଯୋଜନା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି । ଆଳୁ ଓଡ଼ିଶାର ପ୍ରମୁଖ ପନିପରିବା ଫସଲ ମଧ୍ୟରୁ ଅନ୍ୟତମ ଏବଂ ଆଳୁ ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ, ରାଜ୍ୟର ୩ ହଜାର ୧୧୫ କ୍ଲଷ୍ଟରରେ ୩୬ ହଜାରରୁ ଅଧିକ ଚାଷୀ ସଚେତନତା କାର୍ଯ୍ୟକ୍ରମ କରାଯାଇ ପ୍ରାୟ ୧ ଲକ୍ଷ ହିତାଧିକାରୀଙ୍କୁ ଆଳୁ ଚାଷରେ ସାମିଲ କରାଯାଇଛି । ଗତବର୍ଷ ରାଜ୍ୟର ସମସ୍ତ ଜିଲ୍ଲାରେ ୧ ଲକ୍ଷ ୬୦ ହଜାର ୮୭୪ କ୍ୱିଣ୍ଟାଲର ପ୍ରାମାଣିକ ବିହନ ଆଳୁ ବଣ୍ଟନ କରାଯାଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୩ ଗୁଣ ଅଧିକ ।

ରାଜ୍ୟରେ ଶୀତଳ ଭଣ୍ଡାର ସ୍ଥାପନ ନିମନ୍ତେ ଆର୍ଥିକ ସହାୟତା ଯୋଜନା ୨୦୨୫ ଜାନୁୟାରୀରେ କାର୍ଯ୍ୟକ୍ଷମ କରାଯାଇଛି । ରାଜ୍ୟରେ ଶୀତଳଭଣ୍ଡାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ପ୍ରତ୍ୟେକ ଉପଖଣ୍ଡ ସ୍ତରରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ଘରୋଇ ସହଭାଗିତାରେ ପ୍ରତିଷ୍ଠା କରାଯିବ । ଏହା ମାଧ୍ୟମରେ ଫସଲ ଅମଳ ପରବର୍ତ୍ତୀ କ୍ଷତିକୁ ରୋକିବା ସହ କୃଷି ଉତ୍ପାଦର ଉପଯୁକ୍ତ ମୂଲ୍ୟ ଦ୍ୱାରା ବଜାର ସୁବିଧା ଯୋଗାଇ ଦେଇ ଚାଷୀମାନଙ୍କର ରୋଜଗାର ବୃଦ୍ଧି କରାଯାଇପାରିବ । ଏହା ଦ୍ୱାରା ଅଭାବୀ ବିକ୍ରି ମଧ୍ୟ ରୋକାଯାଇ ପାରିବ । ଯୁବ କୃଷି ଉଦ୍ୟୋଗୀ ମାନଙ୍କୁ ବ୍ୟବସାୟ ଭିତ୍ତିକ ଭିତ୍ତିଭୂମି ପ୍ରତିଷ୍ଠା ସହ ନିଜର ଆର୍ଥିକ ଉନ୍ନତି ଏବଂ ରାଜ୍ୟର ଗ୍ରାମୀଣ ଅର୍ଥନୀତିରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ରିହାତି ଜରିଆରେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛି । ୨୦୨୪-୨୫ ଆର୍ଥିକ ବର୍ଷରେ ୧ ହଜାର ୪୦୬ ଟି ପ୍ରକଳ୍ପକୁ ୧୮୮ କୋଟି ୩୪ ଲକ୍ଷ ଟଙ୍କାର ରିହାତି ପ୍ରଦାନ କରାଯାଇଛି, ବୋଲି ସେ କହିଥିଲେ ।

ସୂଚନା ଯୋଗ୍ୟଯେ ଏହି ପ୍ରମୁଖ କଲ୍ୟାଣକାରୀ ଯୋଜନାରେ କୃଷକଙ୍କ ପରିବାରକୁ କୃଷି ଓ ଆନୁସଙ୍ଗିକ କାର୍ଯ୍ୟପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ । ଉଚ୍ଚ ଶିକ୍ଷା / ବୃତ୍ତିଧାରୀ ଶିକ୍ଷା ନିମନ୍ତେ କୃଷି ବିଦ୍ୟାନିଧି ଯୋଜନାରେ ସି. ଏମ୍. କିଷାନ ହିତାଧିକାରୀଙ୍କ ପିଲାଙ୍କ ପାଇଁ ବୃତ୍ତି ପ୍ରଦାନ କରାଯାଇଛି । ଆଇ ଆଇ ଟି, ଏନ ଆଇ ଟି, ଆଇ ଆଇ ଏମ୍. ଏମ୍ସ ଓ ଆ.ସି.ଏ. ଆର ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ମେଡ଼ିକାଲ, ଇଞ୍ଜିନିୟରିଂ, କୃଷି, ନର୍ସିଂ, ଆଇ ଆଇ ଟି, ଛାତ୍ରଛାତ୍ରୀ ମାନଙ୍କୁ ଏହି ବୃତ୍ତି ପ୍ରଦାନର ବ୍ୟବସ୍ଥା ରହିଛି । ଗତ ଶିକ୍ଷା ବର୍ଷରେ ବିଭିନ୍ନ ବୈଷୟିକ ପାଠ୍ୟକ୍ରମ ପାଇଁ ୧୩, ୯୨୩ ଜଣ ସି. ଏମ୍. କିଷାନ ହିତାଧିକାରୀଙ୍କ ପିଲାମାନଙ୍କୁ ପ୍ରାୟ ୫୩ କୋଟି ୬ ୯ ଲକ୍ଷ ଟଙ୍କାର କୃଷି ବିଦ୍ୟାନିଧି ଛାତ୍ରବୃତ୍ତି ପ୍ରଦାନ କରାଯାଇଛି ।

ଏହି ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ କହିଥିଲେ ଯେ ରାଜ୍ୟରେ କୃଷି ଓ କୃଷକର ଉନ୍ନତି ସାଧନ ନିମିତ୍ତ ସରକାର ଅଙ୍ଗୀକାରବଦ୍ଧ । ସମସ୍ତ ଅଭାବୀ ଚାଷୀକୁଳକୁ କିଛିଟା ଆର୍ଥିକ ସ୍ୱାବଲମ୍ବୀ କରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର ନିଜସ୍ୱ ସମ୍ବଳରେ ଏହି କୃଷକ କଲ୍ୟାଣକାରୀ ଯୋଜନା ସି ଏମ କିଷାନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହି ଯୋଜନା ଏକ ପ୍ରଗତିଶୀଳ ତଥା କୃଷକମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ଭଳି ଯୋଜନା । ସି.ଏମ୍ କିଷାନ ଯୋଜନାରେ ଅଧିକରୁ ଅଧିକ ଯୋଗ୍ୟ ଚାଷୀ ଅନ୍ତର୍ଭୁକ୍ତ ହେଲେ କୃଷି ଓ କୃଷକର ଉନ୍ନତି ହୋଇପାରିବ ।

ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ, ଆନୁଷଙ୍ଗିକ କୃଷି କାର୍ଯ୍ୟକ୍ରମ ଯଥା ପଶୁପାଳନ, ମତ୍ସ୍ୟଚାଷ ଓ ଉଦ୍ୟାନକୃଷି ବୃତ୍ତି ଚାଷୀ ମାନଙ୍କର ଆର୍ଥିକ ଉନ୍ନତି ଓ ଉନ୍ନତ ଜୀବନ ଧାରଣରେ ବିଶେଷ ଗୁରୁତ୍ୱ ବହନ କରେ । କ୍ଷୁଦ୍ର ଛେଳି ଚାଷ ୟୁନିଟ, କ୍ଷୁଦ୍ର ଅଣ୍ଡା ଦିଆ କୁକୁଡ଼ା ୟୁନିଟ, ଦ୍ୱିମୁଖୀ ସ୍ୱଳ୍ପ ସାମଗ୍ରୀ ବୈଷୟିକ ପକ୍ଷୀ ୟୁନିଟ, ବତକ ୟୁନିଟ, ମତ୍ସ୍ୟଜୀବିଙ୍କୁ ମତ୍ସ୍ୟ ଉପକରଣ ଯୋଗାଣ, ଛତୁ ଚାଷ, ମହୁ ଚାଷ, ଗୋପାଳନ, ଟସର ଚାଷ ଭଳି ଅନେକ ଚାଷ ଆଜି ଅନେକ ସ୍ତରରେ ଲାଭବାନ ହୋଇଛନ୍ତି ଏହି ସି ଏମ କିଷାନ ଯୋଜନା ପାଇଁ । ଏହା ଛଡା ସରକାରଙ୍କ ପଶୁପାଳନ ଆର୍ଥିକ ସହାୟତା ଯେଉଁଳି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆଜି ଲକ୍ଷ ଲକ୍ଷ ଗୋପାଳକ ଭାଇ ଭଉଣୀ ମାନଙ୍କ ମୁହଁରେ ହସ ଫୁଟାଇ ପାରିଛି ।

ଏହି ଅବସରରେ ଭୁବନେଶ୍ୱର (ଏକାମ୍ର) ମାନ୍ୟବର ବିଧାୟକ ବାବୁ ସିଂ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡଃ ପ୍ରଭାତ କୁମାର ରାଉଳ, ନିର୍ଦ୍ଦେଶକ ଉଦ୍ୟାନ କୃଷି ବିଭାଗ ଏବଂ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏହି ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ କୃଷକ ଏବଂ ଓୟୁଏଟି ର ୨୦୦ ଛାତ୍ରଛାତ୍ରୀ ସକ୍ରୀୟ ଯୋଗଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମ ୩୦ ଗୋଟି ଜିଲ୍ଲା ପାଇଁ ଲାଇଭଷ୍ଟ୍ରିମିଂ ହୋଇଥିଲା । ବିଭିନ୍ନ ବିଭାଗୀୟ ମନ୍ତ୍ରୀ, ସାଂସଦ ଓ ସ୍ଥାନୀୟ ବିଧାନସଭା ସଦସ୍ୟ, ଜନ ପ୍ରତିନିଧି, ଜିଲ୍ଲାପାଳ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ଉତ୍ସବ ମଧ ମହା ସମାରୋହରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଓଡ଼ିଶା, ଶୁଭମ ସକ୍ସେନା ଧନ୍ୟବାଦ ଦେଇଥିଲେ ।

## କ୍ଷତି ହେବ...

ରହିଛି । ମାତ୍ର ଏବେ ଏଥିରେ ଟିକେ ଅଡୁଆ ସୃଷ୍ଟି ହୋଇଛି । ଭାରତ ବିଶ୍ୱର ସବୁଠୁ ବଡ ଗଣତାନ୍ତ୍ରିକ ରାଷ୍ଟ୍ର ଓ ଆମେରିକା ମଧ୍ୟ ବିଶ୍ୱର ଅନ୍ୟତମ ବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର । ତେବେ ଆମେରିକାରୁ ଭାରତକୁ କମ୍ ସାମଗ୍ରୀ ରପ୍ତାନୀ ହେଉଛି । ତେବେ ଭାରତରେ ଅତି ଉଚ୍ଚ ଶୁଳ୍କ ଆମେରିକା ସାମଗ୍ରୀ ଉପରେ ଲାଗୁ କରାଯାଇଛି । କେଉଁ ଦେଶରୁ କମ୍ ସାମଗ୍ରୀ ରପ୍ତାନୀ ହେଉଛି ତାକୁ ସୁବିଧା ମିଳିବା ଆବଶ୍ୟକ । ଭାରତ ବଳକା ଦେଶ ହୋଇଥିବାରୁ ସେମାନେ ବିବ୍ରତ ଅଛନ୍ତି । ମାତ୍ର ଆମେରିକାକୁ ଫାଇଦା ମିଳିବା ଦରକାର । ପ୍ରଥମେ ଆମେରିକାର ଚଳିତମାସ ୭ରୁ ଭାରତୀୟ ସାମଗ୍ରୀ ଉପରେ ୨୫% ଶୁଳ୍କ ଲଗାଇଥିଲା । ଏହାପରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ ହେବ ବୋଲି ଘୋଷଣା କରିଥିଲା ।

ଏହାର ଡେଡ୍‌ଲାଇନ୍ ୨୮ ତାରିଖ ରହିଥିଲା । ତେବେ ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସେଟିଭ୍ ପକ୍ଷରୁ କୁହାଯାଇଛି ଯେ ଆମେରିକାର ଶୁଳ୍କ ବୃଦ୍ଧି ଯୋଗୁ ଭାରତୀୟ ରପ୍ତାନୀ କ୍ଷେତ୍ରରେ ପ୍ରଭାବ ପଡିବ । ପ୍ରାୟ ୬୦.୨ ବିଲିୟନ୍ ଆମେରିକିଆନ୍ ଡଲାର କ୍ଷତି ହେବ । ଫଳରେ ପୋଷାକ, ଜୁଏଲାରୀ, କାରପେଟ୍ ଓ କାଠ କାମ ଉପରେ କାର୍ଯ୍ୟ କରୁଥିବା ଲକ୍ଷ ଲକ୍ଷ ଶ୍ରମିକ ପ୍ରଭାବିତ ହେବେ । ଋଷରୁ ଭାରତ ୨୦୨୨ରୁ ତେଲ କିଣା ଜାରି ରଖିଛି । ଋଷ୍ ଓ ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବାରୁ ୨୦୨୨ରେ କଟକଣା ଲଗାଯାଇଥିଲା । ତେବେ ଭାରତ ଏହାର ସୁବିଧା ନେଇ ଋଷରୁ ଶସ୍ତା ତେଲ କିଣିବାରେ ଲାଗିଥିଲା । ୨୦୨୪ ମଧ୍ୟଭାଗ ସୁଦ୍ଧା ଋଷରୁ ଭାରତ ୪୧% ତେଲ ଆମଦାନୀ କରିଛି । ତେବେ ଏହି ତେଲ କିଣା ବନ୍ଦ କରିବାକୁ ଟ୍ରମ୍ପ ପ୍ରଶାସନ ଚାପ ପକାଇଥିଲେ । ମାତ୍ର ଭାରତ ଏହାକୁ ଗ୍ରହଣ କରିନଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ଦେଶର ଶ୍ରମିକ, କ୍ଷୁଦ୍ରଶିଳ୍ପ ଓ ଘରୋଇ ଉତ୍ପାଦ କରୁଥିବା ଲୋକଙ୍କ ସ୍ୱାର୍ଥ ସହ କୌଣସି ବୁଝାମଣା କରାଯିବନାହିଁ । ଯଦିଓ ଚାପ ବଢ଼ିଛି ଆମେ ଏହାକୁ ସହ୍ୟ କରିବା ପାଇଁ ଅଲଗା ରାସ୍ତା ଖୋଜୁଛୁ ।

## ଆଜି...

ଏହାକୁ ଗ୍ରହଣ କରି ଜନସାଧାରଣ ଆଶୀର୍ବାଦ କାମନା କରିଥାନ୍ତି। ଶ୍ରାବଣ ମାସର ଶେଷ ବେଳକୁ ଖରିଫ ଧାନ ଚାଷ କାର୍ଯ୍ୟ ପ୍ରାୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଯାଇଥାଏ। ଚଳିତବର୍ଷ ଭାଦ୍ରବ ମାସର ପ୍ରଥମାର୍ଦ୍ଧ ଅତିକ୍ରାନ୍ତ ହେବାକୁ ବସିଥିଲେ ମଧ୍ୟ ପ୍ରାଥମିକ କାର୍ଯ୍ୟ ପହ୍ଲାରୁଆ ବିଭିନ୍ନ ଅଞ୍ଚଳରେ ଜାରି ରହିଛି। ଏବେ ମଧ୍ୟ କେତେକ ଚାଷୀ ସେଥିରେ ବ୍ୟସ୍ତ ଅଛନ୍ତି। ଅକ୍ଷୟ ତୃତୀୟା ଓ ଶୀତଳଷଷ୍ଠୀ ସମୟରେ କରାଯାଇଥିବା ଧାନ ଚାଷର ପ୍ରଥମ ଶସ୍ୟ ନବାନ୍ନ ବେଳକୁ ଅମଳକ୍ଷମ ହୋଇଥାଏ। ଏହାକୁ ଖରଡ଼ି ଚାଷ କହନ୍ତି। ସୁରୁଆଁ କିସମର ଧାନ ବିହନ ଏଥିପାଇଁ ଚାଷୀମାନେ ଉପଯୋଗ କରିଥାନ୍ତି। ଦୈନିକ ଓ ସାପ୍ତାହିକ ହାଟରେ ବର୍ତ୍ତମାନ ନୂଆଁଖାଇର ସରସତା ଅନୁଭୂତ ହେଲାଣି। ବଜାର ଗୁଡିକରେ ନବାନ୍ନ ପର୍ବ ପାଇଁ ଆବଶ୍ୟକ ବାଉଁଶ ପାଡିଆ ଓ ମାଟିର ପାତ୍ର, ପନିପରିବା, ଲୁଗାପଟା, ବାସନକୁସନ ଲୋକେ କିଣୁଥିବା ଦେଖିବାକୁ ମିଳୁଛି। ତେବେ ସରିଆ ନୂଆ ଧାନର ପସରା ଦୃଷ୍ଟିଗୋଚର ହେଉ। ଅନ୍ୟ ପକ୍ଷରେ ନୂଆଁଖାଇ ପାଇଁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ହାଟରେ ଲୋକେ ସଉଦା ପତ୍ର କରିଛନ୍ତି।

ହାଟ ଓ ବଜାରରେ ଧାନ ବିକ୍ରୟ ହେଉଛି ତା'ର ଦାମ ପୂର୍ବାପେକ୍ଷା ବଢ଼ିଛି । ନୂଆଁଖାଇ ଦିନ ବଡ଼ି ଭୋରରୁ ଗାଁ ଗୁଡିକରେ ପୀଢ଼ିପୀଢ଼ି ଧରି ନିର୍ଦ୍ଦିଷ୍ଟ ପରିବାର ନୂଆଁ ଧାନ ଗ୍ରାମବାସୀମାନଙ୍କୁ ପ୍ରଦାନ କରିଥାନ୍ତି। ଏ ବର୍ଷ ଏମାନଙ୍କୁ ନୂଆ ଧାନ ଖୋଜିବାକୁ ପଡୁଛି । ସେହିଭଳି ନୂଆଁଖାଇ ବିଧି ପାଇଁ ଆବଶ୍ୟକ ପନିପରିବାର ମଧ୍ୟ ଚାହିଦା ବୃଦ୍ଧି ପାଇଛି। ଏହି ଗଣପର୍ବ ପାଇଁ ଉନ୍ମାଦନା ବଢ଼ି ଚାଲିଥିଲେ ମଧ୍ୟ ଖାସ କରି ବର୍ଷା ଉପରେ ନିର୍ଭରଶୀଳ ଅଞ୍ଚଳରେ ଚାଷୀମାନେ ଚାଷ ପାଇଁ ଚିନ୍ତାରେ ଥିଲେ। ମାତ୍ର ମୌସୁମୀ ବିଳମ୍ବିତ ହୋଇଥିଲା । ମୌସୁମୀ ଆରମ୍ଭରୁ ଭଲ ବର୍ଷା ହେବାରୁ ଚାଷୀମାନଙ୍କ ମଧ୍ୟରେ ଭଲ ଫସଲ ନେଇ ଆଶା ସଂଚାର ହୋଇଛି । ବିଳମ୍ବରେ ହେଲେ ମଧ୍ୟ ଏଥର ଚାଷୀମାନେ କମ୍ ଅବଧିରେ ହେଉଥିବା ଧାନ ଚାଷ କରିଛନ୍ତି । ନୂଆଁଖାଇ ପାଳନ ପାଇଁ ନିଜ ଗାଁ ଓ ସହରରୁ ଦୂରରେ ଥିବା ବିଶେଷ କରି କର୍ମଚାରୀ, ଅଧିକାରୀ ଓ ଶ୍ରମଜୀବୀମାନେ ନିଜ ପରିବାର ସହ ଘରେ ପହଞ୍ଚିଛନ୍ତି । ଏଥିପାଇଁ ପଶ୍ଚିମଓଡ଼ିଶାକୁ ଆସୁଥିବା ଟ୍ରେନ୍, ବସ ଓ ଅନ୍ୟାନ୍ୟ ଯାନବାହାନରେ ଯାତ୍ରୀଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।

## ଆସନ୍ତା...

ରାଜନେତା ସ୍ୱର୍ଗତଃ ବସନ୍ତ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହେବ । ସେଠାରେ ଆୟୋଜିତ ସ୍ମୃତିସଭାରେ ଓଡ଼ିଶାର ବିଭିନ୍ନ ରାଜନୈତିକ ଦଳର ତୁଙ୍ଗ ନେତାମାନେ ସ୍ୱର୍ଗତଃ ବିଶ୍ୱାଳଙ୍କ ସ୍ମୃତିଚାରଣ କରିବା ସହ ନବଓଡ଼ିଶା ନିର୍ମାଣରେ ତାଙ୍କର ଅନନ୍ୟ ଅବଦାନ ସମ୍ପର୍କରେ ଆଲୋଚନା କରିବେ । ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ ବୋଲି ସ୍ମୃତି କମିଟି ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସୂଚନା ଦେଇଛନ୍ତି ।

ଏଥିସହ ରାଜ୍ୟସ୍ତରୀୟ କର୍ମବୀର ବସନ୍ତ ବିଶ୍ୱାଳ ସ୍ମୃତି କମିଟିର ପୁନର୍ଗଠନ କରାଯାଇଛି । ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କମିଟିର ଅଧ୍ୟକ୍ଷ ରହିଥିବାବେଳେ ପ୍ରକାଶ ମିଶ୍ର ଓ ସୁଜିତ ଘୋଷ ଦସ୍ତିଦାର ସଂଯୋଜକ ଅଛନ୍ତି । ନାରାୟଣ ଜେନାଙ୍କୁ କୋଷାଧ୍ୟକ୍ଷ କରାଯାଇଥିଲା ବେଳେ କମିଟିରେ ମାର୍ଗଦର୍ଶକ ଭାବେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଅମରନାଥ ପ୍ରଧାନ, ସୁରେଶ କୁମାର ରାଉତରାୟଙ୍କୁ ସ୍ଥାନିତ କରାଯାଇଛି । ଉପଦେଷ୍ଟା ଭାବେ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ରବୀନ୍ଦ୍ର ମଲ୍ଲିକ, ସମୀର କୁମାର ରାଉତରାୟ, ସୁଜିତ ପାଢୀ, ଉମାବଲ୍ଲଭ ରଥ, ମାନସ ଚୌଧୁରୀ, ପ୍ରଭାତ ମହାପାତ୍ର, ଜନାର୍ଦ୍ଦନ ଦେହୁରୀ, ଭାଗୀରଥି ପତି, ରାଜନ ସାହୁ, ବନବିହାରୀ ମହାନ୍ତି, ରବୀନ୍ଦ୍ର ନାଥ ମହାନ୍ତି ଓ ଅସିତ ପଟ୍ଟନାୟକ ରହିଛନ୍ତି । ଉପସଭାପତି ଭାବେ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଆସଫ ଅଲ୍ଲୀ ଖାନ୍, ମୀନାକ୍ଷୀ ବାହିନୀପତି, ପୁଷ୍ପା ସାମଲ, ଦଣ୍ଡପାଣି ନାୟକ, ଯୋଗୀନାଥ ବାହୁବଳେନ୍ଦ୍ର, ମାନସ ଆଚାର୍ଯ୍ୟ, ଶ୍ରୀନିବାସ ରାଉତରାୟ, ମହମ୍ମଦ ଇମ୍‌ଦାଦ, ଅମୀୟ ପାଣ୍ଡବ, ଅଜୟ ସାମଲ, ମନୋଜ ରାଉତ, ମନୋରଞ୍ଜନ ତ୍ରିପାଠୀ, ସନତ ଦାସ, ମନୋଜ ସାହୁ, ଜୀବନ କୁମାର ମହାପାତ୍ର, ରାଜେଶ ପଟ୍ଟନାୟକ, ପ୍ରିୟଜିତ ରାୟ ଓ ଦେବୀ ବିଶୋୟୀ ରହିଛନ୍ତି । ସାଧାରଣ ସମ୍ପାଦକ ଭାବେ ମନୋଜ ବିଶ୍ୱାଳ, ରଣଜିତ ପାତ୍ର, ୟାସିର ନୱାଜ, ସଞ୍ଜୟ ତ୍ରିପାଠୀ, ଲଲାଟେନ୍ଦୁ ଶତପଥୀ, ରଞ୍ଜିତ ରଞ୍ଜନ ରାଉତ, ଅଭିଳାଷ ମାଣିଆ, ମିଲନ ପଟ୍ଟନାୟକ, ଅମରେଶ ପରିଡା, ପ୍ରଭାସ କର ମହାପାତ୍ର, ଦେବଦତ୍ତ ଦାସ, ମାନସ ମହାନ୍ତି, ଜୟକୃଷ୍ଣ ସୁବୁଦ୍ଧି, ଶ୍ରୀୟ ମହାନ୍ତି, ମହମ୍ମଦ ପରର୍ଭେଜ, ରାହୁଲ ମହାନ୍ତି, ତୁଷାରକାନ୍ତି ତପସ୍ୱୀ, ଅଜୟ ସାହୁ, ପୁଷ୍ପିତା ଦାସ, ଦିଲ୍ଲୀପ ପଣ୍ଡା, ବରୁଣ ରାଜ, ଅଶୋକ କୁମାର ସିଂ, ପ୍ରଦୀପ ଦାସ, ପ୍ରଜ୍ଞାରାଜ ପ୍ରଧାନ, ବଟକୃଷ୍ଣ ରାଉତରାୟ ଓ ଆକବର ଖାନଙ୍କୁ ସ୍ଥାନିତ କରାଯାଇଛି ।

## ସୁବର୍ଣ୍ଣରେଖା...

କରିଥିଲେ । ବୁଧବାର ଭୋଗରାଇ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ପ୍ରାଥମିକ ତଦନ୍ତ କରୁଥିବାବେଳେ ଶବକୁ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିବାର ଖବର ମିଳିଛି । ସୂଚନାନୁଯାୟୀ, ସୁବର୍ଣ୍ଣରେଖାର ୨ ମାସ ମଧ୍ୟରେ ୬ ଥର ବନ୍ୟା ଆସି ୪ ବ୍ଲକର ଜନଜୀବନକୁ ଦୁର୍ବିସହ କରିଛି ।

## ଗଣେଶ...

ବିଦ୍ୟାଳୟରେ ଗଣେଶ ପୁଜା ଅବସରରେ ଶିକ୍ଷକ ଚନ୍ଦନ କୁମାର ଜେନା କର୍ତ୍ତା ହୋଇ ବସିଥିଲେ । ସେ ଠାକୁରଙ୍କୁ ପୁଷ୍ପାଞ୍ଜଳି ଦେବା ସମୟରେ ଟଳି ପଡ଼ିଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ତେଲକୋଇ ଡାକ୍ତରଖାନାକୁ ଅଣାଯାଇଥିଲା । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଂକ ଘର ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଅନ୍ତୋରେଇ ଗ୍ରାମରେ । ସେ ବିବାହିତ ଓ ତାଂକର ୩ ବର୍ଷର ଏକ ଶିଶୁ କନ୍ୟା ଅଛି ।ଏହି ଦୁଃଖଦ ଘଟଣାକୁ ନେଇ ଉକ୍ତ ବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି । ସେହିପରି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଜଡ଼ିଦା ରାଧାମାଧବ ଜୀଉ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ନୀଳଗିରି ବ୍ଲକ୍ ସିଆଡିମାଳ ପଞ୍ଚାୟତ ସିଆଡିମାଳ ଗ୍ରାମର ଲକ୍ଷ୍ମୀନାରାୟଣ ଦାସବାବୁଙ୍କ ୧୪ବର୍ଷୀୟ ପୁଅ ପ୍ରିୟାଂଶୁ ପ୍ରିତମ ନିକଟସ୍ଥ ଜଡ଼ିଦା ରାଧାମାଧବ ଜୀଉ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ବେଳେ ଆଜି ଗଣେଶ ଚତୁର୍ଥୀ ଅବସରରେ ଘରୁ ଗାଧୋଇପାଧୋଇ ଗଜାନନଙ୍କ ପୂଜାରେ ସାମିଲ ହୋଇଥିଲେ । ପୂଜାସାରି ସାଙ୍ଗସାଥିଙ୍କ ସହିତ ଖେଳୁଥିବା ବେଳେ ହଠାତ୍ ଗଣେଶଙ୍କ ବିଗ୍ରହ ସମ୍ମୁଖରେ ପଡିଯାଇଥିଲେ । ଘଟଣା ସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିବା ବେଳେ ସାଙ୍ଗସାଥୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଏବଂ ପରିବାର ଲୋକେ ଦୁଃଖରେ ମ୍ରୀୟମାଣ ହୋଇପଡିଛନ୍ତି । ବାପା ଲକ୍ଷ୍ମୀନାରାୟଣ ଏବଂ ମାଆ ମାଳତୀ ଦାସବାବୁଙ୍କର ଦୁଇ ପୁଅ ମଧ୍ୟରୁ ପ୍ରୀୟାଂଶୁ ବଡ଼ପୁଅ ଥିଲେ ।ଏଭଳି ଦୁଃଖଦ ଘଟଣା ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ବୈଷ୍ଣୋଦେବୀ...

ବନ୍ୟାଜଳ ପ୍ରବେଶ କରିଛି। ପୂର୍ବରୁ ସରକାର ଜମ୍ମୁର ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟଗୁଡ଼ିକ ବୁଧବାର ପର୍ଯ୍ୟନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦଶମ ଓ ଏକାଦଶର ପରୀକ୍ଷାକୁ ବାତିଲ କରାଯାଇଛି। ଟେଲିଫୋନ ସେବା ବହୁ ଅଞ୍ଚଳରେ ବାଧାପ୍ରାପ୍ତ ହୋଇଛି। ଲକ୍ଷାଧିକ ଲୋକଙ୍କର ଯୋଗାଯୋଗ ବିଛିନ୍ନ ହୋଇଛି। ଇତି ଅବସରରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତ୍ୟୁବରଣ କରିଥିବା ତାଙ୍କ ରାଜ୍ୟର ତୀର୍ଥଯାତ୍ରୀଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି । ଜମ୍ମୁରେ ଟ୍ରେନ୍ ଚଳାଚଳ ବୁଧବାର ଅପରାହ୍ନ ସୁଦ୍ଧା ସ୍ୱାଭାବିକ କରାଯାଇଛି । ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ବାଦଲଫଟା ବର୍ଷା ଓ ପ୍ରବଳ ଆକସ୍ମିକ ବନ୍ୟା ପାଇଁ ବିପର୍ଯ୍ୟୟ ପରିଚାଳନାର ପ୍ରସ୍ତୁତି ନେଇ ପ୍ରଶ୍ନ ଉଠାଇଛନ୍ତି । ୨୦୧୪ ବନ୍ୟା ସହ ସେ ଏହାକୁ ତୁଳନା କରିଛନ୍ତି ।

## କଟକ...

ଆଜି ଅପରାହ୍ନ ୩ଟା୪୫ ମିନିଟ ସମୟରେ ଏହି ଦୁର୍ଘଟଣା ଘଟିଥିଲା । ରେଳଷ୍ଟେସନର ନବିକରଣ କାର୍ଯ୍ୟ ଚାଲୁଥିବା ବେଳେ ବାରବାଟୀ ଦୁର୍ଗ ସଦୃଶ ଏହାର ମୁଖ୍ୟ ପ୍ରବେଶ ଦ୍ୱାର ଛାତ ଭଙ୍ଗାଯାଉଥିଲା । ଏହି ସମୟରେ ଛାତ ସହ ସମ୍ପୁର୍ଣ୍ଣ କାନ୍ଥ ୧ନମ୍ବର ପ୍ଲାଟଫର୍ମ ଉପରକୁ ଭାଙ୍ଗି ପଡିଥିଲା । ଫଳରେ ପ୍ଲାଟଫର୍ମର ପ୍ରାୟ ୧୦୦ମିଟର ପର୍ଯ୍ୟନ୍ତ ଟିଣ ସେଡ୍ ଭାଙ୍ଗି ଯାଇଥିଲା । ଉକ୍ତ କାନ୍ଥ ଏତେ ଜୋରରେ ପଡିଥିଲା ଯେ ତାହା ରେଳଧାରଣା ଉପରକୁ ଚାଲିଆସିଥିଲା । ସୌଭାଗ୍ୟବଶତଃ ସେହି ସମୟରେ ଏକ ନମ୍ବର ରେଳ ଟ୍ରାକରେ କୌଣସି ଟ୍ରେନ ଯାଉନଥିଲା । ଯୁଦ୍ଧକାଳୀନ ଭିତ୍ତିରେ ରେଳ ଟ୍ରାକ ଉପରୁ ପଡିଥିବା ଭଗ୍ନାଂଶକୁ କଢାଯାଇଥିଲା । ରାତି ୭ଟା୨୦ରେ ଟ୍ରାକରୁ ପ୍ଲାଟଫର୍ମ ସେଡ୍ ଭଗ୍ନାଂଶ ହଟାଯିବା ପରେ ରେଳ ଚଳାଚଳ ଉକ୍ତ ଟ୍ରାକରେ ସ୍ୱାଭାବିକ ହୋଇଥିଲା । ଏକ ଓ ଦୁଇ ନମ୍ବର ରେଳ ଟ୍ରାକରେ ଆସିବାକୁ ଥିବା ଟ୍ରେନ ଗୁଡିକର ଗତିପଥ ଅବଶିଷ୍ଟ ୬ଗୋଟି ଟ୍ରାକକୁ ପରିବର୍ତ୍ତନ କରାଯାଇଥିଲା । ପ୍ରଶ୍ନ ଉଠିଛି ଯେ ଏହି ଅଘଟଣର ୨୦ମିନିଟ ପୂର୍ବରୁ ଏକ ନମ୍ବର ରେଳ ଟ୍ରାକରେ ପୁରୀ-ହାୱଡା ବନ୍ଦେ ଭାରତ ଏକ୍ସପ୍ରେସ ଯାତ୍ରୀବାହୀ ଟ୍ରେନ ଯାଇଥିଲା । ଟ୍ରେନ ଯାତାୟତ ସମୟରେ ଯଦି ଏହି ଅଘଟଣ ଘଟିଥାନ୍ତା ତାହେଲେ ଧନଜୀବନ ହାନିର ଆଶଙ୍କା ରହିଥିଲା । ରେଳଷ୍ଟେସନ ନବିକରଣ କାର୍ଯ୍ୟ ଯେଉଁ ଠିକା ସଂସ୍ଥା କରୁଥିଲା ତାହା ନିରାପତ୍ତା ବ୍ୟବସ୍ଥା ପ୍ରତି ଧ୍ୟାନ ଦେଇନଥିବା ଅଭିଯୋଗ ଉଠିଛି ।

# ଡିସେମ୍ବର ୩୧ ସୁଦ୍ଧା ସୀମା ନିର୍ଦ୍ଧାରଣ

ଭୁବନେଶ୍ୱର, ୨୭ ।୮ (ସବ୍ୟୁ) : ଜିଲ୍ଲା ସବ୍‌ଡିଭିଜନ, ତହସିଲ ସୀମା ପରିବର୍ତ୍ତନ ହେବ। ରାଜସ୍ୱ ଗ୍ରାମର ମଧ୍ୟ ସୀମା ପରିବର୍ତ୍ତନ କରାଯିବ। ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ଏହା ଶେଷ ହେବ। ରାଜସ୍ୱ ବିଭାଗ ପକ୍ଷରୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୭ରେ ହେବାକୁ ଥିବା ଜନଗଣନା ପୂର୍ବରୁ ସୀମା ନିର୍ଦ୍ଧାରଣ କରାଯିବ ।ଫଳରେ ନୂଆ ପଞ୍ଚାୟତ, ବ୍ଲକ୍ ଓ ଜିଲ୍ଲା ଗଠନ ଲାଗି ବାଟ ଫିଟିବ। ରାଜ୍ୟ ସରକାର ବିଭିନ୍ନ ବିଭାଗ, ଜିଲ୍ଲା ମାଜିଷ୍ଟ୍ରେଟ୍, ଯୋଜନା ଓ ପରିସଂଖ୍ୟାନ ବିଭାଗ ଓ ବିଡିଓମାନଙ୍କୁ ଏହି ଚିଠି ଲେଖିଛନ୍ତି ।


**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ ନଂ. : ଏସଟି-ଓଡି-ଷ୍ଟେଶାଇ-ଟେଲି-ବିଏଲଏସ-୨୫-୨୬, ତାରିଖ ୨୬.୦୮.୨୦୨୫ । ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ଡିଭିଜନାଲ ସିଗ୍ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର (କୋ)/ଖଡଗପୁର-୭୨୧୦୧ ଦ.ପୂ. ରେଳପଥଙ୍କ ଦ୍ୱାରା ଇ-ଟେଣ୍ଡର ଆହ୍ୱାନ କରାଯାଉଅଛି ଏବଂ ୧୨.୦୦ ଘଟିକାରେ ଖୋଲାଯିବ । କାର୍ଯ୍ୟର ବିବରଣୀ : ଖଡଗପୁର ଡିଭିଜନର ସିନିୟର ସେକ୍ସନ ଇଞ୍ଜିନିୟର/ଟି / ବାଲେଶ୍ୱରଙ୍କ କ୍ଷମତା ଅଧିନରେ ଟେଲିକମ୍ କାର୍ଯ୍ୟ ସମ୍ପାଦନ, ଉପସ୍ଥିତ ବ୍ୟବସ୍ଥାର ସଂଯୋଗ ଓ ପରିବର୍ତ୍ତନ, ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାଧାରଣ ମରାମତି କାର୍ଯ୍ୟ ଏବଂ ୨ (ଦୁଇ) ଅବଧି ପାଇଁ ରକ୍ଷଣାବେକ୍ଷଣ କାର୍ଯ୍ୟ । ଟେଣ୍ଡର ମୂଲ୍ୟ : ୧,୨୬,୧୫,୫୬୨.୯୮ । ଇଏମଡି : ଟ. ୨,୧୩,୧୦୦/-, ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ଶୂନ୍ୟ । ସମାପ୍ତିସମୟ : ୨୪ମାସ । ଦାଖଲ ତାରିଖ : ୨୨.୦୯.୨୦୨୫ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ । ଖୋଲା ତାରିଖ ୨୨.୦୯.୨୦୨୫ । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ତଥ୍ୟ, ସ୍ପେସିଫିକେସନ ପାଇଁ ୱେବସାଇଟ୍ www.ireps.gov.in ଦେଖି ପାରିବେ ଏବଂ ସେମାନଙ୍କ ବିଡ୍ ଅନଲାଇନ ଦାଖଲ ହେବ । ଏହି ସବୁ କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । (PR-560)

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar. I, Dipa Palai, Aged (22), D/o- Makadam Palai, W/o- Mitu Pradhan, Resident of Village- Bakutagaon, Po- Langaleswar, Ps- Khalikote, Dist- Ganjam, Pin- 761029, Odisha. This affidavit No.102, Dated. 26.08.2025. Declare that I have changed my name from Deepanjali Palei to Dipa Palai. Henceforth, She shall be known as Dipa Palai for all purposes.

Sd/- Dipa Palai

**AFFIDAVIT**

By virtue of an affidavit sworn before the Notary public, Salipur, Dated- 11.08.2025. I, Zulekha Saif, Address- At- Nandol, Po- Mahasinghpur, Cuttack, Odisha, 754200. Declare that I have changed my name from Begum Jolekha Saif to Zulekha Saif. Henceforth, I shall be known as Zulekha Saif for all purposes.

**ବିଜ୍ଞାପନ ନଂ. ୨୦/୨୦୨୫**

**ପ୍ରତ୍ୟେକ୍ଷ ନିଯୁକ୍ତି ପରୀକ୍ଷା ଜରିଆରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନରେ ଡେପୁଟି କମିଶନର ପଦବୀ ପୂରଣ**

ଶିକ୍ଷା ମନ୍ତ୍ରଣାଳୟ ଅଧିନସ୍ଥ ଏକ ସ୍ୱୟଂକ୍ରିୟ ସଂସ୍ଥା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (କେଭିଏସ) ନିମ୍ନୋକ୍ତ ଖାଲି ପଡିଥିବା ପଦବୀ ପାଇଁ ପ୍ରତ୍ୟେକ୍ଷ ନିଯୁକ୍ତି ଜରିଆରେ ବେତନହାର –୧୨ (ଟ. ୭୮୮୦୦–୨୦୯୨୦୦) ରେ ଉପକମିଶନର ପଦବୀ ପାଇଁ ଆବେଦନ ପତ୍ର ଆହ୍ୱାନ କରୁଅଛି :–

| ଅସଂରକ୍ଷିତ | ଇଡବ୍ଲୁଏସ୍ | ଓବିସି | ଏସ୍‌ସି | ଏସ୍‌ଟି | ମୋଟ | ଓଏଚ୍ | ଭିଏଚ୍ | ଏଚ୍‌ଏଚ୍ | ଅନ୍ୟାନ୍ୟ |
|---|---|---|---|---|---|---|---|---|---|
| ୦୨ | – | ୦୧ | – | – | ୦୩ | – | ୦୧ | – | – |

ସବିଶେଷ ବିବରଣୀ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ୱେବସାଇଟ୍ www.kvsangathan.nic.in କିମ୍ବା ରୋଜଗାର ସମାଚାରର ୨୩.୦୮.୨୦୨୫ ସଂସ୍କରଣ ଦେଖି ପାରିବେ ।

cbc21106/12/0002/2526

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE SUPERINTENDING ENGINEER, PURI (R&B) DIVISION, PURI**
**WORKS DEPARTMENT**
**Short Tender Call Notice**

B-440

E-mail: eerbpuri@yahoo.co.in

**Bid Identification No. SE (R&B) Puri-25/2025-26**

The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in Single/Double cover system in ONLINE MODE form the eligible class of contractors registered with the State Governments and contractors of equivalent Grade/ Class registered with Central Government / Railways:

1. Nature of Work : Civil Works.
2. No of Work : 9 Nos
3. Tender Cost : Rs. 10,000.00/ 6000.00 / Rs. 4000.00 / Rs. 2000.00 (On-Line)
4. Class of bidders : 'D' & 'C' & 'B' - Class
5. Available of Bid document in the Website : From 10.00 AM of Dt.01.09.2025 to 05.00 PM of Dt. 10.09.2025
6. Last Dale of receipt of tender : Dt. 10.09.2025 up to 05.00 PM
7. Date of opening of Bid : Dt. 11.09.2025 at 11:00 AM
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

OIPR : 34064/11/0036/2526

Sd/- Superintending Engineer
Puri (R&B) Division, Puri

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
AT/PO: BARINIPUT, DIST: KORAPUT- 764006
PHONE - 06854-242001, FAX - 06854 242038, E-mail: sgmel.ukhep@gmail.com
CIN:U401010R1995SGC003963

OHPC
CAD-1602

**E-Tender NOTICE No. - 08/2025-26. Dated 25.08.2025**

The Unit Head, Upper Kolab Hydro Electric Project, Bariniput, Korpaut, Odisha invites percentage rate bid in double cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated cost (in Rs.) | E.M.D. (in Rs.) (Refundable) | Cost of bid document (Non-refundable) | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | R/M to Sub-Post Office (Qtr. No-F(D/S)-30/1) at Bariniput Colony, UKHEP, Bariniput | 5,41,582.65/- | 5,420/- | 4720/- (Rs.4000+18% GST) | "C or D" Class | From 10.00 AM of Dt. 02.09.2025 to 13:00 Hrs of dt.11.09.2025 | At 11.30 Hrs. of Dt.12.09.2025 |

1. The Bidders have to participate in ONLINE bidding only through the Govt.e-Procurement portal www.tendersorissa.gov.in by using their compatible Digital Signature Certificate. (DSC)
2. Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

OIPR : 04002/11/0118/2526

Sd/- Unit Head, UKHEP, Bariniput

O-667

**OFFICE OF THE SUPERINTENDING ENGINEER**
**RWS&S DIVISION, JAGATSINGHPUR**
Mail-rwssjpur@gmail.com

**Quotation Call Notice No.03 of 2025-26**

On behalf of Governor of Odisha the Executive Engineer, RWS&S Division, Jagatsinghpur at Punanga (Near Police Barrack) invites sealed quotations from registered agencies on their official letterhead for finalization of rates for the following items :

| Sl.No. | Description of work | Qnty | Unit | Rate In figures | Rate In words |
|---|---|---|---|---|---|
| | Repair of Iron Removal'Plant | | | | |
| 1 | Supply & replacement of Filter Media pebbles, gravels, sand including transportation & other service charges. | 1 | P.kg. | | |
| 2 | Painting-Anticorrosion epoxy paint over painting | 1 | Sqm | | |
| 3 | Green sand (Plastco / Aquasol) | 1 | P.kg. | | |
| 4 | Strainer 20mm to 30mm for repair of IRP/Pressure filter. | 1 | P.pc | | |
| 5 | Mno2 for IRP | 1 | P.kg. | | |

Receipt of Quotation paper: On dt.03.09.2025 to 11.09.2025 up to 5.30 P.M during office working hours in the office of the Superintending Engineer, RWS&S Division, Jagatsinghpur

Opening of Quotation: On dt.12.09.2025 at 11.30 A.M in the office of the Superintending Engineer, RWS&S Division, Jagatsinghpur

**GENERAL CONDITIONS :**

1) Interested agencies must submit their quotation in a sealed envelope, clearly mentioning Quotation for repair of Iron Removal plant on the cover.
2) The quotations in sealed covers should be sent to the office of the Superintending Engineer, RWS&S Division, Jagatsinghpur.
3) The quotations may be sent by post or delivered at reception of the above office address.
4) The quotation in the sealed cover containing the financial and technical bids must reach this office on or before 03.09.2025 to 11.09.2025 at 5.30 P.M quotations received & the opening of quotation on dt.12.09.2025 at 11.30 A.M after the due date/ tome shall not be entertained.
5) Valid GST registration Certificate and PAN card must be accompanied along with quotation.
6) The GST will be paid extra as applicable on production of authentic registration certificate.
7) The prices quoted shall be inclusive of the all taxes, duties and charges for delivery, installation and commissioning at out site.
8) Any other information relating to this quotation can be collected from the office of the undersigned during the office working hours till the last date of received of the quotation paper.

The authority reserves the right to reject/accept any or all the quotation without assigning any reason thereof.

OIPR : 25024/11/0019/2526

Sd/- Executive Engineer
RWS&S Divn.Jagatsinghpur

# ପ୍ରତାରଣା ପାଇଁ ବିଜେଡି ଓ କଂଗ୍ରେସର ଗର୍ବ ଅହଙ୍କାର ଭାଙ୍ଗିଲେ ଓଡ଼ିଶାବାସୀ: ମନମୋହନ

ଭୁବନେଶ୍ୱର,(ସବ୍ୟୁ): କଂଗ୍ରେସ ରାଜ୍ୟରେ ୪୦ ବର୍ଷ ଧରି ସରକାରରେ ଥିଲା। ମାତ୍ର ଲୋକଙ୍କୁ କେବଳ ପ୍ରତରଣା କରିଆସିଥିଲା। ବିଜୁ ଜନତା ଦଳ ୨୪ ବର୍ଷ ଧରି ସରକାରରେ ଥିଲା। ଶେଷରେ ଲୋକ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିଦେଲେ। ବହୁ ସଂଘର୍ଷ କରି ବିଜେପି ରାଜ୍ୟରେ ଏକାକୀ ସରକାର ଗଢ଼ିବାରେ ସଫଳ ହେଲା ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ରାଜ୍ୟ ସଭାପତିଙ୍କ କଳାହାଣ୍ଡି ଜିଲ୍ଲାଗସ୍ତର ଦ୍ୱିତୀୟ ଦିନ ଥିଲା। ଏହି ଅବସରରେ ଜୁନାଗଡ଼ ଓ ଧର୍ମଗଡ଼ଠାରେ ସମ୍ବର୍ଦ୍ଧନା ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି ।

ଏହି ପରିପ୍ରେକ୍ଷୀରେ ଶ୍ରୀ ସାମଲ କହିଛନ୍ତି ଯେ, ଜୁନାଗଡ଼ ଓ ଧର୍ମଗଡ଼ ବିଧାନସଭା ସବୁବେଳେ ଦଳର କାର୍ଯ୍ୟକର୍ତ୍ତାଙ୍କ ପାଇଁ ପ୍ରେରଣାର କେନ୍ଦ୍ରବିନ୍ଦୁ ହୋଇ ରହିଛି। ଆଗାମୀଦିନରେ ଏଠାରେ ବିକାଶମୂଳକ କାର୍ଯ୍ୟ ଯେପରି ତ୍ୱରାନ୍ୱିତ ହେବ ସେଥିପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ବିନ୍ଦୁରୁ ସିନ୍ଧୁ ସୃଷ୍ଟି ହୁଏ। ସେହିପରି ବହୁ ତ୍ୟାଗ ତପସ୍ୟା ଓ କାର୍ଯ୍ୟକର୍ତ୍ତାଙ୍କ ଉଦ୍ୟମରେ ଦଳ ଆଜି ଏଭଳି ସ୍ଥିତିରେ ପହଂଚିପାରିଛି। ଆଗକୁ ଯେପରି ଏହି କାର୍ଯ୍ୟ ତ୍ୱରାନ୍ୱିତ ହେବ ସେଥିପାଇଁ ଆମକୁ ପଦକ୍ଷେପ ନେବାକୁ ପଡ଼ିବ। ଓଡ଼ିଶାର ବିଜେପି ସରକାର ଆସିବା ପରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଟିଏ ପରେ ଗୋଟିଏ ଗୋଟିଏ ପ୍ରତିଶ୍ରୁତି ପୂରଣ କରି ଆଜି ବିରୋଧୀ ଦଳର ମୁହଁ ବନ୍ଦ କରି ଦେଇଛନ୍ତି । ମାତ୍ର ୧ ବର୍ଷରେ ସଂକଳ୍ପପତ୍ରରେ ଥିବା ୨୧ଟି ପ୍ରତିଶ୍ରୁତିରୁ ୧୧ଟି ପୂରଣ କରି କଂଗ୍ରେସ ଓ ବିଜେଡିର ପାଟି ଚୁପ୍ କରି ଦେଇଛି ବିଜେପି ସରକାର। ସୁଭଦ୍ରା ଯୋଜନାଠାରୁ ଆରମ୍ଭ କରି, ଜଗନ୍ନାଥ ମନ୍ଦିରର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଖୋଲିବା, ବୟସ୍କ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଓ ପେନସନ୍ ପ୍ରଦାନ କରିବା ଭଳି ପ୍ରତିଶ୍ରୁତି ପୂରଣ କରିଛନ୍ତି ।



ପିଏମ୍ କିଶାନ ଓ ସିଏମ୍ କିଶାନ ଭଳି ଯୋଜନା ଲାଗୁ କରାଯାଇଛି । ଧାନ କୁଇଂଟାଲ ସହାୟକ ମୂଲ୍ୟ ବୃଦ୍ଧି ପାଇ ଏବେ ୩୧୦୦ ଟଙ୍କାରେ ପହଂଚିଛି। ଫଳରେ ଚାଷୀଙ୍କ ଆୟ ଆଜି ୨ଗୁଣିତ ହେବାରେ ସହାୟକ ହୋଇଛି ।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଜ୍ୟ ସରକାର ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ସଙ୍କଳ୍ପବଦ୍ଧ। ଏଥିରେ ସହଯୋଗ କରିବା ସହ ଆଗାମୀ ପଂଚାୟତ ନିର୍ବାଚନରେ କିପରି ବିଜୟ ଲାଭ କରିବା ସେନେଇ ଏବେଠାରୁ ପ୍ରୟାସ କରିବା ଲାଗି ଶ୍ରୀ ସାମଲ ଆହ୍ୱାନ ଦେଇଛନ୍ତି ।

ଏହି ସମ୍ବର୍ଦ୍ଧନା ସଭାରେ ଲୋକସଭା ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ପାଟ୍ଟଯୋଶୀ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପ୍ରଦୀପ୍ତ ନାୟକ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ମନୋଜ ମେହେର ଓ ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ପୂର୍ବତନ ଜିଲା ସଭାପତି ଆର୍ତ୍ତ ମହାପାତ୍ର, ମୁନିସିପାଲଟି ଅଧକ୍ଷ ମୁକେଶ ଅଗ୍ରୱାଲଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ଏହି ପରିପ୍ରେକ୍ଷୀରେ ଜୁନାଗଡରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଧର୍ମଗଡ ବ୍ଲକ ଅଧକ୍ଷା ବବିତା ପାଟ୍ଟଯୋଶୀ, ଉପାଧକ୍ଷା ଜୁଲି ମେହେରଙ୍କ ସମେତ ଶତାଧିକ ବ୍ୟକ୍ତି ବିଜେପିରେ ଯୋଗଦେଇଥିଲେ ।

## ସାହିତ୍ୟିକ ହରିହର ପଣ୍ଡାଙ୍କ ପରଲୋକ



ଭୁବନେଶ୍ୱର,(ସବ୍ୟୁ): ବିଶିଷ୍ଟ ସାହିତ୍ୟିକ ହରିହର ପଣ୍ଡାଙ୍କର ବୁଧବାର ଭୁବନେଶ୍ୱର ଠାରେ ପରଲୋକ ହୋଇଯାଇଛି । ଓଡ଼ିଶାରୁ ପ୍ରକାଶ ପାଉଥିବା ଲୋକପ୍ରିୟ ଓ ବହୁଳ ପ୍ରସାରିତ ମହିଳା ପତ୍ରିକା ସୁଚରିତାର ସେ ପ୍ରକାଶକ ଥିଲେ । ତାଙ୍କ ପରଲୋକରେ ସାହିତ୍ୟିକ ମହଲରେ ଗଭୀର ପ୍ରକାଶ ପାଇଛି । ମୃତ୍ୟୁ ଖବର ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ବିଶିଷ୍ଟ ଉଦ୍ୟୋଗୀ ସୁବ୍ରତ ବାଗଚୀ ହେଉଛନ୍ତି ତାଙ୍କ ଜ୍ୱାଇଁ । ତାଙ୍କର ସାନ ଭଉଣୀ ତଥା ବିଶିଷ୍ଟ ଚକ୍ଷୁରୋଗ ବିଶେଷଜ୍ଞ ଅନୀତା ପଣ୍ଡା ଦିଲ୍ଲୀରେ ଅବସ୍ଥାପିତ । ତାଙ୍କ ପତ୍ନୀ ଶକୁନ୍ତଳା ପଣ୍ଡାଙ୍କର ପୂର୍ବରୁ ଦେହାନ୍ତ ହୋଇଯାଇଛି ।

## ଖଜା ଦୋକାନୀକୁ ହତ୍ୟା ଧମକ ଅଭିଯୋଗ: ୩ ଦୁର୍ବୃତ୍ତ ଗିରଫ

ପୁରୀ,(ସବ୍ୟୁ): ଏକ ବାଇକ୍‌ରେ ଆସି ଦିନ ଦ୍ୱିପ୍ରହରରେ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲି ବସ ଷ୍ଟାଣ୍ଡ ପ୍ରବେଶ ପଥ ନିକଟରେ ଖଣ୍ଡା ବୁଲାଇ ଆତଙ୍କ ରାଜ ସୃଷ୍ଟି କରିବା ଓ ଖଜା ଦୋକାନୀଙ୍କୁ ହତ୍ୟା ଧମକ ଦେବା, ଭଙ୍ଗା ରୁଜା କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ତିନି ଜଣ ଦୁର୍ବୃତ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତଙ୍କ ଠାରୁ ପୋଲିସ ୨ ଗୋଟି ଖଣ୍ଡା ଓ ବାଇକ୍ ଜବତ କରିଛି । ପୋଲିସ ସୂଚନା ମୁତାବକ ବସଷ୍ଟାଣ୍ଡ ପ୍ରବେଶ ପଥ ନିକଟରେ ସୌମ୍ୟ ରଞ୍ଜନ ପାତ୍ର ନାମକ ଜଣେ ଯୁବକଙ୍କର ଖଜା ଦୋକାନ ରହିଛି । ବୁଧବାର ସକାଳେ ଆଖଣ୍ଡଳମଣି ମନ୍ଦିରରେ ଗଣେଶ ପୂଜା ପୁଷ୍ପାଞ୍ଜଳିକୁ ନେଇ ଖଜା ଦୋକାନୀ ସୌମ୍ୟରଞ୍ଜନ ପାତ୍ରଙ୍କ ସାନ ଭାଇଙ୍କ ସହ ଗିରଫ ହୋଇ ଥିବା ୩ ଜଣ ଦୁର୍ବୃତ୍ତଙ୍କ ଝଗଡ଼ା ହୋଇଥିଲା । ଆଉ ଏହାପରେ ମଧ୍ୟାହ୍ନରେ ସେହି ୩ ଦୁର୍ବୃତ୍ତ ମାନେ ସୌମ୍ୟଙ୍କ ଦୋକାନକୁ ଆସି ସାନଭାଇକୁ ଖୋଜିଥିଲେ । ଆଉ ସେ ଓ ତାଙ୍କ ସାନ ଭାଇ ଦୋକାନରେ ନଥିବା ବେଳେ ୩ ଦୁର୍ବୃତ୍ତ ଖଜା ଝୁଡ଼ି ଫିଙ୍ଗିବା ସହ ଡ୍ରରୁ ଟଙ୍କା ନେଇ ଯାଇଛନ୍ତି । ତେବେ ବଡ଼ଦାଣ୍ଡ ଶରଧାବାଲି ବସ୍ ଷ୍ଟାଣ୍ଡ ନିକଟରେ ବାଇକରେ ଖଣ୍ଡା ଧରି ଦୁର୍ବୃତ୍ତ ଆସି ଆତଙ୍କ ଖେଳାଇବା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଏ ଘଟଣାରେ ଶାଶ୍ୱତ ମହାନ୍ତି, ସମ୍ବିତ ମହାନ୍ତି ଓ ବିଷ୍ଣୁ ନାମକ ତିନି ଜଣ ସମ୍ପୃକ୍ତ ଥିବା ଥାନାରେ ଅଭିଯୋଗ କରିଛନ୍ତି ଖଜା ଦୋକାନୀ । କୁମ୍ଭାରପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି ।



## ଓଡିଶା ପି ଆଣ୍ଡ ଟି ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟର ଆସୋସିଏସନ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,(ସବ୍ୟୁ): ଓଡିଶା ପି ଆଣ୍ଡ ଟି ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟର ଆସୋସିଏସନ ପକ୍ଷରୁ ଭୁବନେଶ୍ୱର ଠାରେ ରୌପ୍ୟ ଜୟନ୍ତୀ ଏବଂ ବାର୍ଷିକ ଉତ୍ସବ ଉପଲକ୍ଷେ କ୍ୟାପିଟାଲ ହସ୍ପିଟାଲ ସହଯୋଗରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଭାରତ ଦୂର ସଂଚାର ନିଗମର ମହାପ୍ରବନ୍ଧକ ବିଜୟ କୁମାର ବେହେରା ଏବଂ ମୁଖ୍ୟ ଯନ୍ତ୍ରୀ (ବୈଦ୍ୟୁତିକ) ବିଏସଏନଏଲ ଓଡିଶା ଜୋନ, ଗଜେନ୍ଦ୍ର କୁମାର ଯାଦବ ଯୋଗଦେଇ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିବା ସହ ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ରକ୍ତଦାନ ଶିବିରରେ ମୋଟ୍ ୩୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ବିଏସ୍‌ଏନ୍‌ଏଲ୍‌ର ବହୁ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ ।



ଆସୋସିଏସନ ର ସଭାପତି ସଂଜିତ କୁମାର ସାହୁ, ଉପସଭାପତି ଅନିଲ ଚନ୍ଦ୍ର ଲାହା, ସମ୍ପାଦକ ଫକୀର କୁମାର ଉଦ୍‌ଗାତା, ସହସମ୍ପାଦକ ସୁଜୟ କୁମାର ମୋଡକ ଏବଂ ଆସୋସିଏସନର ସଦସ୍ୟ ସୁଧାଂଶୁ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ସମ୍ପାଦକ କିସଲେ କୁମାର ଓ ପୂର୍ବତନ ସଭାପତି ଦେବବ୍ରତ ଭଟ୍ଟ ପ୍ରମୁଖ ଏହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ ।

## ଦାଦନ ଖଟିବାକୁ ଯାଇ ଆଉ ଜୀବିତ ଫେରିଲେନି ବିଜୟ

ନିମାପଡା,(ସବ୍ୟୁ): ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ବଡମାଛପୁର ଗ୍ରାମର ବିଜୟ ନାୟକ ନାମକ ବ୍ୟକ୍ତି କେରଳକୁ ଦାଦନ ଖଟିବାକୁ ଯାଇ ଶବ ହୋଇ ଘରକୁ ଫେରୁଥିବା ଜଣାପଡିଛି । ବିଜୟଙ୍କ ମୃତ୍ୟୁ ଖବର ଆସିବା ପରେ ଗ୍ରାମରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରକାଶ ଯେ,ଉକ୍ତ ଗ୍ରାମର ବିଜୟ ନାୟକ(୪୮) ଗତ ୩ ବର୍ଷ ତଳେ ଦାଦନ ଖଟିବାକୁ କେରଳ ଯାଇ ମାଛ ଟ୍ରଲରରେ ରହି କାମ କରୁଥିଲେ । ସେଠାରେ ଯାହା ରୋଜଗାର କରୁଥିଲେ ଘରକୁ ପଠାଇବାରୁ ଘରେ ତାଙ୍କ ପତ୍ନୀ,୪ଟି ଝିଅ ଏବଂ ବୃଦ୍ଧ ପିତା ମାତା ଚଳୁଥିଲେ। ୪ଟି ଝିଅ ମଧ୍ୟରୁ ୨ଟି ଝିଅ ବିବାହ କରି ସାରିଛନ୍ତି । ଗତ ଦେଢବର୍ଷ ତଳେ ବିଜୟ ଗାଁ କୁ ବୁଲିବାକୁ ଆସି ପୁଣି କେରଳ ଫେରି ଯାଇଥିଲେ । ଗତ ୪ଦିନ ତଳେ ବିଜୟ ଅସୁସ୍ଥ ଥିବା ନେଇ ତାଙ୍କ ପତ୍ନୀ ପ୍ରମିଳା ନାୟକଙ୍କ ନିକଟକୁ ଫୋନ କରିଥିଲେ । ଡାକ୍ତରଙ୍କୁ ଦେଖାଇ ଔଷଧ ଖାଇ ଘରକୁ ଫେରିଆସିବାକୁ ପତ୍ନୀ ତାଙ୍କୁ କହିଥିଲେ । ବିଜୟ ଟ୍ରେନରେ କେରଳରୁ ଘରକୁ ଫେରୁଥିବା ବେଳେ ଗତ ବୁଧବାର ସକାଳ ୯ଟା ସମୟରେ ଟ୍ରେନରେ ତାଙ୍କ ଦେହ ଅତି ଖରାପ ହେବାରୁ ସେ ଘରକୁ ଫୋନ କରି ଜଣାଇଥିଲେ । ପରେ ସେ ଟ୍ରେନର କର୍ମଚାରୀଙ୍କୁ କହିବାରୁ ପାଲଘାଟ ଷ୍ଟେସନ ଠାରେ ରେଳ କର୍ମଚାରୀ ଓ ପୁଲିସ ତାଙ୍କୁ ନିକଟସ୍ଥ ପାଲଘାଟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ତେବେ ସେଠାରେ ବିଜୟଙ୍କ ମୃତ୍ୟୁ ଘଟିଥିଲା । ବିଜୟଙ୍କ ମୋବାଇଲ ଫୋନରୁ ତାଙ୍କ ପରିବାରକୁ ମୃତ୍ୟୁ ଘଟିଥିବା ସଂପର୍କରେ ପାଲଘାଟ ପୁଲିସ ସୂଚନା ଦେଇଥିଲା । ତେବେ ଅର୍ଥାଭାବରୁ ବିଜୟଙ୍କ ଶବ ଆଣିବା ପାଇଁ ପତ୍ନୀ ପ୍ରମିଳା ଅସମର୍ଥ ହୋଇପଡିଥିଲେ । ଗ୍ରାମବାସୀମାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଜଣାଇବାରୁ ସେ ହସ୍ତକ୍ଷେପ ପରେ ବିଜୟଙ୍କ ଶବ ବିମାନରେ ଭୁବନେଶ୍ୱର ଓ ପରେ ନିଜ ଗାଁ ବଡ ମାଛପୁରରେ ଗୁରୁବାର ଦିନ ସାଢେ ୧୧ ଟା ମଧ୍ୟରେ ପହଂଚିବ ବୋଲି ଜଣାପଡିଛି ।



## ଖଣ୍ଡପଡ଼ା ଶିଳ୍ପ ତାଲିମ କେନ୍ଦ୍ରର ପରିଚାଳକ ଗିରଫ

ଖଣ୍ଡପଡ଼ା ,(ସବ୍ୟୁ): ଚୋରା ସୁନା କାରବାରରେ ଲିପ୍ତ ଥିବା ଅଭିଯୋଗରେ ଭୁବନେଶ୍ୱରସ୍ଥିତ ଭରତପୁର ଥାନା ପୋଲିସ ଖଣ୍ଡପଡ଼ା ଶିଳ୍ପ ତାଲିମ କେନ୍ଦ୍ରର ମୁଖ୍ୟ ପରିଚାଳକ ପ୍ରଦୀପ୍ତ କୁମାର ବଳିଆରସିଂହଙ୍କୁ ମଙ୍ଗଳବାର ଅପରାହ୍ନରେ ଖଣ୍ଡପଡ଼ା ଶିଳ୍ପ ତାଲିମ କେନ୍ଦ୍ର ପରିସରରୁ ଭୁବନେଶ୍ୱର ଉଠାଇ ନେଇଥିବା ଜଣାପଡିଛି। ଘଟଣା ସଂପର୍କରେ ମିଳିଥିବା ସୂଚନାନୁଯାୟୀ ଭରତପୁର ଥାନା ପୋଲିସ ଚୋରା ସୁନା କାରବାର ଘଟଣା ସଂପର୍କରେ ଖୋଳତାଡ କରିବା ସମୟରେ ଖଣ୍ଡପଡ଼ାସ୍ଥିତ ଶିଳ୍ପ ତାଲିମ କେନ୍ଦ୍ରର ମୁଖ୍ୟପରିଚାଳକ ଶ୍ରୀ ବଳିଆରସିଂହ ଉକ୍ତ ଘଟଣାରେ ସଂପୃକ୍ତ ଥିବା ନେଇ ପୋଲିସକୁ ବିଶେଷ ସୂତ୍ରରୁ ସୁରାକ ମିଳିଥିଲା। ଭରତପୁର ଥାନାଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୋଲିସ ଟିମ ସଦଳବଳେ ଖଣ୍ଡପଡ଼ାରେ ଚଡାଉ କରିଥିଲା। ଚଡାଉ ସମୟରେ ପୋଲିସ ବଳିଆରସିଂହଙ୍କ ସମେତ ସେ ବ୍ୟବହାର କରୁଥିବା ଏକ ଧଳା ରଙ୍ଗର କାରକୁ ପୋଲିସ ଜବତ କରିଥିବା ଜଣାପଡିଛି। ଏହି ଘଟଣା ଖଣ୍ଡପଡ଼ା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏକ ଶିକ୍ଷାନୁଷ୍ଠାନ ପରିଚାଳନା ଦାୟିତ୍ୱରେ ଥିବା ଶ୍ରୀବଳିଆରସିଂହ ବିଭିନ୍ନ କଳେଙ୍କାରୀରେ ଲିପ୍ତ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି।



## ଦଶ ବର୍ଷ ଧରି ପରିବାର ସହ ବନ୍ଧକ ଶ୍ରମିକ ଉଦ୍ଧାର, ପ୍ରଶାସନର ଦାୟିତ୍ୱହୀନତା

ପାଣିକୋଇଲି ,(ସବ୍ୟୁ) :ବର୍ଷେ ନୁହେଁ କି ଦୁଇ ବର୍ଷ ନୁହେଁ । ଦୀର୍ଘ ଦଶ ବର୍ଷ ଧରି ଗୋଟିଏ ଇଟାଭାଟିରେ ପରିବାର ସହିତ ବନ୍ଧକ ପଡ଼ିଥିବା ଶ୍ରମିକ ପରିବାର ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପରେ ଉଦ୍ଧାର ହୋଇଛନ୍ତି। କିନ୍ତୁ ଉଦ୍ଧାର ହେବା ପରେ ତିନି ଶିଶୁ ମାନଙ୍କୁ ଯାଜପୁର ଜିଲ୍ଲା ପ୍ରଶାସନ ନିଜ ହେପାଜତରେ ରଖିଥିବା ବେଳେ ପତି ପତ୍ନୀ ଥାନାରେ ଅଭିଯୋଗ କରିବାକୁ ଆସି ଗଲେ କୁଆଡ଼େ ତାହା ଏବେ ଜିଲ୍ଲା ପ୍ରଶାସନର ମୁଣ୍ଡବ୍ୟଥା ବଢାଇ ଦେଇଛି। ପ୍ରକାଶଯେ ଭଦ୍ରକ ଜିଲ୍ଲା ବାଉଦପୁର ଅଂଚଳର ନବୀନ ମୁଣ୍ଡା ଓ ତାର ପତ୍ନୀ ଗୀତା ସମେତ ଦୁଇ ଶିଶୁ କନ୍ୟା ଓ ଗୋଟିଏ ଶିଶୁ ପୁତ୍ରକୁ ନେଇ ପାଣିକୋଇଲି ଥାନା ଅନ୍ତର୍ଗତ ଯାଜପୁର ବ୍ଲକ ମାଳଆନନ୍ଦପୁର ପଂଚାୟତର ମାଧପୁର ଗ୍ରାମରେ ମହେନ୍ଦ୍ର ଜେନାଙ୍କ ଇଟାଭାଟି ନିକଟରେ ଭଙ୍ଗା ଚାଳ ଘରେ ଦଶ ବର୍ଷ ହେବ ରହିବା ସହିତ ତାଙ୍କ ଇଟାଭାଟିରେ ଉଭୟ ସ୍ୱାମୀ ସ୍ତ୍ରୀ କାର୍ଯ୍ୟ କରୁଥିଲେ। ଏତଦ୍ ବ୍ୟତୀତ ଦୁଇ ଶିଶୁ କନ୍ୟା ବୟସ(୧୪ ଓ ୫) ଓ ପୁଅ ବୟସ (୮) ଶ୍ରୀ ଜେନାଙ୍କ ଘରେ ଘର କାମ କରିବା ସହିତ ଛେଳି ଚରା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ନବୀନା ଓ ତାଙ୍କ ପରିବାର ନିଜ ଗ୍ରାମକୁ ଯିବା ଲାଗି ଚାହିଁଲେ ମଧ୍ୟ ତାଙ୍କୁ ମାଲିକ ଶ୍ରୀ ଜେନା ଘରକୁ ନ ଛାଡ଼ି ଓଲଟା ମାଡ଼ ମାରୁଥିଲେ। ମଜୁରୀ ବାବଦରେ ପୁରା ପରିବାରକୁ ମାସକୁ ମାତ୍ର ଚାରି ହଜାର ଟଙ୍କା ମାଲିକ ଦେଉଥିଲେ। ବଡ଼ ଝିଅ ଏଠାରେ କାର୍ଯ୍ୟ କରିବା ପୂର୍ବରୁ ଜନ୍ମ ଲାଭ କରିଥିବା ବେଳେ ଅନ୍ୟ ଏକ ପୁଅ ଓ ଝିଅ ଏହି ଠାରେ ଜନ୍ମ ଲାଭ କରିଥିଲେ। ଭାଟି ମାଲିକ ଶ୍ରୀ ଜେନା ବନ୍ଧକ ଶ୍ରମିକ ଭାବେ ନବୀନାଙ୍କ ପରିବାରକୁ ନିଜ ଇଟା ଭାଟି ସମେତ ଗୃହ କାର୍ଯ୍ୟରେ ଖଟାଉଥିବା ବେଳେ ପିଲା ମାନଙ୍କୁ ପାଠ ପଢିବା ଲାଗି ମଧ୍ୟ ଛାଡୁ ନଥିଲେ। ଏପରିକି ଗତ ବର୍ଷ ନବୀନାଙ୍କ ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଥିବା ବେଳେ ମହେନ୍ଦ୍ର ତାଙ୍କୁ ଶୁଦ୍ଧିକ୍ରିୟା ଲାଗି ଘରକୁ ଯିବା ଲାଗି ମଧ୍ୟ ଛାଡ଼ି ନଥିଲେ। ତେବେ ନିରକ୍ଷର ଓ ନିସଃହାୟ ନବୀନା ଓ ତାଙ୍କର ପରିବାର ଭୟଭୀତ ଅବସ୍ଥାରେ ରହି ମୁକୁଳିବାର ବାଟ ମଧ୍ୟ ପାଉନଥିଲେ। ତେବେ ଏକଥା କୌଣସି ମତେ ଜିଲ୍ଲା ପ୍ରଶାସନ ଅବଗତ ହେବା ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଦିନ ଯାଜପୁରର ଭାରପ୍ରାପ୍ତ ତହସିଲଦାର ଅଜୟ କୁମାର ପଣ୍ଡା, ଶ୍ରମ ଅଧିକାରୀ ସୋମ୍ୟସୁନ୍ଦର ରାଉତରାୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଂଜନ କର, ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତି ପ୍ରମୁଖ ଉକ୍ତ ଇଟାଭାଟି ମାଲିକ ଶ୍ରୀ ଜେନାଙ୍କ ଘରେ ଚଡାଉ କରି ବନ୍ଧକ ଥିବା ନବୀନାଙ୍କ ପରିବାରକୁ ଉଦ୍ଧାର କରିଥିଲେ। ପରେ ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ କର ତିନି ଜଣ ପିଲାମାନଙ୍କୁ ନିଜ ହେପାଜତକୁ ନେବା ସହିତ ଦୁଇ ଝିଅଙ୍କୁ ଯାଜପୁର ସ୍ଥିତ ସଖି କେନ୍ଦ୍ରରେ ଓ ପୁଅକୁ ବାଳାଶ୍ରମରେ ରଖିଥିଲେ। ତେବେ ନବୀନା ଓ ତାର ପତ୍ନୀ ଥାନାକୁ ଅଭିଯୋଗ ନେଇଆସିଥିବା ବେଳେ ପୁଲିସ ତାଙ୍କୁ ଢେର ସମୟ ପର୍ଯ୍ୟନ୍ତ ଥାନାରେ ଅଟକାଇଥିଲା। ଫଳରେ ସେମାନେ ଭୟଭୀତ ହୋଇ କୁଆଡ଼େ ଚାଲିଯାଇଥିବାର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ କର ଜଣାଇଛନ୍ତି। ଏପରିକି ପୁଲିସ ମଧ୍ୟ ଏତଲାକୁ ରେଜେଷ୍ଟ୍ରୀ କରିନଥିବା ଶ୍ରୀ କର ଜଣାଇବା ସହିତ ଏକଥା ଜିଲ୍ଲାପାଳଙ୍କୁ ଅବଗତ କରାଯିବ ବୋଲି ଶ୍ରୀ କର ସୂଚନା ପ୍ରଦାନ କରିଛନ୍ତି ।



## ଆଡଭାନ୍ସଡ୍ ଗ୍ରୋ-ହେୟାର ଏବଂ ଗ୍ଲୋ-ସ୍କିନ୍ କ୍ଲିନିକ୍ ଉଦ୍‌ଘାଟିତ




ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱର କିଟ୍ କଲେଜ ରୋଡ୍ ପଟିଆଠାରେ ଆଡଭାନ୍ସଡ୍ ଗ୍ରୋହେୟାର ଏବଂ ଗ୍ଲୋସ୍କିନ୍ କ୍ଲିନିକ୍ ଉଦ୍‌ଘାଟିତ ହୋଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ, ଉତ୍ତର ଭୁବନେଶ୍ୱରର ବିଧାୟକ ସୁଶାନ୍ତ କୁମାର ରାଉତ, ୧ ନମ୍ବର ୱାର୍ଡ ର କର୍ପୋରେଟର ମିହିର କୁମାର ରାଉତ, ଡାକ୍ତର ଅମ୍ରିତ ପାଟ୍ଟଯୋଶୀ (ନ୍ୟୁରୋସାଇକିଆଟ୍ରିଷ୍ଟ ପ୍ରଫେସର), ମୁଖ୍ୟ ଅତିଥି ଭାବେ ଓଲିଉଡ଼ ତାରକା ସବ୍ୟସାଚୀ ମିଶ୍ର ଏବଂ ଅର୍ଚ୍ଚିତା ସାହୁ, ସମ୍ମାନିତ ଅତିଥି ଭାବେ ବ୍ରାଣ୍ଡ ଫାଉଣ୍ଡର ତଥା ମ୍ୟାନେଜିଂ ଡାଇରେକ୍ଟର ଶ୍ରବଣ ଭେଲ ଜେ ଯୋଗଦେଇଥିଲେ । ସେମାନଙ୍କ ସମେତ ଫ୍ରାଞ୍ଚାଇଜ୍ ପାର୍ଟନର ଡାକ୍ତର ଶକ୍ତି ରାଜ୍ ଜମ୍ମୁଲା, ଡାକ୍ତର ସୁମିତ ସାଓ ଏବଂ ଶ୍ରୀ ଅଭିଷେକ ପେଦ୍ଦିନୀ ଉପସ୍ଥିତ ଥିଲେ ।

ସାରା ଭାରତ ଏବଂ ବିଶ୍ୱ ସ୍ତରରେ ଗର୍ବର ସହ ଆଡଭାନ୍ସଡ୍ ଗ୍ରୋ-ହେୟାର ଏବଂ ଗ୍ଲୋ-ସ୍କିନ୍ ତା'ର ଏକଶହ କ୍ଲିନିକ୍ ବିସ୍ତାର କରିଛି ।

କେଶ ଏବଂ ଚର୍ମ ଚିକିତ୍ସାରେ ଅଗ୍ରଣୀ ନବସୃଜନ ସୌନ୍ଦର୍ଯ୍ୟ ଔଷଧର ଅଗ୍ରଭାଗରେ, ଆଡଭାନ୍ସଡ୍ ଗ୍ରୋ-ହେୟାର ଏବଂ ଗ୍ଲୋ-ସ୍କିନ୍ କ୍ଲିନିକ୍ ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ କରୁଣାପୂର୍ଣ୍ଣ ଯତ୍ନର ଏକ ସୁସଙ୍ଗତ ମିଶ୍ରଣ ଆଣିଥାଏ ।

## ଡକ୍ଟର ରବିନାରାୟଣ ଦାସଙ୍କ ସପ୍ତଦଶ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାର ପ୍ରତିଷ୍ଠିତ ଐତିହାସିକ ତଥା ଅନନ୍ୟ ନୃତତ୍ତ୍ୱବିତ୍ ଡକ୍ଟର ରବିନାରାୟଣ ଦାଶଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧୋତ୍ସବ ପ୍ରତିଷ୍ଠାନର ସଭାପତି ଅବସରପ୍ରାପ୍ତ ଆଇଏଏସ୍ ରଘୁନାଥ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ପୂଜ୍ୟପୂଜା ସମାରୋହରେ ବିଶିଷ୍ଟ ନୃତତ୍ତ୍ୱବିତ୍ ଡକ୍ଟର ଅଖିଳ ବିହାରୀ ହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂଜ୍ୟପୂଜା ପରମ୍ପରା କ୍ରମଶଃ ଲୋପ ପାଇଯାଉଥିବାରୁ କ୍ଷୋଭ ପ୍ରକାଶ କରିବା ସହ ଆମର ପରବର୍ତ୍ତୀ ପୀଢ଼ୀ କିଭଳି ଆମ ଭାଷା ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସୁରକ୍ଷା ଦିଗରେ କାର୍ଯ୍ୟ କରିବେ ସେ ଦିଗରେ ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି ମତ ବ୍ୟକ୍ତ କରିଛନ୍ତି । ପ୍ରତିଷ୍ଠାନ ପକ୍ଷରୁ ପ୍ରଫେସର ଦୈତାରୀ ସାହୁଙ୍କୁ ରବିନାରାୟଣ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ସମାରୋହରେ ଡକ୍ଟର ସୁବ୍ରତ କୁମାର ଦାସ ଓ ପଣ୍ଡିତ ନୀଳକଣ୍ଠ ଦାସ ସ୍ମୃତି କମିଟିର ସମ୍ପାଦକ ପ୍ରଫେସର ପୂର୍ଣ୍ଣେନ୍ଦୁ କୁମାର ଦାସ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଇତିହାସ, ଲୋକ ସଂସ୍କୃତି ଓ ନୃତତ୍ତ୍ୱକୁ ଡକ୍ଟର ଦାସଙ୍କ ଅବଗତ ଭାବେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଯୁଗ୍ମ ସମ୍ପାଦକ ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ଅନ୍ୟତମ ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



## ୬ଲକ୍ଷ ଟଙ୍କା ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପତ୍ନୀଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ଅଭିଯୋଗକାରୀ ବିଷ୍ଣୁ ଶଙ୍କର ଦାସଙ୍କ ଠାରୁ ଅଭିଯୁକ୍ତ ନିହାର ରଞ୍ଜନ ସାହୁ ୧୫ଲକ୍ଷ ଟଙ୍କା ନେଇଥିଲେ । ୨୦୨୨ରୁ ୨୦୨୪ ମସିହା ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ୧୫ଲକ୍ଷ ଟଙ୍କା ନେଇ ସେଥିରୁ ୯ଲକ୍ଷ ଫେରାଇଥିବା ବେଳେ ବାକି ଟଙ୍କା ଫେରାଇ ନଥିଲେ । ଉପାୟଶୂନ୍ୟ ହୋଇ ବିଷ୍ଣୁଶଙ୍କର ଦାସ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ନିହାରକୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ସ୍ୱାମୀ-ସ୍ତ୍ରୀଙ୍କୁ ଟଙ୍କା ଫେରାଇବା ସମ୍ପର୍କରେ କହିବାରୁ ଉଭୟ ଅଭିଯୋଗକାରୀଙ୍କୁ ଧମକଚମକ ଦେଇଥିଲେ ବୋଲି ସେ ଏତଲାରେ ଲେଖିଛନ୍ତି ।

## ଭି-ଗାର୍ଡ ମେଗା ସୋରୁମ ଉଦ୍‌ଘାଟିତ

କଟକ, (ସ୍ୱପ୍ର): ଗଣେଶପୂଜା ଅବସରରେ ସ୍ଥାନୀୟ ଚୌଧୁରୀବଜାର କେଉଟସାହି ଠାରେ ବୁଧବାର ଭି ଗାର୍ଡର ନୂତନ ମେଗା ସୋରୁମ୍ ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନ ଅବସରରେ ଭି ଗାର୍ଡ କମ୍ପାନୀର ମୁଖ୍ୟ ଶାଖା ପ୍ରବନ୍ଧକ ସୁମନ୍ତ କୁମାର ପ୍ରଧାନ ଏବଂ ଶ୍ରୀ ସାଇ ଇଲେକ୍ଟ୍ରିକାଲସର ମୁଖ୍ୟ ଇନ୍ଦର କୁମାର ଅଗ୍ରୱାଲ ମିଳିତ ଭାବେ ଏହି ସୋ ରୁମ୍‌କୁ ଉଦଘାଟନ କରିଛନ୍ତି । ଉଚ୍ଚମାନର ବିଦ୍ୟୁତ ଉପକରଣ ଉତ୍ପାଦନରେ ଅଗ୍ରଗାମୀ ଭି-ଗାର୍ଡ କମ୍ପାନୀ ଏବେ କଟକର ଚୌଧୁରୀ ବଜାର କେଉଟସାହି ଅଂଚଳରେ ତାର ପ୍ରଥମ ମେଗା ସୋରୁମ୍ ଗ୍ରାହକଙ୍କ ପାଇଁ ଖୋଲିଛି । ଏହି ସୋରୁମରେ ଏସି. ଟି ଷ୍ଟାବିଲାଇଜର, ପଙ୍ଖା, କଲର ବ୍ୟାଟେରୀ, ନିଜର ପାଣିପଥ, ଇଣ୍ଡକସନ୍, ଗ୍ରାଇଣ୍ଡର, ଚିମିନି ଗ୍ୟାସ ଚୁଲା ରାଇସ କୁକର ଆଦି ଉପଲବ୍ଧ ଅଛି । ସମସ୍ତ ଭି-ଗାର୍ଡ କମ୍ପାନୀ ପ୍ରଡକ୍ଟର ପ୍ରତ୍ୟେକ ସାମଗ୍ରୀ ଉପରେ ଆକର୍ଷଣୀୟ ଉପହାରର ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ କ୍ରୟକର୍ତ୍ତାଙ୍କୁ ନିଶୁଳ୍କ ଆକର୍ଷଣୀୟ ଉପହାର ପ୍ରଦାନ କରାଯିବ । ଏହି ଅବସରରେ କମ୍ପାନୀ ପକ୍ଷରୁ ଭି-ଗାର୍ଡର ଇନଭଟର ବ୍ୟାଟେରୀ ସାଙ୍ଗରେ ଗୋଟିଏ ଟ୍ରଲି ମାଗଣା ଉପହାରର ବ୍ୟବସ୍ଥା କରାଯାଇଛି । ଏହି ଉଦ୍‌ଘାଟନ ଅବସରରେ ଶ୍ରୀ ସାଇ ଇଲେକ୍ଟ୍ରି କାଲର ସୋହନ କୁମାର ଅଗ୍ରୱାଲ ଓ ମୋହନ କୁମାର ଅଗ୍ରୱାଲଙ୍କ ସହିତ ଭି-ଗାର୍ଡ କମ୍ପାନୀର ସମସ୍ତ ଉଚ୍ଚ ପଦସ୍ଥ କର୍ମଚାରୀ ଉପସ୍ଥିତ ଥିଲେ ।



# ଟ୍ରମ୍ପ ଏବେ ରୁଷକୁ ଦେଲେ ଧମକ

ୱାଶିଂଟନ୍ : ଅଗଷ୍ଟ ୧୫ ତାରିଖରେ ଆଲାସ୍କାରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଐତିହାସିକ ବୈଠକ ହୋଇଥିଲା । ଏହାପରେ ସାଢେ ୩ ବର୍ଷ ହେଲା ଚାଲିଥିବା ରୁଷ ଓ୍ୟୁକ୍ରେନ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପଡ଼ିବାର ସମ୍ଭାବନା ସୃଷ୍ଟି ହୋଇଥିଲା । ବୈଠକ ପୂର୍ବରୁ ଟ୍ରମ୍ପ ରଣହୁଙ୍କାର ଦେଇଥିଲେ । ଆଲୋଚନା ଖରାପ ଦିଗକୁ ଗଲେ ସେ ଚାଲି ଆସିବେ ବୋଲି କହିଥିଲେ ।ହେଲେ ପୁଟିନଙ୍କୁ ଦେଖି ଟ୍ରମ୍ପଙ୍କ ସବୁ ଦମ୍ଭ ଯେମିତି ସତେ ଯେମିତି ଭାଙ୍ଗି ଯାଇଥିଲା । ସେ ତାଙ୍କୁ ବେଶ ନମ୍ର ଭାବେ ସ୍ୱାଗତ କରିଥିଲେ ।ୟୁକ୍ରେନ ଯୁଦ୍ଧକୁ ବନ୍ଦ କରିବା ପାଇଁ ପୁଟିନ ଯଦି ବୁଝାମଣା କରିବେ ନାହିଁ, ତା'ହେଲେ ଏହାର ପରିଣାମ ବେଶ ଭୟଙ୍କର ହେବ । ସେ ଅନେକ କଟକଣା ଲଗାଇବେ ବୋଲି ଟ୍ରମ୍ପ କହୁଥିଲେ । କିନ୍ତୁ ଯେତେବେଳେ ଦୁଇ ନେତା ପରସ୍ପରକୁ ଆଲାସ୍କାରେ ଭେଟିଥିଲେ ସେତେବେଳେ ଟ୍ରମ୍ପଙ୍କ ସବୁ ଦମ୍ଭୋକ୍ତି ଫୁସକି ଯାଇଥିଲା । ହେଲେ ଏବେ ପୁଣି ରୁଷ ଓ ପୁଟିନଙ୍କୁ ଖୋଲା ଧମକ ଦେଇଛନ୍ତି ଟ୍ରମ୍ପ । ଯଦି ରୁଷ ରାଷ୍ଟ୍ରପତି ପୁଟିନ ଓ୍ୟୁକ୍ରେନ ରାଷ୍ଟ୍ରପତି ଭ୍ଲୋଡମିର ଜେଲେନସ୍କି ସେମାନଙ୍କ ମଧ୍ୟରେ ଚାଲିଥିବା ବିବାଦର ସମାଧାନ କରିବାରେ ବିଫଳ ହେବେ, ତା'ହେଲେ ଅର୍ଥନୀତି ଯୁଦ୍ଧ ଆରମ୍ଭ ହେବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି ।

ଟ୍ରମ୍ପ କହିଛନ୍ତି ଯେ ଅର୍ଥନୀତିକ



ଯୁଦ୍ଧ ରୁଷ ପାଇଁ ଅତ୍ୟନ୍ତ ଖରାପ ହେବ । ଏହା ଗୋଟିଏ ବିଶ୍ୱ ଯୁଦ୍ଧ ହୋଇ ନପାରେ ।କିନ୍ତୁ ଏହା ଅର୍ଥନୀତିକ ଯୁଦ୍ଧର ରୂପ ନେବ ଓ ଏହି ଅର୍ଥନୀତିକ ଯୁଦ୍ଧ ବେଶ ଖରାପ ହେବ । ବିଶେଷ କରି ରୁଷ ପାଇଁ ଅର୍ଥନୀତିକ ଯୁଦ୍ଧ ଭୟଙ୍କର ହେବ । ମୁଁ ଏହା ଚାହୁଁ ନାହିଁ ।ହ୍ୱାଇଟ ହାଉସ କ୍ୟାବିନେଟ ମିଟିଂ ବେଳେ ଟ୍ରମ୍ପ ରୁଷକୁ ଏପରି ଚେତାବନୀ ଦେଇଥିବା ବ୍ଲୁମବର୍ଗରେ ରିପୋର୍ଟ ପ୍ରକାଶ ପାଇଛି ।

ରାଷ୍ଟ୍ରପତି ହେବାର ୨୪ ଘଣ୍ଟା ମଧ୍ୟରେ ରୁଷ ଓ୍ୟୁକ୍ରେନ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପଡ଼ିବ ବୋଲି ଟ୍ରମ୍ପ ଦମ୍ଭୋକ୍ତି କରୁଥିଲେ ହେଁ ଏଯାଏ ଏଥିରେ ସଫଳତା ହାସଲ କରିନାହାନ୍ତି । ଅଗଷ୍ଟ ୧୫ ବୈଠକ ପରେ ଯୁଦ୍ଧ ସମାପ୍ତିର ଆଶା ସୃଷ୍ଟି ହୋଇଥିଲା । କିନ୍ତୁ ଏଥିରେ କୌଣସି ସୁଧାର ଦେଖିବାକୁ ମିଳୁନାହିଁ । ଦୁଇ ଦେଶ ପରସ୍ପର ଉପରେ ଆକ୍ରମଣ କରିବା ଜାରି ରଖିଛନ୍ତି ।ସେହିପରି ଅଗଷ୍ଟ ୧୫ ବୈଠକରେ ପରେ ଟ୍ରମ୍ପ ରୁଷ-ୟୁକ୍ରେନ ଓ ଆମେରିକର ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହେବ ବୋଲି କହିଥିଲେ । ହେଲେ ସେଦିଗରେ କୌଣସି ପଦକ୍ଷେପ ଏଯାଏ ଗ୍ରହଣ କରାଯାଇ ନାହିଁ । ଏବେ ଟ୍ରମ୍ପ ରୁଷକୁ ଅର୍ଥନୀତିକ ଯୁଦ୍ଧର ଧମକ ଦେବା ସ୍ଥିତିକୁ ଆହୁରି ଜଟିଳ କରିଛି ।

## ବାଣିଜ୍ୟ ଯୁଦ୍ଧର ମୁକାବିଲା

# ୪୦ ଦେଶ ସହ ହାତ ମିଳାଇଲା ଭାରତ

ନୂଆଦିଲ୍ଲୀ :ଆମେରିକା ଭାରତ ଉପରେ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କଲାଗୁ କରିଛି, ଯାହା ପରେ ଭାରତ ଏହି ଶୁଳ୍କର ପ୍ରଭାବକୁ ଦୂର କରିବା ପାଇଁ ଏକ ବଡ଼ ଯୋଜନା ପ୍ରସ୍ତୁତ କରିଛି । ଟ୍ରମ୍ପଙ୍କ ଶୁଳ୍କ ଭାରତର ବୟନ ଶିଳ୍ପ ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇବାକୁ ଯାଉଛି । ସରକାର ବୟନ ଶିଳ୍ପକୁ ବଞ୍ଚାଇବା ଏବଂ ପୋଷାକ ରପ୍ତାନିକୁ ପ୍ରୋତ୍ସାହିତ କରିବା ପାଇଁ ୪୦ଟି ଦେଶ ସହିତ ଯୋଗାଯୋଗ କରିବାକୁ ଯୋଜନା କରିଛି ।

ଟ୍ରମ୍ପଙ୍କ ଶୁଳ୍କ ଭାରତର ବୟନ ଶିଳ୍ପ ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇବାକୁ ଯାଉଛି । ଯାହାକୁ ମୁକାବିଲା କରିବା ପାଇଁ ଭାରତ



ତାର ଯୋଜନା ପ୍ରସ୍ତୁତ କରିଛି । ସରକାର ବୟନ ଶିଳ୍ପକୁ ବଞ୍ଚାଇବା ଏବଂ ପୋଷାକ ରପ୍ତାନିକୁ ପ୍ରୋତ୍ସାହିତ କରିବା ପାଇଁ ୪୦ଟି ଦେଶ ସହିତ ଯୋଗାଯୋଗ କରିବାକୁ ଯୋଜନା କରିଛି । ଜଣେ ସରକାରୀ ଅଧିକାରୀ ବୁଧବାର ଏହି ସୂଚନା ଦେଇଛନ୍ତି । ଏହି ପଦକ୍ଷେପ ଅଧୀନରେ, ବ୍ରିଟେନ, ଜାପାନ, ଦକ୍ଷିଣ କୋରିଆ, ଜର୍ମାନୀ, ଫ୍ରାନ୍ସ, ଇଟାଲୀ, ସ୍ପେନ, ନେଦରଲ୍ୟାଣ୍ଡ, ପୋଲାଣ୍ଡ, କାନାଡା, ମେକ୍ସିକୋ, ରୁଷ, ବେଲଜିୟମ, ତୁର୍କୀ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଅଷ୍ଟ୍ରେଲିଆ ଭଳି ପ୍ରମୁଖ ଦେଶଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ଟ୍ରମ୍ପଙ୍କ ଶୁଳ୍କ ବୟନ, ମଣି ଏବଂ ଅଳଙ୍କାର, ଚମଡା, ମାଛ, ରାସାୟନିକ ପଦାର୍ଥ ଏବଂ ଯନ୍ତ୍ରପାତି ଭଳି କ୍ଷେତ୍ରର ରପ୍ତାନିକୁ ପ୍ରଭାବିତ କରିବ ବୋଲି ଆଶା କରାଯାଉଛି । କେବଳ ବୟନ କ୍ଷେତ୍ରରୁ ଆମେରିକାକୁ ରପ୍ତାନି ବନ୍ଦ ଜନିତ କ୍ଷତି ୧୦.୩ ବିଲିୟନ ହୋଇପାରେ ।

# ଅଳ୍ପକେ ବର୍ତ୍ତିଲା ଜନଶତାବ୍ଦୀ ଏକ୍ସପ୍ରେସ


ନୂଆଦିଲ୍ଲୀ: ଜନଶତାବ୍ଦୀ ଏକ୍ସପ୍ରେସ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି ବାସ୍ତବରେ ଦିଲ୍ଲୀ ଯାଉଥିବା ଜନଶତାବ୍ଦୀ ଏକ୍ସପ୍ରେସକୁ ଯେଉଁ ଲାଇନରେ ଛାଡିବା କଥା ସେହି ଲାଇନରେ ନ ଛାଡି ଲୁପ ଲାଇନରେ ଛାଡିଦିଆଯାଇଥିଲା ଏହି ଲୁପ ଲାଇନରେ ମରାମତି କରାଯାଉଥିବାବେଳେ ଟ୍ରେନ ଡ୍ରାଇଭରଙ୍କ ଉପସ୍ଥିତି ବୁଦ୍ଧି ଯୋଗୁଁ ଏକ ବଡ ଦୁର୍ଘଟଣାରୁ ଟ୍ରେନ ଅଳ୍ପକେ ବର୍ତ୍ତିଯାଇଛି । ଏହି ଘଟଣାରେ ଜଣେ ଷ୍ଟେସନ ମାଷ୍ଟର ଏବଂ ଜଣେ ଟ୍ରାଫିକ୍ ନିୟନ୍ତ୍ରକଙ୍କୁ ନିଲମ୍ବିତ କରାଯାଇଥିଲା । ସୂତ୍ର ଅନୁଯାୟୀ, ଟ୍ରେନର ଡ୍ରାଇଭର ଲୁପ ଲାଇନରେ ଲାଲ ପତାକା ଲାଗିଥିବା ଦେଖି ତୁରନ୍ତ ଜରୁରୀକାଳୀନ ବ୍ରେକ ଲଗାଇ ମରାମତି କରାଯାଉଥିବା ଅଂଶରେ ପହଞ୍ଚିବା ପୂର୍ବରୁ ଟ୍ରେନକୁ ଅଟକାଇ ଦେଇଥିଲେ । ଡିଭିଜନାଲ ଅପରେସନ୍ସ ମ୍ୟାନେଜର ଏବଂ ଡିଭିଜନର ଅଧିକୃତ ମୁଖପାତ୍ର ପ୍ରଶସ୍ତି ଶ୍ରୀବାସ୍ତବ କହିଛନ୍ତି ଯେ ଦୁଇ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସେ କହିଛନ୍ତି, ଏହା ଦୁଇ କର୍ମଚାରୀଙ୍କ ଯୋଗୁଁ ଏଭଳି ଘଟଣା ଘଟିଛି । ସୂତ୍ର ଅନୁଯାୟୀ, ମଙ୍ଗଳବାର ସକାଳ ୧୦:୩୦ ରୁ ୧୧:୦୦ ମଧ୍ୟରେ ଜଣେ ଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ବିଷୟରେ ସୂଚନା ପାଇ, ଟିଟିଇ ଆଗ୍ରା ନିୟନ୍ତ୍ରଣ କକ୍ଷ ସହିତ ଯୋଗାଯୋଗ କରିଥିଲେ ଏବଂ ଛାତା ଷ୍ଟେସନରେ ଟ୍ରେନକୁ ଅଟକାଇବାକୁ ଅନୁରୋଧ କରିଥିଲେ । ତେବେ ଟ୍ରେନ ଏଠାରେ ଅଟକି ନଥିଲା ଏହା ପରେ, ଟିଟିଇ ପୁଣି ଥରେ ଯୋଗାଯୋଗ କରି ପରବର୍ତ୍ତୀ ଷ୍ଟେସନ କୋସିରେ ଯାତ୍ରୀଙ୍କୁ ଓହ୍ଲାଇବା ପାଇଁ ଅନୁମତି ମାଗିଲେ ।କାରଣ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ଖରାପ ହୋଇଯାଇଥିଲା ।ସେ କହିଛନ୍ତି, ଯେତେବେଳେ ଟ୍ରେନଟି କୋସିରେ ମଧ୍ୟ ଅଟକି ନଥିଲା, ଟ୍ରେନରେ ଉପସ୍ଥିତ କର୍ମଚାରୀମାନେ ପୁଣି ଥରେ ଅନୁରୋଧ କରିଥିଲେ, ଯାହା ପରେ ହୋଡାଲ ଷ୍ଟେସନରେ ଟ୍ରେନକୁ ଅଟକାଇବାକୁ ନିଷ୍ପତ୍ତି ନିଆଯାଇଥିଲା, କିନ୍ତୁ ଷ୍ଟେସନ ମାଷ୍ଟର ଶୀଘ୍ର, ସୁରକ୍ଷା ମାନଦଣ୍ଡକୁ ଅଣଦେଖା କରି ଟ୍ରେନକୁ ମରାମତି କରାଯାଉଥିବା ଲୁପ୍ ଲାଇନରେ ଛାଡି ଦେଇଥିଲେ ।

# ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାର ପୁନର୍ଗଠନ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ "ପ୍ରଧାନମନ୍ତ୍ରୀ ଉଠାଦୋକାନୀ ଆତ୍ମନିର୍ଭର ନିଧି (ପିଏମ ସ୍ୱନିଧି) ଯୋଜନାର ପୁନର୍ଗଠନ ଏବଂ ଋଣ ଅବଧିକୁ ୩୧ ଡିସେମ୍ବର ୨୦୨୪ଠାରୁ ଆଗକୁ ବଢାଇବାକୁ ଅନୁମୋଦନ କରାଯାଇଛି । ଏହି ଯୋଜନାରେ ମୋଟ୍ ବ୍ୟୟବରାଦ ୭,୩୩୨ କୋଟି ଟଙ୍କା ଅଟେ । ପୁନର୍ଗଠିତ ଯୋଜନାର ଲକ୍ଷ୍ୟ ହେଉଛି ୫୦ ଲକ୍ଷ ନୂଆ ହିତାଧିକାରୀଙ୍କ ସମେତ ୧.୧୫ କୋଟି ହିତାଧିକାରୀଙ୍କୁ ଲାଭ ପହଞ୍ଚାଇବା । ଏହି ଯୋଜନାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଏବଂ ଆର୍ଥିକ ସେବା ବିଭାଗ (ଡିଏଫଏସ) ଉପରେ ମିଳିତ ଭାବରେ ନ୍ୟସ୍ତ ରହିବ । ଡିଏଫଏସର ଭୂମିକା ହେବ ବ୍ୟାଙ୍କ/ଆର୍ଥିକ ପ୍ରତିଷ୍ଠାନ ଏବଂ ସେଗୁଡ଼ିକର ତୃଣମୂଳ ସ୍ତରୀୟ ଅଧିକାରୀଙ୍କ ମାଧ୍ୟମରେ ଋଣ/କ୍ରେଡିଟ୍ କାର୍ଡ ଉପଲବ୍ଧତାକୁ ସହଜ କରିବା । ପୁନର୍ଗଠିତ ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ପ୍ରଥମ ଓ ଦ୍ୱିତୀୟ କିସ୍ତିରେ ଋଣ ପରିମାଣ ବୃଦ୍ଧି, ଦ୍ୱିତୀୟ ଋଣ ପରିଶୋଧ କରୁଥିବା ହିତାଧିକାରୀଙ୍କ ପାଇଁୟୁପିଆଇ-ସଂଲଗ୍ନ ରୂପେ କ୍ରେଡିଟ୍ କାର୍ଡର ବ୍ୟବସ୍ଥା ଏବଂ ଖୁଚୁରା ଓ ପାଇକାରୀ କାରବାର ପାଇଁ ଡିଜିଟାଲ୍ କ୍ୟାସବ୍ୟାକ୍ ପ୍ରୋତ୍ସାହନ ଅନ୍ତର୍ଭୁକ୍ତ ।ଏହି ଯୋଜନାର ପରିସର ପର୍ଯ୍ୟାୟକ୍ରମେ ଜନଗଣନା ସହର ଏବଂ ଅର୍ଦ୍ଧ-ସହରାଞ୍ଚଳ ଇତ୍ୟାଦିକୁ ବିସ୍ତାର କରାଯାଉଛି । ଉନ୍ନତ ଋଣ ଢାଞ୍ଚାରେ ପ୍ରଥମ କିସ୍ତି ଋଣକୁ ୧୫,୦୦୦ ଟଙ୍କା (୧୦,୦୦୦ ଟଙ୍କାରୁ) ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସେହିପରି ଦ୍ୱିତୀୟ କିସ୍ତି ଋଣକୁ ୨୫,୦୦୦ ଟଙ୍କା (୨୦,୦୦୦ଟଙ୍କାରୁ) ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ବେଳେ ତୃତୀୟ କିସ୍ତିକୁ ପୂର୍ବ ଭଳି ୫୦ ହଜାର ଟଙ୍କା ରଖାଯାଇଛି ।ୟୁପିଆଇ ସଂଯୁକ୍ତ ରୂପେ କ୍ରେଡିଟ୍ କାର୍ଡ ପ୍ରଚଳନ ଦ୍ୱାରା ରାସ୍ତାପାର୍ଶ୍ୱ ବିକ୍ରେତାମାନେ ଯେକୌଣସି ଜରୁରୀକାଳୀନ ବ୍ୟବସାୟ ଏବଂ ବ୍ୟକ୍ତିଗତ ଆବଶ୍ୟକତା ପୂରଣ କରିବା ପାଇଁ ତୁରନ୍ତ ଋଣ ପାଇପାରିବେ ।

# କିଛି ପାଇବା ଆଶାରେ ସଂଘକୁ ଆସ ନାହିଁ : ଭଗବତ

ନୂଆଦିଲ୍ଲୀ: ରାଷ୍ଟ୍ରୀୟସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ କହିଛନ୍ତି ଯେ ସଂଘର ମୂଳଦୁଆ ସାତ୍ତ୍ୱିକ ପ୍ରେମ ଉପରେ ଆଧାରିତ । କୌଣସି ସ୍ୱେଚ୍ଛାସେବୀ ସଂଗଠନ ସଂଘ ପରି ଏତେ ବିରୋଧର ସମ୍ମୁଖୀନ ହୋଇନାହିଁ । ଏହା ସତ୍ତ୍ୱେ, ସଂଘ ଆଜି ମଧ୍ୟ ଦୃଢ଼ ଭାବରେ ଠିଆ ହୋଇଛି ।ସଂଘର ୧୦୦ ବର୍ଷ ପୂରଣ ହେବା ଅବସରରେ, ଭାଗବତ ୧୯୨୫ ର ବିଜୟାଦଶମୀ କଥା ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ ଡକ୍ଟର ହେଡଗେୱାର ସେହି ଦିନ ସଂଘ ପ୍ରତିଷ୍ଠା କରିଥିଲେ । ତାଙ୍କର ଧାରଣା ସ୍ପଷ୍ଟ ଥିଲା - ହିନ୍ଦୁ ବୋଲି କୁହାଯାଉଥିବା ପ୍ରତ୍ୟେକ ବ୍ୟକ୍ତି ରାଷ୍ଟ୍ର ପ୍ରତି ଦାୟୀ



ହେବା ଉଚିତ । ଏହା ସଂଘର ଆରମ୍ଭର ମୂଳଦୁଆ ଥିଲା ।ସେ କହିଥିଲେ ଯେ ହିନ୍ଦୁତ୍ୱର ପ୍ରକୃତ ସାର ସତ୍ୟ ଏବଂ ପ୍ରେମ । ଏହି ଦୁଇଟି ଭିନ୍ନ ଦେଖାଯାଏ, କିନ୍ତୁ ବାସ୍ତବରେ ସେମାନେ ସମାନ । ଭାଗବତ କହିଛନ୍ତି ଯେ ସଂଘରେ କୌଣସି ପ୍ରୋତ୍ସାହନ ନାହିଁ । ସେ କହିଥିଲେ, 'ଯଦି ତୁମେ ସଂଘରେ ଯୋଗଦେବ, ତେବେ ତୁମକୁ କିଛି ମିଳିବ ନାହିଁ, ତୁମର ଯାହା ଅଛି ତାହା ମଧ୍ୟ ଚାଲିଯିବ । ଜଣେ ସ୍ୱୟଂସେବକ ଏହି ଭାବନା ସହିତ କାମ କରନ୍ତ । ତାଙ୍କର ଲକ୍ଷ୍ୟ ହେଉଛି - ଆତ୍ମାନୋ ମୋକ୍ଷାର୍ଥ ଜଗତ ହିତାୟଚ ।

# ଟ୍ରମ୍ପଙ୍କୁ କଟାକ୍ଷ କଲେ ଯୋଗଗୁରୁ ରାମଦେବ

ନୂଆଦିଲ୍ଲୀ: ଡୋନାଲ୍ଡ ଟ୍ରମ୍ପ ରୁଷରୁ ତେଲ କିଣିବା ପାଇଁ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ, ଯାହା ଆଜି ଠାରୁ ଲାଗୁ ହୋଇଛି । ଯେତେବେଳେ ବାବା ରାମଦେବଙ୍କୁ ଟ୍ରମ୍ପଙ୍କ ଶୁଳ୍କ ବିଷୟରେ ପଚରାଗଲା, ସେ କହିଲେ ଯେ ଟ୍ରମ୍ପ ମଧ୍ୟ ଚାହାଁନ୍ତି ଯେ ଆମେରିକାରେ ସ୍ୱଦେଶୀ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରାଯାଉ । ଅନ୍ୟ ଦେଶର ଉତ୍ପାଦ ଆମ ଦେଶକୁ ଆସିବା ଉଚିତି ନୁହେଁ । ଏହି ସମୟରେ ବାବା ରାମଦେବ ଟ୍ରମ୍ପଙ୍କୁ ଜଣେ ରାଜନେତା ଭାବରେ ବର୍ଣ୍ଣନା କରିଥିଲେ ଯିଏ ଏଣ୍ଡୁଅ ପରି ରଙ୍ଗ ପରିବର୍ତ୍ତନ କରନ୍ତି । ବାବା ରାମଦେବ କହିଥିଲେ,



'ଯେଉଁ ଦେଶରେ ପ୍ରଚୁର ଧନ ଅଛି, ସେଠାରେ ବିଳାସ ବୃଦ୍ଧି ପାଏ । ଏଣ୍ଡୁଅ ପରି ଏତେଥର କେହି ରଙ୍ଗ ବଦଳାନ୍ତି ନାହିଁ ଯେତେ ଥର ଟ୍ରମ୍ପ ବଦଳାଉଛନ୍ତି । ସେ ପ୍ରତ୍ୟେକ ଦେଶ ବିଷୟରେ, ପ୍ରତ୍ୟେକ ପରିସ୍ଥିତି ବିଷୟରେ, ଚୀନ୍ ପ୍ରସଙ୍ଗରେ କେତେ ଥର ମିଛ କହିଥିଲେ, ଭାରତ-ପାକିସ୍ତାନ ପ୍ରସଙ୍ଗରେ କେତେ ଥର ମିଛ କହିଥିଲେ ।ସେ ଦାଦାଗିରି ଅପେକ୍ଷା ଅଧିକ ଗୁଣ୍ଡାଗିରି କରୁଛନ୍ତି ।' ସେ କହିଥିଲେ, 'ପୂର୍ବରୁ ଆମେରିକା ଏକ ଅତ୍ୟନ୍ତ ସଭ୍ୟ ଦେଶ ଭାବରେ ଜଣାଶୁଣା ଥିଲା, କିନ୍ତୁ ସେ (ଟ୍ରମ୍ପ) ଆସି ଆମେରିକାର ସେହି ସମସ୍ତ ମୂଲ୍ୟବୋଧକୁ ନଷ୍ଟ କରିଦେଇଥିଲେ ।'ଏବେ ଭାରତୀୟଙ୍କ ଜାଗ୍ରତ ହେବାର ସମୟ ଆସିଛିଛ ଯଦି ସେମାନେ ଏବେ ନ ଜାଗ୍ରତ ହୁଅନ୍ତି, ତେବେ ଏହା କଷ୍ଟକର ହୋଇଯିବ ।' ବାବା ରାମଦେବ କହିଥିଲେ, 'ଭାରତକୁ ବିଶ୍ୱର ପ୍ରଥମ ଅର୍ଥନୀତି କରିବାକୁ ହେଲେ, ୧୪୦ କୋଟି ଦେଶବାସୀଙ୍କୁ ଏକ ହେବାକୁ ପଡ଼ିବ ।

# ଅର୍ଥ ବିଲ୍ ନେଇ ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ ବିଲ୍ ବିଭିନ୍ନ ରାଜ୍ୟର ରାଜ୍ୟପାଳ ଅଟକାଉଥିବା ମାମଲା ଧିରେ ଧିରେ ଗମ୍ଭୀର ରୂପ ନେଉଛି । ଏନେଇ ମାମଲା ସୁପ୍ରିମକୋର୍ଟରେ ପହଂଚିବା ପରେ ବିଲ୍ ପାରିତ ନେଇ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ପାଇଁ ଏକ ସମୟ ନିର୍ଘଣ୍ଟ କରିଥିଲେ ସୁପ୍ରିମକୋର୍ଟ । ଏହାକୁ ନେଇ ପୁଣି ଜନସ୍ୱାର୍ଥ ମାମଲା ହେବା ପରେ ଏହା ଉପରେ ପୁଣି ବିଚାର ଚାଲିଛି ।ଏସବୁ ଭିତରେ ପୁଣି ରାଜ୍ୟ ସରକାରମାନଙ୍କ ଦ୍ୱାରା ପାରିତ ହେଉଥିବା ଅର୍ଥ ବିଲ୍ ରାଜ୍ୟପାଳ ଅଟକାଇପାରିବେ କି ନାହିଁ ତାକୁ ନେଇ ବଡ଼ ପ୍ରଶ୍ନ ଉଠାଇଛନ୍ତି ସୁପ୍ରିମକୋର୍ଟ । କୋର୍ଟ ପ୍ରଶ୍ନ କରିଛନ୍ତି କି, ସମ୍ବିଧାନର ଧାରା ୨୦୦ ମୁତାବକ ରାଜ୍ୟପାଳମାନେ ଅର୍ଥ ବିଲ୍ ଅଟକାଇପାରିବେ କି ? ବିଲଗୁଡିକୁ ଅନୁମୋଦନ ପ୍ରସଙ୍ଗରେ ପ୍ରେସିଡେନ୍ସିଆଲ ରେଫରେନ୍ସର ଶୁଣାଣି ବେଳେ ଜଷ୍ଟିସ ପିଏସ୍ ନରସିଂହ କହିଛନ୍ତି କି, ଏହି କ୍ଷମତା ବଳରେ



ଅର୍ଥ ବିଲକୁ ମଧ୍ୟ ରୋକାଯାଇପାରିବା ଭଳି ସ୍ଥିତି ଉତ୍ପନ୍ନ ହେଉଛି । ଏହି ମାମଲାର ଶୁଣାଣି ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ବିଆର ଗଓ୍ୱାଇ, ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ବିକ୍ରମନାଥ, ଜଷ୍ଟିସ ପିଏସ୍ ନରସିଂହ ଓ ଜଷ୍ଟିସ ଏଏସ୍ ଚାନ୍ଦୁରକରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ହେଉଛି । ମାମଲାର ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଯୁକ୍ତ ଓକିଲ ଯୁକ୍ତି ବାଢିଛନ୍ତି ଯେ, ସମ୍ବିଧାନର ଧାରା ୨୦୦ ମୁତାବକ ଅନୁମୋଦନ ଅଟକାଇବା ଏକ ସ୍ୱାଧୀନ କ୍ଷମତା ଛ ମହାରାଷ୍ଟ୍ର ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ହରିଶ ସାଲଭେ ଏହି ଯୁକ୍ତିକୁ ସମର୍ଥନ କରିଥିଲେ । ଅନୁମୋଦନ ପ୍ରଦାନ, ବିଧାନସଭାକୁ ଫେରାଇବା ଓ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ସଂରକ୍ଷଣ କରିବା ବ୍ୟତୀତ ରାଜ୍ୟପାଳଙ୍କ ନିକଟରେ ଏହା ଏକ ଚତୁର୍ଥ ବିକଳ୍ପ ଉପଲବ୍ଧ । ଏଭଳି ନିଷ୍ପତ୍ତି ନ୍ୟାୟିକ ସମୀକ୍ଷା ପାଇଁ ନୁହେଁ ବୋଲି ସେ କହିଛନ୍ତି ।

# ଡିଜିଟାଲ୍ ଫଣ୍ଡିଂ, ହାଇ-ଟେକ୍ ଅସ୍ତ୍ରଶସ୍ତ୍ର ନେଇ ଜୈସର ନୂଆ ଯୋଜନା

ନୂଆଦିଲ୍ଲୀ : ପାକିସ୍ତାନୀ ଗୁପ୍ତଚର ଏଜେନ୍ସି ଆଇଏସ୍ଏସ୍ଆଇ ଭାରତ ବିରୁଦ୍ଧରେ ଏକ ନୂଆ ଏବଂ ବିପଜ୍ଜନକ ଷଡ଼ଯନ୍ତ୍ର ରଚୁଛି । ଗୁଇନ୍ଦା ବିଭାଗର ସୂଚନା ଅନୁଯାୟୀ , ଆଇଏସ୍ଏସ୍ଆଇ ବର୍ତ୍ତମାନ ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାରମ୍ପରିକ ଅସ୍ତ୍ରଶସ୍ତ୍ର ବଦଳରେ ଆଧୁନିକ ଅସ୍ତ୍ରଶସ୍ତ୍ର ଏବଂ ହାଇ-ଟେକ୍ ବୈଷୟିକ ଜ୍ଞାନକୌଶଳରେ ଯୋଗାଇବାକୁ ଯୋଜନା କରୁଛି ଏହି ଦିଗରେ ଜୈସ-ଏ-ମହମ୍ମଦ ସବୁଠାରୁ ଆଗରେ ରହିଛି, ଯାହା ଆଗାମୀ ଦିନରେ କ୍ୱାଡକପଟର ଏବଂ ଆଧୁନିକ ଡ୍ରୋନ୍ ହାସଲ କରିପାରେ । ସୁରକ୍ଷା ଏଜେନ୍ସିମାନଙ୍କ କହିବା କଥା ଯେ ଯଦି ଜୈସ ଏହି ବୈଷୟିକ ଜ୍ଞାନକୌଶଳ ପାଏ, ତେବେ ସୀମା ପାର୍ଶ୍ୱରୁ ଆତଙ୍କବାଦୀ ଆକ୍ରମଣର ବିପଦ ଅନେକ ଗୁଣ ବଢ଼ିଯିବ । ସୂଚନା ଅନୁସାରେ, ଜୈସ-ଏ-ମହମ୍ମଦର ଆତଙ୍କବାଦୀମାନଙ୍କୁ ପାକିସ୍ତାନୀ ସେନା ଦ୍ୱାରା ଆଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବାକୁ ତାଲିମ ଦିଆଯିବ । ଜୈସ ପୂର୍ବରୁ ବ୍ଲାକ ମାର୍କେଟରୁ ମେସିନ ଗନ୍, ରକେଟ ଲଞ୍ଚର ଏବଂ ମୋର୍ଟାର ଭଳି ଅସ୍ତ୍ରଶସ୍ତ୍ର କିଣୁଛି, ଏବଂ ଏଥିରେ ତାକୁ ଔଗଔର ଖୋଲା ସମର୍ଥନ ମିଳିଛି । ବର୍ତ୍ତମାନ ଡ୍ରୋନ୍ ଏବଂ କ୍ୱାଡକପଟର ଆସିବା ପରେ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣରୁ ଆରମ୍ଭ କରି ଆକ୍ରମଣ କରିବା ପର୍ଯ୍ୟନ୍ତ, ଭାରତ ସାମ୍ନାରେ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହୋଇପାରେ । ଜୈସ-ଏ-ମହମ୍ମଦର ଆର୍ଥିକ ଶକ୍ତି ମଧ୍ୟ ବର୍ତ୍ତମାନ ଡିଜିଟାଲ ଦୁନିଆ ଉପରେ ଆଧାରିତ ହୋଇଛି । ସଂଗଠନକୁ ପ୍ରତିବର୍ଷ ୮୦୦-୯୦୦ ମିଲିୟନ ପାକିସ୍ତାନୀ ଟଙ୍କା ଫଣ୍ଡି ମିଳିଥାଏ । ଏହି ଟଙ୍କା ବର୍ତ୍ତମାନ ଡିଜିଟାଲ ୱାଲେଟ୍ ମାଧ୍ୟମରେ ଆସୁଛି ଏବଂ ପ୍ରାୟ ୫୦% ଫଣ୍ଡି ଆଧୁନିକ ଅସ୍ତ୍ରଶସ୍ତ୍ର କିଣିବାରେ ଖର୍ଚ୍ଚ କରାଯାଉଛି । ଜୈସର ତେହେରିକ-ଏ-ତାଲିବାନ ପାକିସ୍ତାନ (TTP) ସହିତ ମଧ୍ୟ ଗଭୀର ସମ୍ପର୍କ ରହିଛି । TTP ପୂର୍ବରୁ ଡ୍ରୋନ୍ ଆକ୍ରମଣର ବ୍ୟବହାର କରିସାରିଛି ଏବଂ ବର୍ତ୍ତମାନ ସେହି ବୈଷୟିକ ଜ୍ଞାନକୌଶଳ ଜୈସକୁ ମଧ୍ୟ ମିଳିପାରେ ।


# ଆମେରିକା ସ୍କୁଲରେ ଗୁଳିକାଣ୍ଡ, ୩ ମୃତ

ୱାଶିଂଟନ୍ : ପୁଣି ଏକ ଗୁଳିକାଣ୍ଡରେ ରକ୍ତରଂଜିତ ହୋଇଛି ଆମେରିକାର ସ୍କୁଲ । ଏହି ଗୁଳିକାଣ୍ଡରେ ଜଣେ ସ୍କୁଲଛାତ୍ର ସମେତ ମୋଟ ୩ ଜଣ ମୃତ୍ୟୁବରଣ କରିଛନ୍ତି ଓ ପ୍ରାୟ ୨୦ ଜଣ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଆକ୍ରମଣକାରୀ ମଧ୍ୟ ରହିଛି । ଏହି ଗୁଳିକାଣ୍ଡ ସଂପର୍କରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମଧ୍ୟ ସୂଚୀତ କରାଯାଇଛି । ବୁଧବାର ସକାଳେ ଆମେରିକାର ମିନିଆପୋଲିସରେ ଥିବା ଆନାନସିଏସନ୍ କ୍ୟାଥୋଲିକ୍ ସ୍କୁଲରେ ଗୁଳିକାଣ୍ଡ ହୋଇଥିଲା । ଏହି ଆକ୍ରମଣରେ ତିନି ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨୦ ଜଣ ଆହତ ହୋଇଛନ୍ତି । ଆମେରିକାର ନ୍ୟାୟ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ମୃତକଙ୍କ ମଧ୍ୟରେ ଆକ୍ରମଣକାରୀ ରହିଛି । ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସ୍କୁଲପିଲାମାନେ ସକାଳ ପ୍ରାର୍ଥନା ସଭାରେ ଯୋଗ ଦେଉଥିବାବେଳେ ଏହି ଗୁଳିକାଣ୍ଡ ହୋଇଥିଲା । ଏହି ସ୍କୁଲଟି ମିନିଆପୋଲିସର ଦକ୍ଷିଣ-ପୂର୍ବ ଆବାସିକ ଅଞ୍ଚଳରେ ଅବସ୍ଥିତ । ଏହି ଘଟଣା ପରେ, ପୁଲିସ, ଏଫବିଆଇ, ଫେଡେରାଲ୍ ଏଜେଣ୍ଟ ଏବଂ ଆମ୍ବୁଲାନ୍ସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ସ୍କୁଲ ସହିତ ଜଡିତ ଜଣେ ବ୍ୟକ୍ତିଙ୍କ ଅନୁଯାୟୀ, ପିଲାମାନଙ୍କୁ ସ୍କୁଲରୁ ସୁରକ୍ଷିତ ଭାବରେ ବାହାର କରାଯାଇଥିଲା ।

## ୬୪ତମ ଭାରତୀୟ ଗହମ ଓ ଯଅ ଗବେଷଣା କର୍ମୀ ସମ୍ମିଳନୀ

# ଉତ୍ପାଦନ ବୃଦ୍ଧି, ଖର୍ଚ୍ଚ ହ୍ରାସକୁ ଗୁରୁତ୍ୱ

ଗ୍ୱାଲିୟର,: ଭାରତ ଆଜି ଗହମ ଏବଂ ଚାଉଳ ଉତ୍ପାଦନରେ ଆତ୍ମନିର୍ଭରଶୀଳ । କିନ୍ତୁ ଉତ୍ପାଦନ ବୃଦ୍ଧି ସହିତ, ଖର୍ଚ୍ଚ ହ୍ରାସ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯାହା ଦ୍ୱାରା ଚାଷ ଲାଭଜନକ ହୋଇପାରିବ । ସେ ମଙ୍ଗଳବାର ଦିନ ଗ୍ୱାଲିୟରସ୍ଥିତ ରାଜମାତା ବିଜୟାରାଜେ ସିନ୍ଧିଆ କୃଷି ବିଶ୍ୱବିଦ୍ୟାଳୟରେ ଆୟୋଜିତ '୬୪ତମ ଅଖିଳ ଭାରତୀୟ ଗହମ ଏବଂ ଯଅ ଗବେଷଣା କର୍ମୀ ' ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହା କହିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଶ୍ରୀ ଚୌହାନ କୃଷି ବୈଜ୍ଞାନିକ ଡକ୍ଟର ଏମ୍.ଏସ୍. ସ୍ୱାମୀନାଥନଙ୍କ ଶତବାର୍ଷିକୀ ବର୍ଷକୁ ମନେ ପକାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ କହିଥିଲେ ଯେ ଦେଶରେ ଖାଦ୍ୟ ଶସ୍ୟ ଆତ୍ମନିର୍ଭରତାରେ ତାଙ୍କର ଅବଦାନ ଅବିସ୍ମରଣୀୟ । କୃଷକମାନଙ୍କ କଠିନ ପରିଶ୍ରମକୁ ଶ୍ରଦ୍ଧାଞ୍ଜଳି ଦେଇ ସେ କହିଛନ୍ତି ଯେ କୃଷକମାନଙ୍କ କଠିନ ପରିଶ୍ରମ ଏବଂ ବୈଜ୍ଞାନିକମାନଙ୍କ ଗବେଷଣା ବଳରେ ଭାରତ ଆଜି ବିଶ୍ୱ ସ୍ତରରେ ଏକ ଶକ୍ତିଶାଳୀ କୃଷି ରାଷ୍ଟ୍ର ଭାବରେ ଠିଆ ହୋଇଛି ।କୃଷି ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଗତ ୧୦-୧୧ ବର୍ଷ ମଧ୍ୟରେ ଗହମ ଉତ୍ପାଦନ ୮୬.୫ ନିୟୁତ ଟନ୍



ରୁ ୧୧୭.୫ ନିୟୁତ ଟନ୍ ହୋଇଛି, ଯାହା ପ୍ରାୟ ୪୪ ପ୍ରତିଶତ ବୃଦ୍ଧି । ସେ କହିଛନ୍ତି ଯେ ଏହି ସଫଳତା ଉଲ୍ଲେଖନୀୟ, କିନ୍ତୁ ଆମକୁ ଏବେ ବି ପ୍ରତି ହେକଟର ଉତ୍ପାଦନକୁ ବିଶ୍ୱ ହାରାହାରି ସହିତ ସମକକ୍ଷ କରିବା ପାଇଁ କାମ କରିବାକୁ ପଡିବ ।

# ପିଲାଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଉଛି ଚାଟଜିପିଟି

ନୂଆଦିଲ୍ଲୀ: ପିଲାଙ୍କୁ ଅବାଟରେ ନେଉଛି ଚାଟଜିପିଟି । ପିଲାମାନଙ୍କୁ ଆତ୍ମଘାତର ପଦ୍ଧତି ବତାଇ କ୍ଷତି ପହଞ୍ଚାଉଛି ବୋଲି ଚାଟଜିପିଟି ବିରୋଧରେ ଏବେ ଏକ ଅଭିଯୋଗ ଆସିଛି । ଚାଟଜିପିଟ ବ୍ୟବହାର କରି ଜଣେ କିଶୋର ମୃତ୍ୟୁ ବରଣ କରିବା ପରେ ତାଙ୍କ ବାପାମାଆ ମଙ୍ଗଳବାର ଦିନ ଚାଟଜିପିଟିର ମୂଳ ସଂସ୍ଥା ଓପନ୍ ଏଆଇ ଏବଂ ତାହାର ସିଇଓ ସାମ୍ ଅଲଫମ୍ୟାନଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତ । ସେ ଅଭିଯୋଗ ଆଣି କହିଛନ୍ତି ଯେ କମ୍ପାନି ଗତ ବର୍ଷ ଏହାର କୃତ୍ରିମ ବୁଦ୍ଧିମତ୍ତା ଚାଟବଟର ଜିପିଟି-୪୦ ସଂସ୍କରଣ ଲଞ୍ଚ କରିବା ସମୟରେ ଜାଣିଶୁଣି ସୁରକ୍ଷା ଉପରେ ଲାଭକୁ ବାଛିଛି । ସାନ ଫ୍ରାନ୍ସିସ୍କୋ ରାଜ୍ୟ କୋର୍ଟରେ ରାଇନଙ୍କ ବାପାମାଆ ଦାୟର କରିଥିବା ମାମଲା ଅନୁଯାୟୀ, ୧୬ ବର୍ଷୀୟ ଆଡାମ ରାଇନ ମାସ ମାସ ଧରି ଚାଟଜିପିଟି ସହିତ ଆତ୍ମହତ୍ୟା ବିଷୟରେ ଆଲୋଚନା କରିବା ପରେ ଏପ୍ରିଲ ୧୧ ତାରିଖରେ ମୃତ୍ୟୁବରଣ କରିଥିଲେ । ସେମାନେ ଅଭିଯୋଗ କରିଛନ୍ତି ଯେ ଚାଟବଟ୍ ତାଙ୍କ ପୁଅକୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଛ । ପିତାମାତାଙ୍କ




ମଦ କ୍ୟାବିନେଟରୁ ମଦ କିପରି ଚୋରି କରି ଆତ୍ମହତ୍ୟା ଉଦ୍ୟମର ପ୍ରମାଣ ଲୁଚାଇବ ସେ ବିଷୟରେ ନିର୍ଦ୍ଦେଶ ଦେଇଥିଲା । ଚାଟଜିପିଟି ଏକ ଆତ୍ମହତ୍ୟା ନୋଟ୍ ପ୍ରସ୍ତୁତ କରିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲା, ପିତାମାତା ମାଥ୍ୟୁ ଏବଂ ମାରିଆ ରାଇନ୍ ମକଦମାରେ କହିଛନ୍ତି । ଓପନ୍ଏଆଇର ଜଣେ ମୁଖପାତ୍ର କହିଛନ୍ତି ଯେ କମ୍ପାନି ରାଇନଙ୍କ ମୃତ୍ୟୁରେ ଦୁଃଖିତ ଏବଂ ଚାଟଜିପିଟିରେ ଲୋକଙ୍କୁ ସଙ୍କଟକାଳୀନ ହେଲ୍ପଲାଇନକୁ ନିର୍ଦ୍ଦେଶ ଦେବା ଭଳି ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଭୁକ୍ତ ।

## ୟୁଏସ୍ ଓପନ

# ସେଗମୁଣ୍ଡ, ନୋସକୋଭା, ଭିର୍ଭ, ପଲ ବିଜୟୀ

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି) : ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ହଟଚମଟ ଜାରି ରହିଛି । ସିଡେଡ୍ ଖେଳାଳି ପ୍ରଥମ ରାଉଣ୍ଡ ହର୍ଡଲ୍ସ ଅତିକ୍ରମ କରିବାକୁ ସଫଳ ହୋଇପାରୁନାହାଁନ୍ତି । ପ୍ରତିଯୋଗିତାର ଦ୍ୱିତୀୟ ଦିନ ପ୍ରଥମ ରାଉଣ୍ଡ ପର୍ଯ୍ୟାୟର ମ୍ୟାଚଗୁଡିକରେ ଲୌରା ସେଗମୁଣ୍ଡ, ଆସଲିନ୍ କ୍ରୁଗର, ଲିଣ୍ଡା ନୋସକୋଭା ବିଜୟଲାଭ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ପୁରୁଷ ସିଙ୍ଗଲ୍ସରେ ଅନୁଷ୍ଠିତ ଏକାଧିକ ମ୍ୟାଚ ଗୁଡିକରେ ତୀବ୍ର ସଂଘର୍ଷ ଦେଖିବାକୁ ମିଳିଛି । ଆଲେକଜାଣ୍ଡାର ଭିର୍ଭ ୬-୨, ୭-୬, ୬-୪ ସେଟ୍‌ରେ ତାବିଲୋଙ୍କୁ ପରାଜିତ କରିଥିଲେ । ଜମାଣିଆ ବିଜୟ ସହ ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଭିର୍ଭ । ସେହିଭଳି ଅନ୍ୟଏକ ମ୍ୟାଚରେ ଟୁର୍ଣ୍ଣାମେଣ୍ଟର ୧୪ ତମ ସିଡ୍ ଟମି ପଲ ୬-୨, ୬-୩, ୬-୧ ସେଟ୍‌ରେ ଏଲମର ମୋଲରଙ୍କୁ ପରାଜିତ କରିଥିଲେ । ଜାକଭ ଫେମଲି ୭-୫,୬-୨, ୫-୭, ୬-୪ ସେଟ୍‌ରେ ରୋବେର୍ଟୋ ବୌଟିଷ୍ଟା ଅଗୁଟଙ୍କୁ ପରାଜିତ କରିଥିଲେ । ରୋମାନ ସାଫିଉଲିନ୍ ୬-୪, ୨-୬, ୬-୧, ୬-୩, ୬-୪ ସେଟ୍‌ରେ ଗେଲ ମନଫିଲ୍ସଙ୍କୁ ପରାଜିତ କରିଛନ୍ତି । ଅନ୍ୟ ଏକ ସିଙ୍ଗଲ୍ସ ମୁକାବିଲାରେ ନୁନୋ ବର୍ଗସ ୬-୪, ୬-୨,୬-୩ ସେଟ୍‌ରେ ବ୍ରାଣ୍ଡନ ହଲ୍ଟଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଅନ୍ୟ ଏକ ପ୍ରଥମ ମୁକାବିଲାରେ ଆଲେକ୍ସ ଡି ମିନାଉର ୬-୩, ୬-୪ ସେଟ୍‌ରେ ଖ୍ରୀଷ୍ଟୋଫର ଓସେନିଲ୍‌ଙ୍କୁ ହରାଇଥିଲେ ।



## ମିଳିଲା କ୍ୟାବିନେଟ ମଞ୍ଜୁରୀ

# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ଆବେଦନ କରିବ ଭାରତ




ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି) : ୨୦୩୦ ରେ ଭାରତରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ନେଇ ବାଟ ଫିଟିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ବିଡ୍ ଲଗାଇବା ପାଇଁ କ୍ରୀଡା ମନ୍ତ୍ରାଣାଳୟର ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି । ଅହମ୍ମଦାବାଦକୁ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ପାଇଁ ଭାରତ ନିଜର ପ୍ରଥମ ଭେନ୍ୟୁ ଭାବେ ଉପସ୍ଥାପନ କରିବ । ପୂର୍ବରୁ ୨୦୧୦ରେ ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡା ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଭାରତ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲା । ଗୁଜରାଟର ଅହମ୍ମଦାବାଦ ଆଦର୍ଶ ଆୟୋଜକ ସହର ଭାବେ ସାମ୍ନାକୁ ଆସିଛି । ଏକ ବିଶ୍ୱ ସ୍ତରୀୟ ଷ୍ଟାଡିୟମ, ଅତ୍ୟାଧୁନିକ ତାଲିମ ସୁବିଧା ରହିଛି । ଆଇସିସି କ୍ରିକେଟ୍ ବିଶ୍ୱ କପ୍ ୨୦୨୩ ଫାଇନାଲ୍ ମ୍ୟାଚ ମଧ୍ୟ ନରେନ୍ଦ୍ର ମୋଦୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଇଥିଲା । ରାଜ୍ୟଗୋଷ୍ଠୀ କ୍ରୀଡାରେ ୭୨ ଦେଶର ଖେଳାଳି ଅଂଶଗ୍ରହଣ କରିବେ । ଏହି କ୍ରୀଡା କାର୍ଯ୍ୟକ୍ରମ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହିତ କ୍ରୀଡା ବ୍ୟତୀତ ଭିବିନ୍ନ କ୍ଷେତ୍ରରେ ନିଯୁକ୍ତି ଏବଂ ସୁଯୋଗ ସୃଷ୍ଟି କରିବ ।
କ୍ରୀଡା ବ୍ୟତୀତ ଭାରତରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ଏହି ବଡ କ୍ରୀଡା । ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ଲକ୍ଷ୍ ଲକ୍ଷ ଯୁବ ଖେଳାଳିଙ୍କୁ ପ୍ରେରଣା ଦେବ । କ୍ରୀଡା ବିଜ୍ଞାନ , ଇଭେଣ୍ଟ ପରିଚାଳନା, ଲଜେଷ୍ଟିକ୍ସ ପରିବହନ, ପ୍ରସାରଣ, ଗଣମାଧ୍ୟମ, ସୂଚନା ପ୍ରଯୁକ୍ତି ବିଦ୍ୟା, ଯୋଗାଯୋଗ, ଜନସମ୍ପର୍କ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ବହୁ ସଂଖ୍ୟକ ବୃତ୍ତିଗତ ସୁଯୋଗ ପାଇବେ । ଏହି ପରି ଏକ କ୍ରୀଡା କାର୍ଯ୍ୟକ୍ରମ ଜାତୀୟ ଗର୍ବ ଏବଂ ଏକତାର ଭାବନାକୁ ସୁଦୃଢ କରିବ । ଦେଶର ସମସ୍ତ ଅଂଶର ଲୋକମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଯାହା ଆମ ଦେଶର ମନୋବଳକୁ ବଢାଇବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ରାଜ୍ୟଗୋଷ୍ଠୀ କ୍ରୀଡା ୨୦୩୦ ର ଆୟୋଜକ ହେବା ନେଇ କ୍ରୀଡା ମନ୍ତ୍ରଣାଳୟ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହା ସହ ଆବଶ୍ୟକ ଗ୍ୟାରେଣ୍ଟି ସହ ସହଯୋଗ ବୁଝାବଣା ଅନୁସାରେ ଗୁଜରାଟ ସରକାରଙ୍କୁ ଅନୁଦାନ ପାଇଁ ମଞ୍ଜୁରୀ ଦିଆଯାଇଛି । ଆୟୋଜକ ହେବା ପାଇଁ ଆବେଦନ ଦାଖଲ କରିବାର ଶେଷ ତାରିଖ ଅଗଷ୍ଟ ୩୧ ଧାର୍ଯ୍ୟ ହୋଇଛି ।

# ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍

## ସିନ୍ଧୁଙ୍କ ଅଭିଯାନ



ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି) : ଦୁଇଥର ଅଲମ୍ପିକ୍ସ ବିଜେତା ପିଭି ସିନ୍ଧୁ ଓ ଏଚଏସ ପ୍ରଣୟ ବିଶ୍ୱ ଚାମ୍ପିଅନସିପ୍ ଅଭିଯାନ ଆରମ୍ଭ କରିଛନ୍ତି । ପ୍ୟାରିସରେ ଆୟୋଜିତ ହେଉଥିବା ଏହି ମେଗା ପ୍ରତିଯୋଗିତାରେ ସିନ୍ଧୁ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ବୁଲଗେରିଆର କାଲୋୟାନା ନଲୱାଙ୍ଗଟୋୱାଙ୍କୁ ସିଧାସଳଖ ଗେମ୍‌ରେ ପରାଜିତ କରିଥିଲେ । ସିନ୍ଧୁ ୨୩-୨୧ ଓ ୨୧-୬ ଗେମରେ ଜିତିଥିଲେ ।
ମିକ୍ସଡବଲ୍ସରେ ରୋହନ କାପୁର ଓ ରୁଥଭିକ ସିବାନୀଗାଡେ ୧୮-୨୧, ୨୧-୧୬, ୨୧-୧୮ ଗେମରେ ଡବ୍ଲ୍ୟୁସି ନାଙ୍ଗ ଓ ଆଇସିଲଙ୍ଗ (ଚାଇନିଜ୍ ତାଇପେଇ)ଙ୍କୁ ପରାଜିତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ପୁରୁଷ ଡବଲ୍ସରେ ଆରକେ ରିଥିନା ସବାପଥି ଓ ଏଚ୍ ଅମସ କରୁନ ୧୫-୨୧, ୫-୨୧ ଗେମରେ ତାଇୱାନର ପିଏଚ୍ ୟଙ୍ଗ ଓ କେ ଲିୟୁଙ୍କ ଠାରୁ ପରାଜିତ ହୋଇଛନ୍ତି ଅଭିଯାନ ଶେଷ କରିଛନ୍ତି । ସିନ୍ଧୁଙ୍କ ପ୍ରଦର୍ଶନ ଜମାଣିଆ ଥିଲା । ସେ ପ୍ରଥମ ରାଉଣ୍ଡରେ ୨୩-୨୧, ୨୧-୬ଗେମରେ ବିଜୟ ଲାଭ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ପ୍ରଣୟ ୨୧-୧୮, ୨୧-୧୫ ଗେମରେ ଫିନଲାଣ୍ଡର ଜୋଆକିମ ଓଲ୍ଡରଫଙ୍କୁ ହରାଇ ଆଗକୁ ବଢିଛନ୍ତି ।

# ଆଇପିଏଲରୁ ଅଶ୍ୱିନୀଙ୍କ ଅବସର ଘୋଷଣା




ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି) : ଭେଟରାଲ ତାରକା ସ୍ପିନର ରବିଚନ୍ଦ୍ର ଅଶ୍ୱିନ ଆଇପିଏଲରୁ ଅବସର ନେଇଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ ଆଉ ଆଇପିଏଲ୍ ଖେଳିବେ ନାହିଁ । ତେବେ ଅନ୍ୟାନ୍ୟ ଟି -୨୦ ଲିଗ୍‌ରେ ଖେଳ ଜାରି ରଖିବେ । ଅଶ୍ୱିନ ଗତ ୨୦୨୪ ଡିସେମ୍ବର ୧୮ ରେ ଅଷ୍ଟ୍ରେଲିଆ ବିପକ୍ଷ ଗାବା ଟେଷ୍ଟ ପରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ । ସେତେବେଳେ ସେ ଆଇପିଏଲ ଖେଳିବେ ବୋଲି କହିଥିଲେ । ଗତ ସିଜନରେ ଚେନ୍ନାଇ ସୁପରକିଙ୍ଗ୍ସ ପାଇଁ ଖେଳିଥିଲେ । ଅଶ୍ୱିନ ୯ ଟି ମ୍ୟାଚ ଖେଳି ୭ ୱିକେଟ୍ ନେଇଥିଲେ । ଗତବର୍ଷ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ ଅଶ୍ୱିନ । ଦୁଇଦିନ ତଳେ ଭେଟେରାଲ୍ ଚେତେଶ୍ୱର ପୂଜାରା ମଧ୍ୟ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ । ନିକଟରେ ଚେନ୍ନାଇ ସୁପରକିଙ୍ଗ୍ସ ଉପରେ ଅନେକ ବିବାଦୀୟ ବୟାନ ଦେଇଥିଲେ ଅଶ୍ୱିନ । ପରେ ଆଲୋଚନା ହେଉଥିଲା ଯେ ଅଶ୍ୱିନ ଆଇପିଏଲ୍ କ୍ୟାରିୟରକୁ ନେଇ ବଡ ନିଷ୍ପତ୍ତି ନେଇପାରନ୍ତି । ଅଶ୍ୱିନ ତାହା ହିଁ କରିଛନ୍ତି । ସୋସିଆଲ୍ ମିଡିଆରେ ଆଇପିଏଲରୁ ଅବସର ଘୋଷଣା ସମ୍ପର୍କରେ ସୂଚନା ଦେଇଛନ୍ତି । ଆଜି ଏକ ସ୍ୱତନ୍ତ୍ର ଦିନ । ତେଣୁ ଏକ ନୂଆ ଆରମ୍ଭ ହେବାକୁ ଯାଉଛି । ସବୁ ଶେଷର ଏକ ନୂଆ ଆରମ୍ଭ ହୋଇଥାଏ । ଜଣେ ଆଇପିଏଲ୍ କ୍ରିକେଟର ଭାବେ ମୋର କ୍ୟାରିୟର ଶେଷ ହୋଇଛି । ହେଲେ ବିଶ୍ୱର ଅନ୍ୟ ଟି -୨୦ ଖେଳ ଜାରି ରଖିବି । ଏପର୍ଯ୍ୟନ୍ତ ବିସିସିଆଇ ଓ ଆଇପିଏଲ୍ ମୋତେ ଯାହା ଦେଇଛନ୍ତି, ସେ ନେଇ ଅଶେଷ ଅଶେଷ ଧନ୍ୟବାଦ । ଏତେ ବର୍ଷ ଧରି ସୁନ୍ଦର ସମ୍ପର୍କ ପାଇଁ ସବୁ ଫାଞ୍ଚାଇଜକୁ ଧନ୍ୟବାଦ ।

# ଗୌତମଙ୍କୁ ଏସ୍‌ଆର୍‌ଏଫ୍‌ଆଇର ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୭।୮ (ସବ୍ୟୁ) : ସ୍କ୍ୱାଶ ରାକେଟ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସ୍‌ଆର୍‌ଏଫ୍‌ଆଇ) ଏବଂ ଏଚ୍‌ସିଏଲ୍ ସ୍କ୍ୱାଶ ପକ୍ଷରୁ ମିଳିତ ଭାବେ ନୂଆଦିଲ୍ଲୀର ଲୋଧୀ ରୋଡ ସ୍ଥିତ ଇଣ୍ଡିଆ ହାବିଟାର୍ଟ ସେଣ୍ଟରରେ କୋଚ୍ ଗୌତମଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।ଏତଦ୍ ବ୍ୟତୀତ ଏସିଆ ଏବଂ ବିଶ୍ୱସ୍ତରୀୟ ସ୍କ୍ୱାଶ ପ୍ରତିଯୋଗିତାରେ ଚମକ ପଦ ପ୍ରଦର୍ଶନ ଦେଖାଇଥିବା ଭାରତୀୟ ତାରକାଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏସ୍‌ଆର୍‌ଏଫ୍‌ଆଇର ସଭାପତି ଅନିଲ ୱାଧୱାଙ୍କ ସହିତ ଭେଲାଭାନ୍ ସେନ୍‌ଫିଲ୍ କୁମାର, ଅନହତ ସିଂ, ଅଭୟ ସିଂ, ଜ୍ୟୋସ୍ନା ଚିନାପା, ଗୌତମ ଦାସ ଏବଂ ରଜତ ଚାଣ୍ଡୋଲିଆ ସାମିଲ ଥିଲେ । ଭାରତୀୟ ସ୍କ୍ୱାଶର ମାନ ବୃଦ୍ଧି କରିବା ପାଇଁ ସେମାନଙ୍କ ଉତ୍ସର୍ଗ, ସ୍ଥିରତା, ଅସାଧାରଣ ଦକ୍ଷତା ପାଇଁ ସମ୍ମାନିତ କରାଯାଇଥିଲା । ଏସିଅ ଚାମ୍ପିଅନସିପରେ ଭାରତୀୟ ଦଳରେ ପ୍ରଶିକ୍ଷକ ଗୌତମ ଦାସଙ୍କୁ ବିଶେଷ ପ୍ରଶଂସା କରାଯାଇଥିଲା । ଯେଉଁଠାରେ ଭାରତ ବ୍ୟକ୍ତିଗତ ବର୍ଗରେ ବ୍ରୋଞ୍ଜ ସହିତ ଡବଲ ଇଭେଣ୍ଟରେ ୩ ଟି ସ୍ୱର୍ଣ୍ଣ ପଦକ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିଲା । ଗୌତମ ଦାସ ଏସ୍‌ଆରଏଫ୍‌ଆଇର ପୂର୍ବ ଜୋନ ପ୍ରଶିକ୍ଷଣର ଦାୟିତ୍ୱ ନେଇଛନ୍ତି । ଏହି କେନ୍ଦ୍ର କୋଲକାତାରେ ରହିଛି । ଓଡିଶାରେ ଜନ୍ମଗ୍ରହଣ କରି ସେ ଓଡିଶାର ଯୁବ ସ୍କ୍ୱାଶ ଖେଳାଳିଙ୍କୁ ଜାତୀୟ ସ୍ତରରେ ଦକ୍ଷ କରିବା ପାଇଁ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି ସମ୍ବର୍ଦ୍ଧନା ସମାରୋହ ଏସ୍‌ଆରଏଫ୍‌ଆଇ ଏବଂ ଏହାର ଅଂଶୀଦାର ଭାରତୀୟ ସ୍କ୍ୱାଶ ଖେଳାଳିଙ୍କୁ ଆହୁରି ପ୍ରେରଣା ଦେବା ସହିତ ପ୍ରତିବର୍ଦ୍ଧତାକୁ ସୂଚାଉଛି ।

# ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଭଦ୍ରକ,(ସବ୍ୟୁ): ଗତ ୨୩ ତାରିଖରୁ ଆରମ୍ଭ ହୋଇ ଦୁଇଦିନ ବ୍ୟାପୀ ଚାଲିଥିବା ଜିଲାସ୍ତରୀୟ ବ୍ୟାଡମିଂଟନ ଚମ୍ପିୟାନସିପ୍ ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍‌ରେ ଉଦ୍‌ଯାପିତ ହୋଇଯାଇଛି । ଭଦ୍ରକ ଜିଲା ବ୍ୟାଡମିଂଟନ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ଜିଲାସ୍ତରୀୟ ବ୍ୟାଡମିଂଟନ ଚମ୍ପିଆନସିପ୍‌ରେ ସମସ୍ତ ବର୍ଗରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ପ୍ରାୟ ୧୮୫ ଜଣ ଖେଳାଳୀ ଅଂଶଗ୍ରହଣ କରିଥିଲେ । ୯ ବର୍ଷରୁ କମ୍ ପୁରୁଷ ବିଭାଗରେ ସୌମ୍ୟ ମୈତୀକୁ ହରାଇ ନିମିତ୍ କେଜ୍ରିଓ୍ୱାଲ ଚମ୍ପିୟାନ ହୋଇଥିଲେ । ସେହିଭଳି ୧୧ ବର୍ଷରୁ କମ୍ ବିଭାଗରେ ଶୁଭାଦିତ୍ୟ ମହାପାତ୍ର ଚମ୍ପିୟାନ ହୋଇଛନ୍ତି । ୧୩ ବର୍ଷରୁ କମ୍ ପୁରୁଷ ବିଭାଗରେ ସାଇ ସାମଲଙ୍କୁ ହରାଇ ଆନନ୍ଦ ଅମିତାଭ ଦାସ ଚମ୍ପିୟାନ ହୋଇଛନ୍ତି । ଡବଲ୍ସରେ ଅଭିକ୍ ଏବଂ ଭୋଲାକୁ ହରାଇ ଅମିତାଭ ଓ ପ୍ରତ୍ୟୁଷ ରାଉତ ଚମ୍ପିୟାନ ହୋଇଛନ୍ତି । ୧୫ ବର୍ଷରୁ କମ୍ ବିଭାଗ ପୁରୁଷରେ ଆୟୁଷ୍ମାନଙ୍କୁ ହରାଇ ଶିବସର୍ମକ ଚମ୍ପିୟାନ ହୋଇଛନ୍ତି । ମହିଳା ବିଭାଗରେ ନିତଯାକୁ ହରାଇ ଦକସାସୀ ଚମ୍ପିୟାନ ହୋଇଛନ୍ତି । ଡବଲ୍ସରେ ଆୟୁଷ୍ମାନ ସାହୁ ଓ ସାଇ ସାମଲଙ୍କୁ ହରାଇ ଦେବାଶିଷ ଓ ଶିବସର୍ମକ ଜୟଯୁକ୍ତ ହୋଇଛନ୍ତି । ୧୭ ବର୍ଷରୁ କମ୍ ବିଭାଗରେ ହିମାଂଶୁ କୁ ହରାଇ ଶୁଭ୍ରାଂଶୁ ଜିତିଛନ୍ତି । ଡବଲ୍ସ ବିଭାଗରେ ଭବ ଜଗଦୀଶଙ୍କୁ ହରାଇ ଆୟୁଷ୍ମାନ ଓ ଦେବାଶିଷ ଜୟଯୁକ୍ତ ହୋଇଛନ୍ତି ।୧୯ ବର୍ଷ କମ୍ ବିଭାଗରେ ଶୁଭ୍ରାଂଶୁଙ୍କୁ ହରାଇ ନିହାର ଚମ୍ପିୟାନ ହୋଇଛନ୍ତି । ଡବଲ୍ସ ବିଭାଗରେ ରୋହିତ ଆୟୁଷ୍ମାନଙ୍କୁ ହରାଇ ଶିବ ଓ ନିହାର ଚମ୍ପିୟାନ ହୋଇଛନ୍ତି । ସିନିୟର ସିଙ୍ଗିଲ୍ସରେ ପ୍ରିୟାଂଶ ମଲ୍ଲିକକୁ ହରାଇ ଗୋପାଳ ସାମଲ ଚମ୍ପିୟାନ ହୋଇଛନ୍ତି । ଡବଲ୍ସରେ ମଗଦୁଲ ଏଣ୍ଡ ସକିଲଙ୍କୁ ହରାଇ ଅଶୋକ ଓ ଗୋପାଳ ଚମ୍ପିୟାନ ହୋଇଛନ୍ତି । ୪୦ ବର୍ଷରେ ନିର୍ମଳ ଏଣ୍ଡ ଶରତକୁ ହରାଇ ବେୟାମକେଶ ଓ ପାର୍ଟନର ଚମ୍ପିୟାନ ହୋଇଛନ୍ତି । ସେହିଭଳି ୪୫ ବର୍ଷରେ ବେୟାମକେଶ ଚମ୍ପିୟାନ ହୋଇଛନ୍ତି । ଏହି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସିଟି ଡିଏସ୍‌ପି ସମ୍ବିତ କୁମାର ମାଝୀ, ସମ୍ମାନିତ ଅତିଥି ଭାବେ ଶୁଭେନ୍ଦୁ ରାୟ ମହାପାତ୍ର, ଶିଳ୍ପପତି ଅଶୋକ କୁମାର ଗୁପ୍ତା, ଜିଲା ବଡି ବିଲ୍ଡିଂ ଆସୋସିଏସନ୍‌ର ସଂପାଦକ ତୁଷାରକାନ୍ତ ଦାସ, କାର୍ଯ୍ୟକାରୀ ସଦସ୍ୟ ବିଜୟ କୁମାର ପାଣି, ବିବିଏ ଏକାଡେମୀର ଉଦ୍ୟୋକ୍ତା ଦୀପିକା ଦେଶାଇ ଓ ଚିରାଗ ଦେଶାଇ, ଓଡ଼ିଶା ରାଜ୍ୟ ସାଇ ବ୍ୟାଡମିଂଟନର କୋଚ୍ ସୁଶୀଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଭଦ୍ରକ ଜିଲା ବ୍ୟାଡମିଂଟନ ଆସୋସିଏସନ୍‌ର ସଭାପତି ସତ୍ୟେନ୍ଦୁ ରାୟ ମହାପାତ୍ର, କାର୍ଯ୍ୟକାରୀ ସଂପାଦକ ନିଳାଦ୍ରୀ ମହାନ୍ତି ଏଥିରେ ଯୋଗ ଦେଇଥିଲେ । ଏହି ଖେଳକୁ ରେଫରୀ ବୁନୁ ପାଲ, ବିଶ୍ୱନାଥ ଦତ, ଟୋନି, ଚିରଞ୍ଜୀବ ଭୋଇ ପରିଚାଳନା କରିଥିଲେ ।

# କ୍ଲାର୍କଙ୍କୁ କ୍ୟାନସର

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି) : ଅଷ୍ଟ୍ରେଲିଆର କିମ୍ବଦନ୍ତୀ କ୍ରିକେଟର ମାଇକେଲ୍ କ୍ଲାର୍କ ଦୁରାରୋଗୀୟ କ୍ୟାନସରରେ ପୀଡିତ ଅଛନ୍ତି । ସେ ଚର୍ମ କର୍କଟର ଶିକାର ହୋଇଥିବା ସୋସିଆଲ୍ ମିଡିଆ ଜରିଆରେ ସାରା ବିଶ୍ୱକୁ ଅବଗତ କରାଇଛନ୍ତି । ନିଜର ସ୍ୱାସ୍ଥ୍ୟ ସମ୍ପର୍କରେ କ୍ଲାର୍କ ଅବଡେଟ୍ ଦେବା ସହ ସମସ୍ତଙ୍କୁ ନିୟମିତ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି । ଇନ୍‌ଷ୍ଟାଗ୍ରାମରେ କ୍ଲାର୍କ କହିଛନ୍ତି ଚର୍ମ କର୍କଟ ରୋଗ ହୋଇଥିବା ସତ । ବିଶେଷ କରି ଅଷ୍ଟ୍ରେଲିଆର । ଆଉ ଏକ ଅଂଶ ମୋ ନାକରୁ ବାହାରିଲା ।ଗୋଟିଏ ବନ୍ଧୁତ୍ୱପୂର୍ଣ୍ଣ ପରାମର୍ଶ ନିଜ ଚର୍ମର ପରୀକ୍ଷା କରି ନିଅନ୍ତୁ । ଶୀଘ୍ର ଜଣାପଡିଥିବାରୁ ଡାକ୍ତରଙ୍କୁ ଧନ୍ୟବାଦ ।
ନିଜର ବ୍ୟାଟିଂ ଓ ଅଧିନାୟିକତ୍ୱ ପାଇଁ ଜଣାଶୁଣା କ୍ଲାର୍କ ଅଷ୍ଟ୍ରେଲିଆ ପାଇଁ ୧୧୫ ଟେଷ୍ଟ, ୨୪୫ ଦିନିକିଆ ଓ ୩୪ ଟି ଟି-୨୦ ମ୍ୟାଚ ଖେଳିଛନ୍ତି । ୨୦୦୪ରୁ ୨୦୧୫ ଯାଏ ସେ ଅଷ୍ଟ୍ରେଲିଆ କ୍ରିକେଟରେ ସକ୍ରିୟ ଥିଲେ । ତାଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦିନିକିଆ ଓ ଟେଷ୍ଟରେ ଅନେକ ସୁଦ୍ଧାର ଆସିଥିଲା । ସେ ୭୪ ଟି ଟେଷ୍ଟ ଓ ୧୩୯ ଟି ଦିନିକିଆରେ ଅଷ୍ଟ୍ରେଲିଆର ନେତୃତ୍ୱ ନେଇଥିଲେ । ତାଙ୍କ ଅଧିନାୟିକତ୍ୱରେ ଦଳ ୨୦୧୫ ଦିନିକିଆ ବିଶ୍ୱ କପ୍ ଜିତିଥିଲା । ଏହା ପରେ ୨୦୧୩ -୧୪ ଆଶେଷକୁ ମଧ୍ୟ ସେ ୫-୦ରେ ଦଖଲ କରିବାର ଗୌରବ ଅର୍ଜନ କରିଥିଲେ ।

## ସୂଚନା

ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶୁଭେଚ୍ଛା ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

# ଟର୍ଫ ବ୍ୟାଟେଲ୍ସ ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର, ୨୭।୮ (ସବ୍ୟୁ) : ଏସିଆ କପର ଅଜସ୍ର ସ୍ମୃତିକୁ ନେଇ ବିଶିଷ୍ଟ ହକି ଐତିହାସିକ କେ ଅରୁମୁଗମ୍‌ଙ୍କ ଦ୍ୱାରା ଲିଖିତ ଟର୍ଫ ବ୍ୟାଟେଲ୍ସ ପୁସ୍ତକ ଉନ୍ମୋଚିତ ହୋଇଛି । ହକି ଇଣ୍ଡିଆ ସଭାପତି ତଥା ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀଙ୍କ ଉପସ୍ଥିତରେ ବୁଧବାର କଳିଙ୍ଗ ଷ୍ଟାଡିୟମର ହକି କମ୍ପ୍ଲେକ୍ସରେ ଏସିଆ କପ୍ ସ୍ମୃତିକୁ ନେଇ ଟର୍ଫ ବ୍ୟାଟେଲ୍ସର ଲୋକାର୍ପଣ ହୋଇଥିଲା । ଏହି ଅବସରରେ ବିଶିଷ୍ଟ ହକି ଐତିହାସିକ କେ ଅରୁମୁଗମ୍ ୧୯୮୪ ର ଅଦ୍ୟାବଧି ଖେଳାଯାଇଥିବା ୧୦ ଟି ସଂସ୍କରଣ ମଧ୍ୟରୁ ୩ ଥର ଭାରତ ଚାମ୍ପିଅନ ହେବାର ଗୌରବକୁ ମନେ ପକାଇଥିଲେ । ଏ ପୁସ୍ତକରେ ଏସିଆ କପ୍ ହକିରେ ଭାରତର ପ୍ରଦର୍ଶନକୁ ସୁନ୍ଦର ଭାବେ ସେ ବର୍ଣ୍ଣିତ କରିଛନ୍ତି । ଭାରତୀୟ ହକିର କିମ୍ବଦନ୍ତୀ ଭାବେ ଜଣାଶୁଣା ଦିଲ୍ଲୀପ ତିର୍କୀଙ୍କ ପ୍ରଦର୍ଶନକୁ ମଧ୍ୟ ଏହି ପୁସ୍ତକରେ ସ୍ଥାନିତ କରାଯାଇଛି । ଏହି ହକି ଐତିହାସିକ ଅରୁମୁଗମ୍ ଦୀର୍ଘ ସମୟ ଧରି ଭାରତୀୟ ହକି ସହ ଜଡିତ ରହିଥିବା ବେଳେ ଏକାଧିକ ପୁସ୍ତକ ରଚନା କରି ହକିର ଗତ ଗୌରବ ଓ ହୃତଗୌରବକୁ ଜୀବିତ ରଖିଛନ୍ତି । ଏହି ଅବସରରେ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ କହିଛନ୍ତି ଅରୁମୁଗମ୍ ମୋ ଆମ୍ ଜୀବନେ ଅଲିମ୍ପିକ କ୍ୟାପଟେନ୍ ଦିଲ୍ଲୀପ ତିର୍କୀରେ ସମ୍ପୂର୍ଣ୍ଣ ଭାବେ ମୋ କ୍ରୀଡା ଜୀବନକୁ ବର୍ଣ୍ଣିତ କରିଛନ୍ତି । ଦିଲ୍ଲୀପଙ୍କ ଅଧିନାୟିକତ୍ୱରେ ଭାରତ ଆଫ୍ରୋ ଏସିଆନ ଗେମ୍ସରେ ବିଜୟ ଲାଭ କରିଥିଲା । ଗତ ୨୨ ବର୍ଷ ତଳେ ଏହି ପୁସ୍ତକ ଭୁବନେଶ୍ୱରରେ ହିଁ ଉନ୍ମୋଚିତ ହୋଇଥିଲା । ପୁଣି ଥରେ ଅରୁମୁଗମ୍‌ଙ୍କ ଆଉ ଏକ ପୁସ୍ତକ ଭୁବନେଶ୍ୱରରେ ଉନ୍ମୋଚିତ ହୋଇଥିବାରୁ ମୁଁ ଅତ୍ୟନ୍ତ ଖୁସି ବୋଲି ଦିଲ୍ଲୀପ ତିର୍କି କହିଛନ୍ତି । ହକି ଓଡିଶା ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ସହି ଜଡିତ ଥିବାରୁ ମୁଁ ଖୁସି ।ଟର୍ଫ ବ୍ୟାଟେଲ ହକି ଐତିହାସିକ କେ ଅରୁମୁଗମ୍‌ଙ୍କ ୧୫ ତମ ପୁସ୍ତକ । ଏହା ପୂର୍ବରୁ ମାର୍ଚ୍ଚ ଅଫ୍ ଗ୍ଲୋରି ପୁସ୍ତକ ପ୍ରକାଶ ପାଇଥିଲା । ଏହି ପୁସ୍ତକରେ ୧୯୭୫ ବିଶ୍ୱକପ୍ ବିଜୟର କଥା ଉଲ୍ଲେଖ ରହିଛି । ୫ ମାସ ପୂର୍ବରୁ ନୂଆଦିଲ୍ଲୀରେ ଏହି ପୁସ୍ତକ ଦିଲ୍ଲୀପ ତିର୍କୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଟର୍ଫ ବ୍ୟାଟେଲ୍ସରେ ଭାରତୀୟ ଦଳରେ ସ୍ଥାନ ପାଇଥିବା ଆଦିବାସୀ ଖେଳାଳି ଓ ସେମାନଙ୍କ ଦ୍ୱାରା ହୋଇଥିବା ଉଚ୍ଚକୋଟିର ପ୍ରଦର୍ଶନ ଯୋଗୁଁ ଭାରତ କିଭଳି ଏସିଆ କପ୍ ଜିତିପାରିଛି ତାହାର ସୁନ୍ଦର ବର୍ଣ୍ଣନା ହୋଇଛି । ଭାରତର ମାତ୍ର ୬ ଜଣ ଖେଳାଳି ଦୁଇଥର ଲେଖାଏଁ ଏସିଆ କପ୍ ସ୍ୱର୍ଣ୍ଣ ଜିତିବାର ଗୌରବ ଅର୍ଜନ କରିଛନ୍ତି । ଏମାନଙ୍କ ମଧ୍ୟରେ ଆଦିବାସୀ ଅଞ୍ଚଳରୁ ଆସିଥିବା ଦୁଇଜଣ ଦିଲ୍ଲୀକ ତିର୍କୀ ଓ ବିମଲ ଲାକ୍ରା ରହିଛନ୍ତି । ଏତଦ୍ ବ୍ୟତୀତ ଅନ୍ୟ ୩ ଜଣ ଖେଳାଳିଙ୍କ ଦିଲ୍ଲୀପ ତିର୍କୀ ୪ ଥର ଏସିଆ କପ୍‌ରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଛନ୍ତି ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି